

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଗୁରୁବାର ୧୪ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 SEPTEMBER 2023
Vol.No. 35 ■ No. 243■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ଅଡୁଆରେ ଆମେରିକା ରାଷ୍ଟ୍ରପତି

## ଜୋ ବାଇଡେନଙ୍କ ବିରୋଧରେ ଚାଲିବ ମହାଅଭିଯୋଗ ମାମଲା



ନୂଆଦିଲ୍ଲୀ,୧୩/୦୯ : ଅଡୁଆରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ । ଆମେରିକା ପ୍ରତିନିଧିସଭାରେ ରିପବ୍ଲିକାନ ସ୍ପିକର କେବିନ ମେକାର୍ଥୀ ବାଇଡେନଙ୍କ ବିରୋଧରେ ଆସିଥିବା ମହାଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁଅ ହଂଟର ବାଇଡେନର ବ୍ୟବସାୟକୁ ଲାଭ ଦେବା ପାଇଁ ଜୋ ବାଇଡେନ ନିଜ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି । ବିଭିନ୍ନ ଦେଶମାନଙ୍କଠୁ ମିଥ୍ୟା ତଥ୍ୟ ଦେଇ ଅର୍ଥ ଆଣିଛନ୍ତି । କ୍ଷମତାର ଦୁରୁପଯୋଗ, ସରକାରୀ କାମରେ ବାଧା ସୃଷ୍ଟି ଓ ଦୁର୍ନିତୀ ଅଭିଯୋଗ ମଧ୍ୟ ଲାଗିଛି । ସେପଟେ ହଂଟର ବାଇଡେନ ମାମଲାରେ ରାଷ୍ଟ୍ରପତିଙ୍କ କୌଣସି ସମ୍ପୃକ୍ତି ନଥିବା କହିଛି ହ୍ୱାଇଟ ହାଉସ। ବାଇଡେନଙ୍କ ପୁଅ ହଂଟର ବାଇଡେନ ନିଜ ବ୍ୟବସାୟ ପାଇଁ ଚୀନ, କାଜାଗିସ୍ତାନ, ୟୁକ୍ରେନ, ରୁଷ, ଓ ଅନ୍ୟ ଦେଶମାନଙ୍କଠୁ ୨୦ଲକ୍ଷ ମିଲିୟନରୁ ଅଧିକ ଅର୍ଥ ନେଇଛନ୍ତି । ଏହା ପଛରେ ବାଇଡେନଙ୍କ କ୍ଷମତାର ଦୁରୁପଯୋଗ ହୋଇଥିବା ଅଭିଯୋଗ ରହିଛି । ଆମେରିକା ରାଷ୍ଟ୍ରପତିଙ୍କ ବିରୋଧରେ ଦେଶଦ୍ରୋହ, ଲାଂଚ ନେବା ଅଭିଯୋଗ ଓ ଅନ୍ୟ ଅପରାଧକୁ ନେଇ ସମ୍ବିଧାନ ନିୟମ ଅନୁସାରେ ମହାଅଭିଯୋଗ ମାମଲା ଚଳାଯାଇପାରିବ । ଆଗକୁ ରାଷ୍ଟ୍ରପତି ନିର୍ବାଚନ । ଏହା ଭିତରେ ବାଇଡେନଙ୍କ ଉପରେ ଲାଗିଥିବା ଏହି ଅଭିଯୋଗ ଆଗକୁ ସମସ୍ୟା ଆଣିପାରେ ।

# ଆହୁରି ତିନି ଦିନ ପ୍ରବଳ ବର୍ଷିବ: ସତର୍କ କଲା ପାଣିପାଗ କେନ୍ଦ୍ର

ଭୁବନେଶ୍ୱର, ୧୩/୦୯ (ନି.ପ୍ର): ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଜି ପରି ଆସନ୍ତାକାଲି ମଧ୍ୟ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ବର୍ଷା ଆହୁରି ତିନି ଦିନ ଧରି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ଗୁରୁବାର ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଅନୁଗୋଳ, କଟକ, ନୟାଗଡ଼, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

▶▶ପୃଷ୍ଠା ୭

# ପୁଣି ଓଏଏସ୍ ବଦଳି: ଭୁବନେଶ୍ୱର ବିଡିଓ ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶିକ୍ଷା ପରାମର୍ଶଦାତା




ଭୁବନେଶ୍ୱର, ୧୩/୦୯ (ନି.ପ୍ର): ଗତକାଲି ୨୯୫ଜଣ ଓଏଏସ୍ ଅଫିସରଙ୍କ ବଦଳି କରିଥିବା ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ମଧ୍ୟ ବଦଳି କରିଛନ୍ତି । ଭୁବନେଶ୍ୱରର ବିଡିଓ ଓଏଏସ୍ ଅଫିସର ସମ୍ପଦ କୁମାର ଦଳାଇଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା(ଶିକ୍ଷା) ଭାବେ ନିଯୁକ୍ତି ମିଳିଛି । ଶ୍ରୀ ଦଳାଇଙ୍କୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ଜେନେରାଲ ମ୍ୟାନେଜର(ପ୍ରଶାସନ) ଭାବେ ବଦଳିକୁ ବାତିଲ କରାଯାଇ ଏଭଳି ପୁରସ୍କୃତ କରାଯାଇଛି । ତେବେ ଜଣେ ଜୁନିୟର ଓଏଏସ୍ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀ କାହିଁକି ତାଙ୍କର ପ୍ରମୁଖ ଶିକ୍ଷା ପରାମର୍ଶଦାତା ଭାବେ ବାଛିଲେ ତାକୁ ନେଇ ପାୱାର କରିଡରରେ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି । ଆଜି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଗ୍ରାମ୍ୟ ଉନ୍ନୟନ

▶▶ପୃଷ୍ଠା ୭

# ବରଗଡ଼ରେ ସ୍କ୍ରବ ଟାଇଫସ ନେଲାଣି ୫ ମୁଣ୍ଡ

ବରଗଡ଼, ୧୩/୦୯ (ନି.ପ୍ର): ବରଗଡ଼ରେ ବ୍ୟାପୁଛି ସ୍କ୍ରବ ଟାଇଫସ। ଏହି ଭୂତାଣୁ ଜନିତ ରୋଗରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ୫ ଜଣଙ୍କ ଭିତରୁ ସୋହେଲା ବ୍ଲକରୁ ୨ ଜଣ ଥିବା ବେଳେ ଅତାବିରା, ଭେଡେନ୍ ଓ ବରପାଲିରୁ ଜଣେ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ଏବେ ସ୍କ୍ରବ ସାଇଫଲ ଭୂତାଣୁରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ବରଗଡ଼ ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ ଜିଲ୍ଲାରେ ଅଗଷ୍ଟ ୨୩ ତାରିଖ ସୁଦ୍ଧା ୧୭୮ଜଣଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇଥିଲା। ସେଥିରୁ ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଏଥିସହ ସେପ୍ଟେମ୍ବର ମାସ ୧୩ ତାରିଖ ସୁଦ୍ଧା ଆଉ ୧୨୭ ଜଣଙ୍କ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଶରୀରରୁ ସ୍କ୍ରବ ସାଇଫଲ ଠାବ ହୋଇଛି।

▶▶ପୃଷ୍ଠା ୭


# ବାଚସ୍ପତି ନିର୍ବାଚନକୁ ବର୍ଜନ କରିବ କଂଗ୍ରେସ ବିଧାୟକ ଦଳ



ଭୁବନେଶ୍ୱର, ୧୩/୦୯ (ନି.ପ୍ର): ଓଡ଼ିଶା ବିଧାନସଭା ବାଚସ୍ପତି ନିର୍ବାଚନରେ କଂଗ୍ରେସ ବିଧାୟକମାନେ ସାମିଲ ହେବେନି । ପଶ୍ଚିମଓଡ଼ିଶାର ଗଣପର୍ବ 'ନୂଆଖାଇ' ଉତ୍ସବ ପାଳନକୁ ଦୃଷ୍ଟିରେ ରଖି କଂଗ୍ରେସ ବିଧାୟକମାନେ ଚଳିତମାସ ୨୧ତାରିଖରେ ହେବାକୁ ଥିବା ବାଚସ୍ପତି ପଦ ପାଇଁ ନିର୍ବାଚନକୁ ବର୍ଜନ କରିବେ ବୋଲି ସୂଚନା ମିଳିଛି । ପ୍ରଦେଶ କଂଗ୍ରେସ ପକ୍ଷରୁ ଜାରି ସୂଚନା ଅନୁସାରେ, ଆସନ୍ତା ୨୧ତାରିଖରେ ବିଧାନସଭା ବାଚସ୍ପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ୧୮ତାରିଖରେ ପ୍ରାର୍ଥୀପତ୍ର ଦାଖଲର ଦିନ ଧାର୍ଯ୍ୟ ହୋଇଛି । ତେବେ ୨୦ତାରିଖରେ ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଖାଇ ଓ ୨୧ତାରିଖରେ ନୂଆଖାଇ ଭେଟଘାଟ ପାଳନ ହେବାକୁ ଯାଉଛି ।

▶▶ପୃଷ୍ଠା ୭


# ଓଡ଼ିଶାରେ ଗୁମାସ୍ତା ଶାସନ ଚାଲିଛି : ନରସିଂହ



ଭୁବନେଶ୍ୱର, ୧୩/୦୯ (ନି.ପ୍ର): ମଙ୍ଗଳବାର ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜୁ ଜନତା ଦଳ (ବିଜେଡ଼ି)ର ସଭାପତି ନବୀନ ପଟ୍ଟନାୟକ ଉପସଭାପତି ପଦରୁ ହଟାଇବା ନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଛି। ସୌମ୍ୟଙ୍କ ଉପରେ ବିଜେଡିର କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀ ଦଳର ନେତାମାନେ ଘେରିଛନ୍ତି। ଏନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ତାଙ୍କର ବୟାନ ଦେଇ କହିଛନ୍ତି, ''ଓଡ଼ିଶାରେ ଗଣତନ୍ତ୍ର ନୁହେଁ, ଗୁମାସ୍ତା ଶାସନ ଚାଲିଛି। ଓଡ଼ିଶାରେ ଏବେ ବିପର୍ଯ୍ୟସ୍ତ ସ୍ଥିତି। ଦଳରେ ସେମାନେ କାହାକୁ ରଖିବେ କାହାକୁ କାଢ଼ିବେ ତାହା ତାଙ୍କ ଦଳ ଉପରେ ନିର୍ଭର କରେ।

▶▶ପୃଷ୍ଠା ୭

# ମନ୍ତ୍ରୀ ଅଶ୍ୱିନୀଙ୍କୁ ଦଳରୁ ଜୋରଦାର ବିରୋଧ



**ନେତୃତ୍ୱ ପରିବର୍ତ୍ତନ ନହେଲେ କର୍ମୀଙ୍କ ବିଦ୍ରୋହ ଚେତାବନୀ, ବିଜେଡି ବ୍ୟାନରରେ ସମାନ୍ତରାଳ ସମାବେଶ ବଢାଇଲା ଅଡୁଆ**

ଜଳେଶ୍ୱର, ୧୩/୦୯ (ନି.ପ୍ର): ନିଜ ଘର କଥା ତ ମନ୍ତ୍ରୀ ସମ୍ଭାଳି ପାରୁନାହାନ୍ତି, ଜିଲ୍ଲା ସଂଗଠନ ବୁଝିବେ କଣ ? ଜଳେଶ୍ୱରଠୁ ସିମୁଳିଆ; ସବୁ ନିର୍ବାଚନ ମଣ୍ଡଳୀରେ ଅସନ୍ତୋଷ ଓ ବିଦ୍ରୋହର ନିଆଁ। ଦଳ ଭିତରେ ଖାଲି ସମାନ୍ତରାଳ ଗୋଷ୍ଠୀ ମୁଣ୍ଡ ଟେକିନାହାନ୍ତି, ନେତୃତ୍ୱଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅନୁଗତ ବିଦ୍ରୋହୀ ଗୋଷ୍ଠୀ। ଯେଉଁମାନେ ପଦୁଟିଏ କହିବାକୁ ସାହସ କରୁନଥିଲେ, ସବୁ କଥାରେ ହଁ ଭରୁଥିଲେ; ଏବେ ସେମାନେ ଆଖିକୁ ଆଖି ମିଳାଇ ଯୁଦ୍ଧଂ ଦେହି ଡାକରା ଦେଲେଣି। ନିଜ ନିର୍ବାଚନମଣ୍ଡଳୀ ଜଳେଶ୍ୱରରେ ଏମିତି ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି ରାଜ୍ୟ ଅବକାରୀ, ଭାଷା-ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର। ବାଲେଶ୍ୱର ଜିଲ୍ଲାରେ ଶାସକ ବିଜେଡିର ସବୁଠୁ ଟାଣୁଆ ନେତା ହେଉଛନ୍ତି ଅଶ୍ୱିନୀ। ଏବେ ତାଙ୍କ ମୁଣ୍ଡ ଉପରେ ଜିଲ୍ଲା ସଙ୍ଗଠନର ଗୁରୁଦାୟିତ୍ୱ। ଜଳେଶ୍ୱରରୁ ଚାରିଚାରି ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଅଶ୍ୱିନୀଙ୍କୁ ଗଲା ବର୍ଷେ ଧରି ନିଜ ଦଳରୁ ପ୍ରବଳ ବିରୋଧର ସାମ୍ନା କରିବାକୁ ପଡୁଛି। ଦଳରେ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଠିକାଦାରୀ, ବାଲିମାଫିଆଙ୍କୁ ଅନୁକମ୍ପା, ଉନ୍ନୟନମୂଳକ କାମରେ ବ୍ୟାପକ ଦୁର୍ନୀତି, ମନ୍ତ୍ରୀ ଥିବା ସତ୍ତ୍ୱେ ନିର୍ବାଚନମଣ୍ଡଳୀରେ ଆଖିଦୃଶିଆ ବିକାଶ କାମ ନ ହୋଇପାରିବା ଆଦିକୁ ପ୍ରସଙ୍ଗ କରିଛନ୍ତି ନିଜ ଦଳର ନେତା ଓ କର୍ମୀ। ମନ୍ତ୍ରୀଙ୍କ ଦୁର୍ବଳ ଲୋକସଂପର୍କ, ଏକପାଖିଆ ତଥା ପାତରଅନ୍ତର ବ୍ୟବହାରରେ ଅତିଷ୍ଠ

▶▶ପୃଷ୍ଠା ୭

# ମୋଦୀଙ୍କ ବିରୋଧରେ କେମିତି ଲଢ଼ିବ 'ଇଣ୍ଡିଆ' ?

## ସିଟ୍ ଭାଗବଂଟାକୁ ନେଇ ସହଯୋଗୀଙ୍କ ମତଭେଦ



ନୂଆଦିଲ୍ଲୀ,୧୩/୦୯ :ଦିଲ୍ଲୀରେ ଶରଦ ପାୱାରଙ୍କ ଘରେ ବୈଠକ । ଇଣ୍ଡିଆ ମେଂଟର ସମନ୍ୱୟ କମିଟି ବୈଠକରେ ଆସନ ବୁଝାମଣା ପାଇଁ ପ୍ରୟାସ ଆରମ୍ଭ ହୋଇଛି । କମିଟି ଗଠନ ହେବା ପରେ ପ୍ରଥମଥର ପାଇଁ ବୈଠକ ବସିଛି । ବିଭିନ୍ନ କାରଣରୁ କମିଟିର ୧୪ ଜଣ ସଦସ୍ୟଙ୍କ ମଧ୍ୟରୁ ହେମନ୍ତ ସୋରେନ୍, ଅଭିଷେକ ବାନାର୍ଜୀ ଓ ଡି. ରାଜା ଯୋଗ ଦେଇନଥିବା ଜଣାପଡିଛି । ସେପ୍ଟେମ୍ବର ୧ ତାରିଖରେ ମୁମ୍ବାଇ ବୈଠକରେ ସମନ୍ୱୟ କମିଟି ବୈଠକ ପାଇଁ ନିଷ୍ପତି ହୋଇଥିଲା । ଆଗାମୀ ୨୦୨୪ ଲୋକସଭା ନିର୍ବାଚନରେ ବିରୋଧୀ ଇଣ୍ଡିଆ ମେଂଟ ସହମତିରେ ପ୍ରାର୍ଥୀ ଦେବାକୁ ସଂକଳ୍ପ ପାରିତ କରିଥିଲେ । ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଆଖିରେ ରଖି ଆସନ ବୁଝାମଣା ପାଇଁ ମେଂଟ ସହଯୋଗୀ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି ମତ ଦେଇଥିଲେ । ହେଲେ ବିଭିନ୍ନ ରାଜ୍ୟରେ କିଭଳି ଏହି ଆସନ ବୁଝାମଣା ହେବ ତାକୁ ନେଇ ଦ୍ୱନ୍ଦ୍ୱ ରହିଛି । ବିଶେଷ କରି ପଶ୍ଚିମବଙ୍ଗ, କେରଳ, ଦିଲ୍ଲୀ, ହରିଆଣା, ପଞ୍ଜାବ, ବିହାର, ଉତର ପ୍ରଦେଶ, ମହାରାଷ୍ଟ୍ରରେ ଆଂଚଳିକ ଦଳର ମନ ମିଶିବା ନେଇ ସନ୍ଦେହ ରହିଛି । କେଜ୍ରିୱାଲ... ପଞ୍ଜାବରେ ଏକାକୀ ଲଢିବା ନେଇ ଆମ ଆଦ୍ମୀ ପାର୍ଟି ଘୋଷଣା କରିବାର ସପ୍ତାହକ ପରେ ହରିଆଣା କଂଗ୍ରେସର ବଡ଼ ଘୋଷଣା। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା କହିଛନ୍ତି- ହରିଆଣାରେ କଂଗ୍ରେସ ଏକାକୀ ଲଢିବାକୁ ସମର୍ଥ । ୨୦୨୪ ଲୋକସଭା ନିର୍ବାଚନରେ ହରିଆଣାରେ କଂଗ୍ରେସ ସମସ୍ତ ୧୦ ଲୋକସଭା ଆସନରେ ପ୍ରାର୍ଥୀ ଦେବ। ନିକଟରେ ଆଦମପୁର ବିଧାନସଭା ଉପନିର୍ବାଚନରେ ଆପ୍ ପ୍ରାର୍ଥୀ ପରାଜିତ ହୋଇଥିବାରୁ ରାଜ୍ୟରେ ଆସନ ବୁଝାମଣା ନେଇ ଅମଙ୍ଗ ହେଉଛନ୍ତି କଂଗ୍ରେସ ନେତା । ପୂର୍ବରୁ ଆମ ଆଦମୀ ପାର୍ଟି ମଧ୍ୟ ସମାନଧରଣର ବୟାନ ଦେଇଥିଲା । ସେପ୍ଟେମ୍ବର ୬ ତାରିଖରେ ପଞ୍ଜାବ ମନ୍ତ୍ରୀ ଅନମୋଲ ଗଗନ ମାନ୍ କହିଥିଲେ- ପଞ୍ଜାବରେ କଂଗ୍ରେସ ସହ କୌଣସି ଆସନ ଭାଗବଂଟା କରିବ ନାହିଁ ଆମ୍ ଆଦ୍ମୀ ପାର୍ଟି । ୨୦୨୪ ଲୋକସଭା ନିର୍ବାଚନରେ ଆପ୍ ଏକାକୀ ଲଢ଼େଇ କରିବ ।

▶▶ପୃଷ୍ଠା ୭

# ମିଡିଆ ଟ୍ରାଏଲକୁ ନେଇ କଠୋର ହେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୩/୦୯ : ଅପରାଧିକ ମାମଲାରେ ମିଡିଆ ଟ୍ରାଏଲକୁ ନେଇ ସୁପ୍ରିମକୋର୍ଟ ବଡ ଦଖଲ ଦେଇଛନ୍ତି । କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି, ପୋଲିସ ମିଡିଆ ବ୍ରିଫିଂ ଉପରେ ବିସ୍ତୃତ ଗାଇଡଲାଇନ ପ୍ରସ୍ତୁତ କରାଯାଉ। ଦୁଇମାସ ମଧ୍ୟରେ ଗଣମାଧ୍ୟମ ବ୍ରିଫିଂ ସମ୍ପର୍କିତ ମାନୁଆଲ ପ୍ରସ୍ତୁତ କରିବାକୁ କୋର୍ଟଙ୍କ ତରଫରୁ ଗୃହମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ରାଜ୍ୟର ଡିଜିପି ଏକମାସ ମଧ୍ୟରେ ଗୃହ ମନ୍ତ୍ରଣାଳୟକୁ ପରାମର୍ଶ ଦେବେ । ୨୦୨୪ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଏହି ମାମଲାର ଶୁଣାଣି ହେବ । ଏହି ମାମଲାର ଶୁଣାଣି ସମୟରେ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୁଡ କହିଛନ୍ତି ଯେ ଗଣମାଧ୍ୟମ ଶୁଣାଣି ଦ୍ୱାରା ନ୍ୟାୟ ପ୍ରଶାସନ ପ୍ରଭାବିତ ହେଉଛି । ପୋଲିସରେ ସମ୍ବେଦନଶୀଳତା ଆଣିବା ଜରୁରୀ। କେଉଁ ପର୍ଯ୍ୟାୟରେ ତଦନ୍ତର ବିବରଣୀ ପ୍ରକାଶ କରିବାର ଆବଶ୍ୟକତା ରହିଛି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପସଙ୍ଗ । କାରଣ ଏହା ପୀଡିତ ବା

▶▶ପୃଷ୍ଠା ୭

# ଧର୍ମଶାଳା ବିଧାୟକଙ୍କ ଦ୍ୱାରା ୪୦୭୩ ନୂତନ ହିତାଧିକାରୀଙ୍କୁ ଭତ୍ତା ବଂଟନ

ଧର୍ମଶାଳା, ୧୩/୦୯ (ନି.ପ୍ର): ଆଜି ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକ୍‌ର ୪୫ ଗୋଟି ପଂଚାତରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂତନ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଭତା ବଂଟନ କରାଯାଇଛି । ଧର୍ମଶାଳା ବ୍ଲକର ସର୍ବମୋଟ ୪୦୭୩ ହିତାଧିକାରୀଙ୍କୁ ଆଜି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ବୃଦ୍ଧା, ବିଧବା, ଭିନ୍ନକ୍ଷମଙ୍କୁ ୬ ଗୋଟି ସ୍ଥାନରେ ଭତା ବଂଟନ କରିଥିଲେ । ଆଜି ସକାଳ ୯ ଘଟିକା ସମୟରେ କଠୋଣି ମଠ ପରିସରରେ ୧୨ନଂ ଜୋନର ୯ ଗୋଟି ପଂଚାୟତର ମୋଟ ୭୨୯ ହିତାଧିକାରୀଙ୍କୁ ଭତା ବଂଟନ କରିଥିବା ବେଳେ ସକାଳ ୧୧ଘଟିକା ସମୟରେ ୧୧ନଂ ଜୋନର ରେଖିଦେଇପୁରଠାରେ ଏଣ୍ଡଳବା, ତାଳଜଙ୍ଗ, ରେଖିଦେଇପୁର ଓ ରାଇଛନ୍ଦା ପଂଚାୟତର ମୋଟ ୫୪୮ ଜଣ ,୧୧ନଂ ଜୋନର ମର୍ଜିତାପୁର କଲ୍ୟାଣ ମଣ୍ଡପଠାରେ ଚକ୍ରଧରପୁର, ମର୍ଜିତାପୁର, ଅଞ୍ଜିରା, ମଧୁସୁଦନପୁର ଓ କବାଟବନ୍ଧ ପଂଚାୟତର ମୋଟ ୫୮୪ ଜଣ, ୧୫ ନଂ ଜୋନର କୋତପୁର ପଂଚାୟତସ୍ଥ କଲ୍ୟାଣ ମଣ୍ଡପଠାରେ ଏହି ଜୋନର ୮ଗୋଟି ପଂଚାୟତର ମୋଟ ୮୨୫ ଜଣ , ଅପରାହ୍ନରେ ୧୩ନଂ ଜୋନର ଧର୍ମଶାଳା ଭବନଠାରେ ୧୦ ଗୋଟି ପଂଚୟାତର ମୋଟ ୬୩୬ ଜଣ ଓ ୧୪ନଂ ଜୋନର କଳ୍ପତରୁ ଦାସ ଷ୍ଟାଡିମୟଠାରେ ଏହି ଜୋନର ୯ଗୋଟି ପଂଚାୟତର ମୋଟ ୭୫୧ ଜଣ ହିତାଧିକାରୀଙ୍କୁ ଭତା ବଂଟନ କରିଥିଲେ । କାର୍ଯ୍ୟକ୍ରମରେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ଅତିରିକ୍ତ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ତାପସ କୁମାର ବେହେରା, ରାଜଲକ୍ଷ୍ମୀ ମହାପାତ୍ର ଓ ସମସ୍ତ ସରକାରୀ ନୋଡାଲ ଅଫିସର ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ପଂଚାୟତ ସମିତିର ୪୫ଗୋଟି ପଂଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୩/୦୯ (ନି.ପ୍ର): ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବ୍ଲକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକମାନଙ୍କ ପାଇଁ ସାତଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀମତୀ ଅଶ୍ୱଥୀ. ଏସ, ଉଦ୍‌ଘାଟନ କରି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପରିବର୍ତ୍ତିତ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ଏଫଏଲ୍‌ଏନ୍ ମଡେଲ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବ୍ଲକରେ ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବା ପାଇଁ ଶିକ୍ଷକ ପ୍ରଶିକ୍ଷକଙ୍କ ଦାୟିତ୍ୱ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଜ୍ୟୋତି ରଞ୍ଜନ ମିଶ୍ର, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଅଧକ୍ଷ ପ୍ରଫେସର ପି. ସି. ଅଗ୍ରୱାଲ, ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ପାଢୀଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା ୯୬ ଜଣ ଶିକ୍ଷକ ପ୍ରଶିକ୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଶ୍ରୀ ମନୋଜ କୁମାର ପାଢୀ ସମସ୍ତ ଅତିଥି ଓ ଶିକ୍ଷକ ପ୍ରଶିକ୍ଷକମାନଙ୍କୁ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହାପରେ ଶ୍ରୀ ଜ୍ୟୋତି ରଞ୍ଜନ ମିଶ୍ର ପ୍ରାକ ସେବାକାଳୀନ ଓ ସେବାକାଳୀନ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଗୁଣବତ୍ତା ଶିକ୍ଷକ ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣ ଶୈଳୀ, ଜ୍ଞାନ ଓ କୌଶଳ ଉପରେ ନିର୍ଭର କରେ ବୋଲି ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଶ୍ରୀମତୀ ଶୁଭଶ୍ରୀ ନନ୍ଦ ତାଙ୍କର ଅଭିଭାଷଣରେ ଗୁରୁ ଓ ଶିଷ୍ୟର ପରମ୍ପରା ଉପରେ ଗୁରୁତ୍ୱ ଦେବା ସହିତ ଶିଖିବାର ଧାରା ସବୁ ସମୟରେ ଉଜ୍ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରଫେସର ପି. ସି. ଅଗ୍ରୱାଲ ଜାତୀୟ ଶିକ୍ଷା ନୀତି ୨୦୨୦ରେ ଉଲ୍ଲେଖିତ ଶିକ୍ଷକ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏକ ବିଂଶ ଶତାବ୍ଦୀର ଶିକ୍ଷାର୍ଥୀ ପ୍ରସ୍ତୁତ କରିବା ପାଇଁ ଶିକ୍ଷକମାନଙ୍କ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶିକ୍ଷକ ଶିକ୍ଷା ସମ୍ପର୍କିତ ବିଷୟ ବସ୍ତୁ ଉପରେ ତାତ୍ତ୍ୱିକ ଆଲୋଚନା ହେବା ସହିତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା ଓ ବିଭିନ୍ନ ଶୈକ୍ଷିକ ଅନୁଷ୍ଠାନର କାର୍ଯ୍ୟାବଳୀକୁ ଅନୁଧ୍ୟାନ କରିବା ସହିତ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟାବଳୀକୁ ଅନୁଧ୍ୟାନ କରିବା ଏବଂ ପ୍ରତିଦିନ ସକାଳେ ଯୋଗ, ପ୍ରାଣାୟମ ଆଦି କରାଯିବାର ବ୍ୟବସ୍ଥା ରହିଛି । ଏଥି ସହିତ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା 'ତତୋଚାନ' ପୁସ୍ତକ ପଠନ, ବିଶ୍ଳେଷଣ ଓ ଆଲୋଚନା କରାଯିବ ଏବଂ ଶିକ୍ଷଣୀୟ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ।

# ବର୍ଷାରେ ଘରେ ଘରେ ପଶିଲା ପାଣି

ଜୟପୁର, ୧୩/୦୯ (ନି.ପ୍ର): ଜୟପୁରରେ ପ୍ରବଳ ବର୍ଷା ହୋଇଥଲା । ଫଳରେ ଜୟପୁର ନିକଟ ସୌରାଗୁଡାରେ ପ୍ରାୟ ୩୦ ଘରେ ବର୍ଷା ପାଣି ପଶିଯାଇଥିଲା । ଏନେଇ ଆଜି ଜୟପୁର ବିଡିଓ ରାଜୀବ ଦାସ, ପିଇଓ ଶ୍ରୀନିବାସ ପଟ୍ଟନାୟକ, ସରପଂଚ ସବିତା ନାୟକ, ରାସ୍ତା ଓ ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣୀ ଯାଇ ସମୀକ୍ଷା କରିଛନ୍ତି । ଏୟାର ପୋର୍ଟ ପାଇ ଏପରି ଅବସ୍ଥା ଉପୁଜିଥିବା ଗ୍ରାମବାସୀ ମାନେ ଉପସ୍ଥିତ ଅଧିକାରି ମାନଙ୍କ ନିକଟରେ ଅଭିଯୋଗ କରିଥିଲେ । ଏନେଇ ରାସ୍ତା ଓ ଗୃହ ବିଭାଗ ତରଫରୁ ପାଣି ନିଷ୍କାସନ ପାଇଁ ଦୁଇଟି ଡ୍ରେନ କରାଯାଇଥିଲ । ଆଗୁଆ ପଦକ୍ଷେପ ହିସାବରେ ମେସିନ ମଧ ରଖାଯାଇ ଥିବା ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣୀ ସୂଚନା ଦେଇଛନ୍ତି । ସେହିପରି ଜୟପୁର ସହରର ପାରାବେଡା ଶ୍ରୀରାମ ନଗର, ଆଦର୍ଶ ନଗର, ଜୟନଗର , ବିଜୁ ରାଜ ନଗର ଆଦି ଅଂଚଳରେ ଘରେ ଘରେ ପାଣି ପଶିଥିଲା । ଏନେଇ ଆଜି ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯାଇ ସମୀକ୍ଷା କରିବା ସହ ସାହି ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି ।

# ଗାଙ୍ଗପଡାରେ ବିଜେପିର ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୩/୦୯ (ନି.ପ୍ର): ଜିଲ୍ଲା ବିଜେପି ଶାଖା ତରଫରୁ ପଥରକଣୀ ମଣ୍ଡଳ ଜୋନ ନଂ ୭ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଗଗୁଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ମଣ୍ଡଳ ସଭାପତି ଦୟାନିଧି ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ସୁନାକର ବେହେରା, କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ବିସ୍ତାରକ ରାଜେଶ ଦାସ, ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ କରିବା ପାଇଁ ବୁଥ୍ ଗୁଡିକୁ ସଶକ୍ତ କରିବା ସହ କେନ୍ଦ୍ର ସରକାର ଙ୍କର ନାନା ପ୍ରକାରର ଜନ କଲ୍ୟାଣ ଯୋଜନା ଗୁଡିକୁ ଲୋକମାନଙ୍କ ପାଖରେ ପହଁଚାଇବା ପାଇଁ ପରାମର୍ଶ ଦେଇଥିଲେ । ଏଥି ସହିତ ଦଳ ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଓ ପଂଚାୟତରେ ନାନା ଦୁର୍ନିତି, ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନକୁ ଶାଣିତ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚାର ବିଚିତ୍ର କୁମାର ପ୍ରଧାନ, ରମେଶ ପ୍ରଧାନ, ବିଜୟ ମହାନ୍ତି, ସଂଗ୍ରାମ ଜେନା, ଦେବ ପ୍ରସାଦ ଧଳ ପ୍ରମୁଖ ଉପସ୍ଥିତ ରହି ଗଗୁଆ ଗ୍ରାମରେ ମୋ ମାଟି ଓ ମୋ ଦେଶ କାର୍ଯ୍ୟକ୍ରମରେ ଅମୃତ କଳସ ଧରି ମାଟି ଓ ଚାଉଳ ସଂଗ୍ରହ କରିଥିଲେ ।

# ବଲାଙ୍ଗୀର ଜିଲ୍ଲାସ୍ତରୀୟ ବେଂଚ ପ୍ରେସ ଓ ଡେଡଲିଫ୍ଟ ଚମ୍ପିୟାନସିପ

ବଲାଙ୍ଗୀର, ୧୩/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଜିମନାଷ୍ଟିକ ଆସୋସିଏସନ(ବିଡିଜିଏ) ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ପାଠାଗର ପରିସରରେ ଜିଲ୍ଲା ସ୍ତରୀୟ ବେଂଚପ୍ରେସ ଓ ଡେଡଲିଫ୍ଟ ଚମ୍ପିୟାନସିପ୍ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲା ର ବିଭିନ୍ନ ସ୍ଥାନରୁ ତଥା ସହରର ବିଭିନ୍ନ କ୍ଲବର ସଭ୍ୟମାନେ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡେଇ, ସମ୍ମାନୀତ ଅତିଥି ଭାବରେ ଗାନ୍ଧୀ ପାଠାଗାରର ସଭାପତି ପ୍ରକାଶ ନେପାକ, ଅତିଥି ଭାସ୍କର ରାଓ, ଗୋପାଳ ସୁନା ଏବଂ ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ସତ୍ୟନାରାୟଣ ଦର୍ଜି, ଭାସ୍କର ରାଓ ପ୍ରମୁଖ ମଂଚାସିନ ଥିଲେ । ମୁଖ୍ୟ ଆୟୋଜକ ସଞ୍ଜୟ ଶତପଥି(ବୁଲୁ) ସମସ୍ତ ଅତିଥି, ବିଚାରକ ଓ ଅଫିସିଆଲମାନଙ୍କୁ ମୋମେଣ୍ଟୋ ପ୍ରଦାନ କରିଥିଲେ । ମହିଳା ବେଂଚପ୍ରେସ ପ୍ରତିଯୋଗିତା ୫୯ କେଜି ବିଭାଗରେ ପ୍ରଥମ ଅର୍ଚ୍ଚନା ଚୌହାନ, ୭୬ କେଜି ବିଭାଗରେ ପ୍ରଥମ ନିତୁ ଡୁଙ୍ଗଡୁଙ୍ଗ, ଦ୍ୱିତୀୟ ଶୁଭଶ୍ରୀ ଗରୁଡ, ତୃତୀୟ ଲିପ୍‌ସା ମେହେର, ଡେଡ୍‌ଲିଫ୍ଟ ୬୨ କେଜି ବିଭାଗରେ ପ୍ରଥମ ଗୁଞ୍ଜନ ପାଣିଗ୍ରାହୀ, ଦ୍ୱିତୀୟ ଅର୍ଚ୍ଚନା ଚୌହାନ, ତୃତୀୟ ଗିତାଞ୍ଜଳି ମିଶ୍ର, ଚତୁର୍ଥ ରୋଜି ବାଗ, ୬୮ କେଜି ବିଭାଗରେ ପ୍ରଥମ ନିତୁ ଡୁଙ୍ଗଡୁଙ୍ଗ, ଦ୍ୱିତୀୟ ସରିନା ଡୁଙ୍ଗଡୁଙ୍ଗ, ତୃତୀୟ ଲିପ୍?ସା ମେହେର,ଷ୍ଟ୍ରଙ୍ଗ ଓମେନ୍ ଚମ୍ପିୟାନ ନିତୁ ଡୁଙ୍ଗଡୁଙ୍ଗ ହାସଲ କରିଥିଲେ । ପୁରୁଷ ବେଂଚପ୍ରେସ ୫୨ କେଜି ବିଭାଗରେ ପ୍ରଥମ ସାହିଲ ସ୍ୱାଇଁ, ଦ୍ୱିତୀୟ ହେମନ୍ତ ନାଗ, ୫୯ କେଜି ବିଭାଗରେ ପ୍ରଥମ ବିଶ୍ୱଜିତ ସୁନା, ଦ୍ୱିତୀୟ ଛୋଟୁ ଯାଦବ, ତୃତୀୟ ଧିରଜ କୁମାର ମେହେର, ୬୬ କେଜି ବିଭାଗରେ ପ୍ରଥମ ମିଳନ ନାଗ, ଦ୍ୱିତୀୟ ଆଦିତ୍ୟ ତାଣ୍ଡି, ତୃତୀୟ କାଶି ବୁଦ୍ଧିଆ ଓ ବିଷ୍ଣୁ ନାଏକ, ୭୪ କେଜି ବିଭାଗ ରେ ପ୍ରଥମ ଯୁବରାଜ ବରୁଆ, ଦ୍ୱିତୀୟ ଆଲୋକ ସାଗର, ତୃତୀୟ ସିଧାର୍ଥ ପାଢିରି, ୮୩ କେଜି ବିଭାଗରେ ପ୍ରଥମ ଆନନ୍ଦ ଛତର, ଦ୍ୱିତୀୟ ଉଦୟନାଥ ମହାରଥା, ତୃତୀୟ ଶିବୁ ରାଉତ, ଡେଡଲିଫ୍ଟ ବିଭାଗରେ ୫୨ କେଜି ବିଭାଗରେ ପ୍ରଥମ ହେମନ୍ତ ନାଗ, ଦ୍ୱିତୀୟ ସାହିଲ ସ୍ୱାଇଁ, ୫୯ କେଜି ବିଭାଗରେ ପ୍ରଥମ ଧିରଜ କୁମାର ମେହେର, ଦ୍ୱିତୀୟ ଛୋଟୁ ଯାଦବ, ୬୬ କେଜି ବିଭାଗରେ ପ୍ରଥମ କାଶି ବୁଦ୍ଧିଆ, ଦ୍ୱିତୀୟ ଆଦିତ୍ୟ ଅନୁରାଗ ମାଝି, ତୃତୀୟ ନିଖିଲ ସୁନା, ଚତୁର୍ଥ ସେକ୍ ଅକତର, ୭୪କେଜି ବିଭାଗରେ ପ୍ରଥମ ଆଲୋକ ସାଗର, ଦ୍ୱିତୀୟ ସୁଧାଂଶୁ ଶେଖର ସାହୁ, ତୃତୀୟ ଅସ୍ତିକ ରାଜସ୍ୱି, ୭୯ କେଜି ବିଭାଗରେ ପ୍ରଥମ ଶ୍ରୀମନ କୁମାର, ଦ୍ୱିତୀୟ ସନାତନ ପଟ୍ଟନାୟକ, ତୃତୀୟ ଓମ୍‌କାର ଡାଙ୍ଗ ଓ ବଦ୍ରିନାଥ ମହାରଥା, ଷ୍ଟ୍ରଙ୍ଗ ମେନ ଆଲୋକ ସାଗରଙ୍କୁ ଚମ୍ପିୟାନ ଅଫ୍ ଚମ୍ପିୟାନ ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାକୁ ସଫଳ କରିବାରେ ସଭ୍ୟ ଜିତେନ୍ଦ୍ର ନାଗ, ଅନିଲ ନାଏକ, ସାର୍ଥକ ଶ୍ରୀବାସ୍ତବ, ବବନ ମିଶ୍ର, ନିକେଶ କୁମାର, ରାମ ସିଂହ ପ୍ରମୁଖ ସହଯୋଗ କରିଥିଲେ ।

# ଜୟରାମ ଲେଙ୍କାଙ୍କ ବିୟୋଗରେ ଶୋକ

ସମ୍ବଲପୁର, ୧୩/୦୯ (ନି.ପ୍ର): ସାରସ୍ୱତ କଲୋନୀ ବିକାଶ ସମିତିର ସକ୍ରିୟ ସଦସ୍ୟ ତଥା ସତ୍ୟସାଇ ଦତାତ୍ରେୟ ମନ୍ଦିରର କାର୍ଯ୍ୟକର୍ତା ଏବଂ ଅନୁସୁଚିତ ଜାତି ଜନଜାତି ୱେଲଫେୟାର ବିଭାଗ କର୍ମଚାରୀ ଜୟରାମ ଲେଙ୍କାଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଦତାତ୍ରେୟ ମନ୍ଦିରରେ ପ୍ରାର୍ଥନା ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ହୃଦଘାତ୍ ଘଟିବାରୁ ଜୟରାମଙ୍କର ପରଲୋକ ହୋଇଯାଇଥିଲା । ସ୍ୱଭାବରେ ସେ ଜଣେ ଅତି ଶାନ୍ତ ଓ ସରଳ ବ୍ୟକ୍ତିତ୍ୱ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଆସୁଥିବାରୁ ସାରସ୍ୱତ କଲୋନୀ ସହ ସମଗ୍ର ଗୋବିନ୍ଦତୋଲା ଅଂଚଳରେ ସମସ୍ତଙ୍କର ପ୍ରିୟଭାଜନ ଥିଲେ । ତାଙ୍କର ଅକାଳ ବିୟୋଗରେ ସାରସ୍ୱତ କଲୋନୀ ବିକାଶ ସମିତିର ସଦସ୍ୟମାନେ ତାଙ୍କ ଅମର ଆତ୍ମାର ସଦଗତି କାମନାରେ ମନ୍ଦିରରେ ପ୍ରାର୍ଥନା କରିବା ସହ ସ୍ତୁତିଚାରଣ କରିଥିଲେ ।

# କସିଗାଡ଼ା ବିଏସଏଫ କ୍ୟାମ୍ପ ନିକଟରେ ଓଲଟିଲା କାଠ ବୋଝେଇ ଟ୍ରକ୍

ମାଲକାନଗିରି, ୧୩/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ -ବୈପାରଗୁଡା ରାସ୍ତାର କସିଗାଡ଼ା ବିଏସଏଫ କ୍ୟାମ୍ପ ନିକଟରେ ଓଲଟିଲା ନୀଳଗିରି କାଠ ବୋଝେଇ ଟ୍ରକ । ଫଳରେ ୧୧ ଘଣ୍ଟାରୁ ଅଧିକ ହେବ ଯାତାୟତ ବାଧାପ୍ରାପ୍ତ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି ଶହଶହ ଗାଡ଼ି । ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଯିବାକୁ ଯୋଗାଯୋଗ ବନ୍ଦ ରହିଛି । ଗତକାଲି ରାତିରେ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଏକ କାଠ ବୋଝେଇ ଟ୍ରକ ଆନ୍ଧ୍ରପ୍ରଦେଶ ଭଦ୍ରାଚଲମ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ସକାଳେ ସେଠାରେ ବସ ପହଂଚିବା ପରେ ଭାରତୀୟ ରେଡକ୍ରସ୍ ସୋସାଇଟି ର ରାମକୃଷ୍ଣ ଚୌଧୁରୀ ଓ ତାଙ୍କ ଟିମ୍ ଟ୍ରକ ର କାଠ ଯାହା ରାସ୍ତା ଅବରୋଧ କରିଥିଲା, ରାସ୍ତାରୁ ହଟାଇବାକୁ ଲାଗିପଡିଲେ । ଏଥିରେ କାଠ ଲୋଡ କରୁଥିବା ତେଲୁଗୁ ଶ୍ରମିକ ମଧ ତାଙ୍କୁ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟ ସାରିବାକୁ ପ୍ରାୟ ୩ ଘଂଟା ଲାଗିଥିଲା । ପୋଲିସ ବିଭାଗ କ୍ରେନ୍ ଆଣି ଓଲୋଟି ପଡ଼ିଥିବା ଟ୍ରକ୍ ଏକତରଫା ଟାଣିବା ପରେ ରାସ୍ତାରେ ଯିବା ଆସିବା ସ୍ୱାଭାବିକ ହୋଇଥିଲା ।

# ବେଣୁଧର ଛୋଟରାୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତରିତ ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଖୋର୍ଦ୍ଧା, ୧୩/୦୯ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ହାଡ଼ପଦା ଠାରେ ଥିବା ବେଣୁଧର ଛୋଟରାୟ ଚିକିତ୍ସା ସଦନ ( ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ ରୂପାନ୍ତରିତ କରିବା ଦାବିରେ ମଙ୍ଗଳବାର ସ୍ଥାନୀୟ ଅଂଚଳବାସୀ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତେବେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆଖପାଖ ପଂଚାୟତ ସମେତ ପୁରୀ ଜିଲ୍ଲା କଣାସ ବ୍ଲକର କେତେକ ପଂଚାୟତର ଲୋକମାନେ ଏହି ସ୍ୱାସ୍ଥ୍ୟ ସଦନକୁ ଆସି ଚିକିତ୍ସିତ ହେଉଛନ୍ତି । ସାଧାରଣତଃ ବନ୍ୟା ବାତ୍ୟା ସମୟରେ ବନ୍ୟାପ୍ଲାବିତ ଅଂଚଳବାସୀ ଏହି ସ୍ୱାସ୍ଥ୍ୟ ସଦନ ଉପରେ ନିର୍ଭର କରିଥା'ନ୍ତି । କିନ୍ତୁ ବିଡମ୍ବନାର ବିଷୟ ଏହି ସ୍ୱାସ୍ଥ୍ୟ ସଦନରେ ଦୀର୍ଘ ଦିନ ହେଲା ସ୍ଥାୟୀ ଡାକ୍ତର ନାହାନ୍ତି । ଜଣେ ଡାକ୍ତର ପାଳିରେ ସପ୍ତାହକୁ ଦିନେ ଦୁଇ ଦିନ ଆସି ଚିକିତ୍ସା କରୁଛନ୍ତି । ଯେଉଁଦିନ ଆସୁଛନ୍ତି ଦୁଇ / ତିନି ଘଂଟା ଡାକ୍ତରଖାନାରେ ରହି ଚାଲି ଯାଉଛନ୍ତି । ସେହିଭଳି କାର୍ଯ୍ୟରତ ଆୟୁଷ ଡାକ୍ତର ସପ୍ତାହକୁ ତିନିଦିନ ଆସୁଛନ୍ତି । ଏଠାରେ ଡାକ୍ତର ଓ ଫାର୍ମା ଷ୍ଟାଫ ରହୁନାହାନ୍ତି । ସାସ୍ଥ୍ୟ ସଚେତନାତା କାର୍ଯ୍ୟକ୍ରମ ପାଇଁ କନ୍‌ଫରେନ୍ସ ହଲ୍‌ଟିଏ ମଧ ନାହିଁ । ୨୦୦୭ ମସିହା ତ୍ରିସ୍ତରୀୟ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ଏହି ଅଂଚଳ ଗସ୍ତରେ ଆସି ଏଠିକାର ଜନସାଧାରଣଙ୍କୁ ଉଦବୋଧନ ଦେଇ ଏହି ଚିକିତ୍ସା ସଦନର ଉନ୍ନତି ପାଇଁ ପ୍ରତିଶୃତି ଦେଇଥିଲେ । ତେବେ ଏହି ଚିକିତ୍ସା ସଦନ ଉପରେ ଖୋର୍ଦ୍ଧା ଓ କଣାସ ବ୍ଲକର ବନ୍ୟାପ୍ଲାବିତ କେତେକ ପଂଚାୟତର ଲୋକମାନେ ମୁଖ୍ୟତଃ ନିର୍ଭର କରନ୍ତି ଓ ବନ୍ୟା ସମୟରେ ଏହି ଚିକିତ୍ସା ସଦନ ମୂଖ୍ୟ ଭୂମିକା ନିର୍ବାହ କରିଥାଏ, ତେଣୁ ଏହାର ଉନ୍ନତି ପାଇଁ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସଦନକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତରିତ କରିବାକୁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି । ପ୍ରକାଶ ଥାଉକି, ଏହି ଚିକିତ୍ସା ସଦନର ଦୀର୍ଘ ୩୫ କି.ମି. ଭିତରେ କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନାହିଁ ।ଏଣୁ ହାଡପଦା ଆରୋଗ୍ୟ ଓ ଚିକିତ୍ସା ସଦନର ସମସ୍ତ ଅଭାବ ଅସୁବିଧା ତଥା ଅଂଚଳବାସୀଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତର କଲେ ଅଂଚଳବାସୀ ଉପକୃତ ହେବେ କହିଛନ୍ତି ।

# ବ୍ରାହ୍ମଣୀ ନଦୀରେ ବୁଡି ଯୁବକ ମୃତ : ସ୍ଥାନୀୟ ଅଂଚଳରେ ଶୋକ

ବରୀ, ୧୩/୦୯ (ନି.ପ୍ର): ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଂଚଳରେ ଅଘଟଣ ଘଟିଛି । ଆଜି ସକାଳ ୧୦ଟା ସମୟରେ ବରୀ-ରାମଚନ୍ଦ୍ରପୁର ଥାନା ଅଧିନରେ ଥିବା ତିନି ମୁହାଣୀ ନିକଟରେ ବ୍ରାହ୍ମଣୀ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଥିଲେ । ନଦୀ ଗର୍ଭକୁ ଡେଇଁବା ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ବହୁ ସମୟ ଖୋଜାଖୋଜି ପରେ ଅପରାହ୍ନରେ ତାଙ୍କର ମୃତ ଦେହ ଉଦ୍ଧାର ହୋଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ କାକୁଡିକୁଦ ଗ୍ରାମର ପଦ୍ମନାଭ ଦାସଙ୍କ ପୁଅ ସୌମ୍ୟ ରଂଜନ(୧୯) ବୋଲି ଜଣାପଡିଛି । ସେ ତାଙ୍କ ମାମୁଁ ଘର ଧାରପୁରରେ ରହି ଆସୁଥିଲେ । ତେବେ ଆଜି ସେ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଡେଇଁ ପଡିଥିଲେ । କେଉଁ କରଣରୁ କେଉଁ ପରିସ୍ଥିତରେ ନଦୀ ଭିତରକୁ ଡେଇଁଲେ ତାହାକୁ ନେଇ ଅଂଚଳରେ ସନ୍ଦେହ ପ୍ରକାଶ ପାଇଛି । ସୂଚନା ମୁତାବକ ସୌମ୍ୟ ବରୀ ବ୍ଲକ ଧାରପୁର ମାମୁଁ ଘରେ ରହିଥିଲେ । ତେବେ ସେ ଆଜି ପାଖାପାଖି ସକାଳ ୧୦ଟା ସମୟରେ ବ୍ରାହ୍ମଣୀ ନଦୀ ତିନି ମୁହାଣୀ ଠାରେ ଥିବା ପୋଲ ଉପରୁ ନଦୀ ଗର୍ଭକୁ ଡେଇଁ ପଡିଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ । ଏହାକୁ ଦେଖି ବରୀ-ରାମଚନ୍ଦ୍ରପୁର ଥାନା ସହ ନିକଟରେ ଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ । ଖବର ପାଇଁ ବରୀ ପୋଲିସ ଓ ବରୀ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପଂହଚି ବହୁ ସମୟ ଧରି ଖୋଜାଖୋଜି ତାଙ୍କ ସନ୍ଧାନ ପାଇ ନ ଥିଲେ । ପରେ ଘଟଣାସ୍ଥଳରେ ଓଡ୍ରାଫ ଟିମ୍ ପଂହଚି ଖୋଜାଖୋଜି ପରେ ଅବରାହ୍ନରେ ମୃତ ଦେହକୁ ଉଦ୍ଧାର କରିଥିଲେ । ପୋଲିସ କେସ୍ ନଂ ୨୫/୨୩ରେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି ।

# କୋର ପଂଚାୟତରେ ବିଜେପିର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୩/୦୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଂଚାୟତରେ ବିଜେପି ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇନ୍ଦୁପୁର ମଣ୍ଡଳ ସଭାପତି ଶଶାଙ୍କ ଶେଖର ଓଝାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ପଂଚାୟତ ପ୍ରମୁଖ ଦିଲିପ ଦାସ, ମହେଶ୍ୱର ନାୟକ, ସୁଶାନ୍ତ ସେଠୀ, ସମୀର ରଞ୍ଜନ ରାଉତ, କିଶୋର କୁମାର ପରିଡା ପ୍ରମୁଖ ହାତରେ ଅମୃତ କଳସ ଧରି ପ୍ରତ୍ୟେକ ଘର ଘର ବୁଲି ମାଟି ଓ ଚାଉଲ ସଂଗ୍ରହ କରିଥିଲେ । ସଂଗ୍ରହ ହୋଇଥିବା ମାଟି ଓ ଚାଉଳ ଦିଲ୍ଲୀରେ ସହିଦ ମାନଙ୍କ ସ୍ମୃତିରେ ଅମୃତ ବାଟିକା ନିର୍ମାଣ ନିମନ୍ତେ ପଠାଇ ଥିଲେ । ଏହି କାର୍ଯ୍ୟକ୍ରମ ରେ କିଶୋର କୁମାର ପରିଡା, ଦୈତାରୀ ସାହୁ, ନିରାକାର ମଳିକ, ଶ୍ରୀବତ୍ସ ନାୟକ, କୃତିବାସ ମଳିକ, ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆଗରେ ପ୍ରାଥମିକ ଶିକ୍ଷକ ସଂଘର ଗଣଧାରଣା

କେନ୍ଦ୍ରାପଡ଼ା, ୧୩/୦୯ (ନି.ପ୍ର): ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ କେନ୍ଦ୍ରାପଡା ତରଫରୁ ଶିକ୍ଷକମାନଙ୍କର ୩ ଦଫା ଦାବି ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆଗରେ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣଧାରଣା ଦେଇଥିଲେ । ରାଜକିଶୋର ବିଶ୍ୱାଳଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଗଣଧାରଣାରେ କେନ୍ଦ୍ରାପଡା ଜିଲ୍ଲା ସଭାପତି ବିଶ୍ୱ ବନ୍ଧୁ ଜେନା, ଉପଦେଷ୍ଟା ମାନଭଞ୍ଜନ ପ୍ରଧାନ, କ୍ଷେତ୍ରମଣୀ ଦେଇ, ସଂପାଦକ ସେକ ଖତିଫ, ଅନନ୍ତ କୁମାର ପରିଡା, ମହମ୍ମଦ ଅଜଗର ଅଲ୍ଲୀ, ସେକ କଲିମ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ନ୍ୟାର୍ଯ୍ୟ ଦାବି ବିଷୟରେ ସରକାରଙ୍କୁ ସରକାରଙ୍କୁ ବାରମ୍ବାର ଜଣାଇଥିଲେ ମଧ ସରକାର କୌଣସି ପଦକ୍ଷେପ ନନେବାରୁ ଏହି ଶିକ୍ଷକ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣ ଦେଇଥିବା ଜଣାପଡିଛି । ଏମାନଙ୍କ ଦାବି ଗୁଡିକ ହେଲା କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ପୁରୁଣା ପେନଶନ ପୁନ ପ୍ରଚଳନ, କଳା ଓ କ୍ରୀଡା ଶିକ୍ଷକ ମାନଙ୍କର ନିୟମିତ କରଣ, ଗଣ ଶିକ୍ଷକଙ୍କ ନିୟମିତ କରଣ, ୬ ବର୍ଷର ଠିକା ନିଯୁକ୍ତି ସମୟକୁ ଗ୍ରହଣ କରି ୬ଟି ଏନକ୍ରିମେଣ୍ଟ ପ୍ରଦାନ ଆଦି ଦାବି ଗୁଡିକ ରହିଛି । ଏହି ଗଣଧାରଣାରେ ସୋନାଲି ସାମନ୍ତରାୟ, କୌଶଲ୍ୟା ନାୟକ, ଦେବେନ୍ଦ୍ର ନାୟକ, ଅଚ୍ୟୁତାନନ୍ଦ ସାମଲ, କିଶୋର ଜେନା, ସେକ ଗୟାସୁଦ୍ଦିନ, ମନମୋହନ ମିଶ୍ର, ସ୍ନେହଲତା ପରିଡା, ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ପ୍ରତ୍ୟେକ ଗ୍ରାମପଂଚାୟତରେ ଖୋଲିବ ସି.ଏସ୍.ପି (ପ୍ଲସ୍) ବ୍ୟାଙ୍କିଂ ଆଉଟ୍‌ଲେଟ୍

ଭୁବନେଶ୍ୱର, ୧୩/୦୯ (ନି.ପ୍ର): ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରୁଥିବାରୁ ସର୍ବତ୍ର ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ କରିବା ଅପରିହାର୍ଯ୍ୟ ହୋଇଛି । ରାଜ୍ୟର ପ୍ରତ୍ୟେକ ଗ୍ରାମପଂଚାୟତରେ ସ୍ଥାୟୀ ବ୍ୟାଙ୍କ ନଥିବାରୁ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କିଂ ସେବା ତଥା ସରକାରଙ୍କ ଦ୍ୱାରା ହିତାଧିକାରୀମାନଙ୍କୁ ଦିଆଯାଉଥିବା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଠିକ୍ ସମୟରେ ଉପଲବ୍ଧ କରାଇବା ପାଇଁ ପ୍ରତ୍ୟେକ ଗ୍ରାମପଂଚାୟତରେ ବ୍ୟାଙ୍କ ସେବା ଆବଶ୍ୟକ ହେଉଛି । ତେଣୁ ରାଜ୍ୟ ସରକାର ବ୍ୟାଙ୍କ ନଥିବା ଗ୍ରାମପଂଚାୟତରେ ସି.ଏସ୍.ପି (ପ୍ଲସ୍) ବ୍ୟାଙ୍କିଂ ଆଉଟ୍‌ଲେଟ୍ ମାଧ୍ୟମରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ରଖି ଆର୍ଥିକ ଅନ୍ତର୍ଭୁକ୍ତିକରଣ ଲକ୍ଷ୍ୟ ହାସଲ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି । ଏସ୍‌ବିଆଇ, ପିଏନ୍‌ବି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦା ପ୍ରମୁଖ ୬ଟି ପବ୍ଲିକ୍ ସେକ୍ଟର ବ୍ୟାଙ୍କ ସରକାରଙ୍କ ସହ ଭାଗୀଦାରିରେ ବ୍ୟାଙ୍କ ନଥିବା ଗ୍ରାମପଂଚାୟତଗୁଡ଼ିକରେ ବ୍ୟାଙ୍କ ସେବା ଉପଲବ୍ଧ କରାଇବେ । ସିଏସ୍‌ପି ପ୍ଲସ୍ ଆଉଟ୍‌ଲେଟ୍ ରେ ବିନାଦେୟରେ ନାଗରିକମାନଙ୍କୁ ବ୍ୟାଙ୍କିଂ କ୍ୟାଲେଣ୍ଡର ଅନୁସରଣ କରାଯାଇ ସେବା ଯୋଗାଇ ଦେଉଛି । ସଂଚୟ ବ୍ୟାଙ୍କ ଜମା ଖାତା/ ନଗଦ କାରବାର/ ଟଙ୍କା ପଠାଇବା ସୁବିଧା/ ପିଏମ୍ ଜେଜେବୈୱାଇ, ପିଏମ୍‌ଏସ୍‌ବିୱାଇ, ଏପିୱାଇ ଏନ୍‌ରୋଲ୍‌ମେଂଟ, ନବୀକରଣ ଏବଂ ରକ୍ଷଣାବେକ୍ଷଣ/ ଆରଡ଼ି ଏବଂ ସ୍ଥାୟୀ ଜମା/ ଆଧାର ସକ୍ଷମ ଦେୟ ବ୍ୟବସ୍ଥା/ ପିପିଏଫ୍ ଖାତା ଖୋଲିବା/ ଲିଡ୍ ଜେନେରେସନ୍/ ସୁକନ୍ୟା ଯୋଜନା/ ଭାରତ ବିଲ୍ ପେମେଂଟ ଯୋଜନା (ବିଦ୍ୟୁତ, ମୋବାଇଲ୍, ବ୍ରଡବ୍ୟାଣ୍ଡ, ଗ୍ୟାସ୍, ପାଣି ଓ ଡିଟିଏଚ୍ ବିଲ୍)/ ଚେକ୍ ବୁକ୍, ଷ୍ଟପ୍ ପେମେଂଟ, ଜୀବନ ପ୍ରମାଣପତ୍ର, ପାସ୍ ବୁକ୍ ଅପ୍‌ଡେଟ୍, ଡେବିଟ୍ କାର୍ଡ ଇତ୍ୟାଦି ପାଇଁ ଅନୁରୋଧ/ କରେଂଟ ଆକାଉଂଟ ଖୋଲିବା/ ଏସ୍‌ଏଚ୍‌ଜି/ଜେଏଲ୍‌ଜିଙ୍କୁ କ୍ରେଡିଟ୍ ଲିଙ୍କେଜ୍/ ନୂତନ କେସିସି ପ୍ରସ୍ତାବ, ନବୀକରଣ, ପୁନଃସଂଚାଳନ/ କେସିସି ଏବଂ ଖୁଚୁରା ଋଣ ଆଦାୟ/ ଏନ୍‌ପିଏ ଖାତାର ପୁନରୁଦ୍ଧାର/ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି, ଗର୍ଭବତୀ ମହିଳାଙ୍କ ପାଇଁ ଘରପାଖରେ ବ୍ୟାଙ୍କିଂ ସେବା ଯୋଗାଇବା ଆଦି ସମସ୍ତ ବ୍ୟାଙ୍କ ସେବା ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଂ ଆଉଟ୍‌ଲେଟ୍ ରେ ଉପଲବ୍ଧ ହେବ । ପର୍ଯ୍ୟାୟ କ୍ରମେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ଥାୟୀ ବ୍ୟାଙ୍କ ସେବା ନଥିବା ସମସ୍ତ ଗ୍ରାମପଂଚାୟତରେ ସିଏସ୍‌ପି ପ୍ଲସ୍ ବ୍ୟାଙ୍କ ସେବା କାର୍ଯ୍ୟକାରୀ ହେବ ।

# ଓଭରବ୍ରିଜ ଚର୍ତୁପାର୍ଶ୍ୱରେ ଶତାଧିକ ଗଛ: ଦୃଷ୍ଟି ଦେଉନି ବିଭାଗ, ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ

କୋରେଇ, ୧୩/୦୯ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରେ ପାଣିକୋଇଲିରେ ରହିଛି ଓଭରବ୍ରିଜ । ଓଭରବ୍ରିଜର ତଳୁ ୨୦ ନମ୍ବର ଜାତୀୟ ରାଜପଥର ସୃଷ୍ଟି । ଫଳରେ ଏହି ଓଭରବ୍ରିଜର ଗୁରୁତ୍ୱ ଅନେକ । ହେଲେ ଓଭରବ୍ରିଜର ଚର୍ତୁପାର୍ଶ୍ୱରେ ଏକ ଶତାଧିକ ଗଛ ଉଠିଛି । ଯାହା ଫଳରେ ଓଭରବ୍ରିଜର ସ୍ଥାୟିତ୍ୱ ନେଇ ଏବେ ଉଠିଛି ପ୍ରଶ୍ନ । ରାଜପଥର ମରାମତି ଓ ଗଛ କାଟିବା ପାଇଁ ପ୍ରତିବର୍ଷ ଏକ ଠିକାସଂସ୍ଥାକୁ ଟେଣ୍ଡର ଦିଆଯାଇଥାଏ । ମାତ୍ର ଏବେ ୧୬ ନମ୍ବର ଜାତୀୟ ରାଜପତର ୬ଲେନ କାମ ସରିଛି । ଓଭରବ୍ରିଜ ତଳକୁ ବିଭିନ୍ନ ରଙ୍ଗର ଚିତ୍ର କରାଯାଇ ସଜାଯାଇଛି । ହେଲେ ଓଭରବ୍ରିଜର ସ୍ଥାୟିତ୍ୱ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ । ଠିକାସଂସ୍ଥା ମଧ୍ୟ ଗଛ ଗୁଡିକୁ ନକାଟିବାରୁ ଏହା ୧୫ ଫୁଟରୁ ଉର୍ଦ୍ଧ ଲମ୍ବର ଗଛ ସବୁ ହେଲାଣି । ଓଭରବ୍ରିଜର ସ୍ଥାୟିତ୍ୱ ଦୃଷ୍ଟିରୁ ଏହି ଗଛ ଗୁଡିକୁ କଟାଯିବାର ଆବଶ୍ୟକତା ଦେଖାଦେଇଛି । ବାରମ୍ବାର ଦାବି ହେଲେ ଗଛ କଟାଯାଏ କିଛି ଦିନ ପରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ଦେଖିବାକୁ ମିଳେ । ଏହାର ସ୍ଥାୟୀ ସମାଧାନ ଦିଗରେ ବିଭାଗ କାମ କରେନି । ମାତ୍ର ବିଭାଗ ପକ୍ଷରୁ ଏଥି ପ୍ରତି ଦୃଷ୍ଟି ଦିଏ ନାହିଁ ।

# ରହସ୍ୟମୟ ଏ ବିଶ୍ୱ



ରହସ୍ୟମୟ ଏ ବିଶ୍ୱ । ପୃଥିବୀ ପୃଷ୍ଠରେ ଏପରି ଅନେକ ବିଷୟବସ୍ତୁ, ଜୀବଜନ୍ତୁ ରହିଛି, ଯାହାକି ସର୍ବଦା ବିଶ୍ୱବାସୀଙ୍କ ପାଇଁ ଉତ୍କଣ୍ଠା ସୃଷ୍ଟି କରିଥାଏ । ବେଳେବେଳେ ଏହାର ରହସ୍ୟମୟ ଇତିହାସ ଲୋକମାନଙ୍କୁ ଦ୍ୱନ୍ଦରେ ମଧ ପକାଇଥାଏ । ଏପରି କେତେକ ରହସ୍ୟମୟ ସ୍ଥାନ, ପ୍ରାଣୀ ସମ୍ପର୍କରେ କିଞ୍ଚିତ ଆଲେଖ୍ୟ ।

ବିଗ୍‌ଫୁଟ୍: ବିଗ୍‌ଫୁଟ୍ ସମ୍ପର୍କରେ କିଛି ଜାଣିଛନ୍ତି କି ? ବିଗ୍‌ଫୁଟ୍ ହେଉଛି ମାଙ୍କଡ ପରି ଦିଶୁଥିବା ଏକ ଜୀବ। ଏହାକୁ 'ସାସକ୍ୱାଚ' ବୋଲି ମଧ୍ୟ କୁହାଯାଇଥାଏ । ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡାର ଘଞ୍ଚ ଅରଣ୍ୟରେ ବିଗ୍‌ଫୁଟ୍ ଦେଖିବାକୁ ମିଳିଥାଏ । ଏହାର ନାଁ ବିଗ୍‌ଫୁଟ୍ ରଖାଯିବାର କାରଣ ମଧ୍ୟ ରହିଛି । ବିଗ୍‌ଫୁଟ୍ ୧୨ ଫୁଟ ଉଚ୍ଚ ଡେଇଁ ଡେଇଁ ଚାଲିବା ଓ ସମ୍ପୂର୍ଣ୍ଣ ଶରୀର ଗାଢ ଧୂଷର ରଙ୍ଗର କେଶ ପରିପୂର୍ଣ୍ଣ । ତିବେତରେ ଏହାର ନାଁ 'ୟେତ' ହୋଇଥିବା ବେଳେ ନେପାଳରେ ଏହାକୁ 'ୟେରେନ୍' ବୋଲି ଡାକିଥାନ୍ତି । ଅଷ୍ଟ୍ରେଲିଆରେ ବିଗ୍‌ଫୁଟ୍‌କୁ 'ୟୋଓ୍ୱି' କୋଲି କୁହାଯାଇଥାଏ । ବିଗ୍‌ଫୁଟ୍ ଏକ ଅନ୍ୟ ଗ୍ରହର ପ୍ରାଣୀ କିମ୍ବା ଅନ୍ୟ କିଛି ତାହା ଏଯାଏଁ ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ । ବିଶ୍ୱବାସୀ ପାଇଁ ଏହା ଏକ ରହସ୍ୟମୟ ପ୍ରାଣୀ ।

*ବରମୁଡା ଟ୍ରାଙ୍ଗଲ:* ଏଠାରେ ବହୁସଂଖ୍ୟକ ଜାହାଜ ଓ ବିମାନ କେଉଁଆଡେ ଉଭାନ୍ ହୋଇଯାଇଛି । କେହି ବି ହେଲେ ଏହାର ସଠିକ୍ ଠିକଣା ଏପର୍ଯ୍ୟନ୍ତ ପାଇପାରିନାହାନ୍ତି । ଉତ୍ତର ପଶ୍ଚିମ ଆଟଲାଣ୍ଟିକ ମହାସାଗରର ଫ୍ଲୋରିଡା ଓ ପୁର୍ଟୋରିକୋ ମଝିରେ ଅବସ୍ଥିତ ବରମୁଡା । ବରମୁଡା ଟ୍ରାଙ୍ଗଲରେ ଯାତାୟତ କରିଥିବା ଡଙ୍ଗା, ପ୍ରାଇଭେଟ୍ ବିମାନଠୁ ଆରମ୍ଭ କରି ବ୍ୟବସାୟିକ ଜାହାଜରେ ଯାତ୍ରା କରୁଥିବା ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କ ସ୍ୱର ଦ୍ୱିତୀୟ ଥର ପାଇଁ ଶୁଣିବାକୁ ମିଳିନଥିଲା । ବିଶ୍ୱାସ କରାଯାଏ ଯେ ମହାକାଶର ଅନ୍ୟ ଜଗତରୁ ଆସିଥିବା କୌଣସି ଅଜଣା ପ୍ରାଣୀଙ୍କ ପ୍ରଭାବରେ ଏହାର ବୃହତ୍ ଅଂଶ ମହାସାଗରେ ଲୀନ ହୋଇଯାଇ ଥାଇପାରେ ।

*ସ୍ଫିନିକ୍ସ :* ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ସମ୍ପର୍କରେ ହିନ୍ଦୁମାନଙ୍କ ଧାର୍ମିକ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ଇଜିପ୍ଟରେ ମଧ୍ୟ ଏପରି ଏକ ଭାସ୍କର୍ଯ୍ୟ ବା କଳାକୃତି ଦେଖିବାକୁ ମିଳିଥାଏ । ଅଧା ମନୁଷ୍ୟ ଓ ଅଧା ସିଂହର ପ୍ରତିମୂର୍ତ୍ତିକୁ ଇଜିପ୍ଟରେ ସ୍ଫିନିକ୍ସ କୁହାଯାଏ । ସ୍ଫିନିକ୍ସ ପୂର୍ବରୁ ସ୍ମୃତିସ୍ତମ୍ଭର କାରୁକାର୍ଯ୍ୟ ବୋଲି ଅଭିହିତ କରାଯାଉଥିଲା । ବିଶ୍ୱାସ ରହିଛି ଯେ ପ୍ରାଚୀନ ଇଜିପ୍ଟବାସୀମାନେ ସ୍ଫିନିକ୍ସ ନିର୍ମାଣ କରିଥିଲେ । ଏହାକୁ ଆତ୍ମରକ୍ଷକ ବୋଲି ମଧ୍ୟ ସମ୍ବୋଧିତ କରାଯାଇଥାଏ । ଏହି ପ୍ରସିଦ୍ଧ ପ୍ରତିମୂର୍ତ୍ତିରେ ବାହ୍ୟଯୁଗର ସଂସ୍କୃତିକୁ ପୋତା ଯାଇଛି ବୋଲି ଲୋକମୁଖରୁ ଶୁଣିବାକୁ ମିଳେ । ଦୀର୍ଘ ପାଞ୍ଚ ହଜାର ବର୍ଷ ଧରି ସ୍ଫିନିକ୍ସ ରହସ୍ୟମୟ ହୋଇରହିଛି । ଏବେ ବି ଇଜିପ୍ଟର ସରକାର ଲୁକକାୟିତ ହୋଇ ରହିଥିବା ରହସ୍ୟର ସମାଧାନ କରିବାକୁ ଚାହୁଁଛନ୍ତି ।

*ମାକୁପିକୁ :* ୧୪୫୦ରେ ପେରୁରେ ଏହି ସହରର ମୂଳଦୁଆ ପଡିଥିଲା । ଇଙ୍କା ସାମ୍ରାଜ୍ୟର ସୃଷ୍ଟିପରେ ଏହି ସହରଟି ଦୀର୍ଘ ୧୦୦ ବର୍ଷ ତଳେ ଧ୍ୱଂସ ହୋଇଯାଇଥିଲା । ୧୯୧୧ ପର୍ଯ୍ୟନ୍ତ ଲୋକମାନେ ସେତେବେଳେ ଏ ସମ୍ପର୍କରେ ତଥ୍ୟ ପାଇଥିଲେ ଯେତେବେଳେ ଏହା ବିଶ୍ୱବାସୀଙ୍କ ଲୋକଲୋଚନକୁ ଅଣାଯାଇ ଥିଲା । ମାକୁପିକୁ ସହର ପଛରେ ଥିବା ସିଲହୁତୋ ପର୍ବତମାଳା ଇଙ୍କା ସାମ୍ରାଜ୍ୟର ଦର୍ଷଣ ପରି ପ୍ରତୀୟମାନ ହେଉଥିଲା । ସେହିପରି ହୁଏନାପିକୁ ପର୍ବତଶୃଙ୍ଗ ଏହାର ତୀକ୍ଷଣ ନାକ ସଦୃଶ ଥିଲା । ଏହାକୁ ବେଳେବେଳେ ବଲଷ୍ଟ ସିଟି ଅଫ ଇଙ୍କା ବୋଲି ସମ୍ବୋଧିତ କରାଯାଇଥାଏ । *କିଙ୍ଗ ଟଟସ ଟମ୍ବ :* ୧୯୨୨ରେ ସର୍ବୋଚ୍ଚ ଧନୀକ ସମାଧିସ୍ତମ୍ଭକୁ ପ୍ରତନ୍ନତତ୍ତ୍ୱ ଇତହାସରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଥିଲା । ଇଜିପ୍ଟ ଉପତ୍ୟକାର ରାଜା ଏହାକୁ ନିର୍ମାଣ କରିଥିଲେ । ଏହି ସମାଧିସ୍ତମ୍ଭ ରାଜା ଟୁଣନଖାମେନ୍‌ଙ୍କର ଥିଲା । ଏହା ସଦିସା ଧାରଣଙ୍କ ପାଇଁ ଖୋଲାଯିବା ପୂର୍ବରୁ ୩୩୦୦ ବର୍ଷ ପର୍ଯ୍ୟନ୍ତ ଏହାକୁ କେହି ସ୍ପର୍ଶ କରିନଥିଲେ । ପ୍ରଖ୍ୟାତ ରାଜାଙ୍କ ମୃତ୍ୟୁପରେ ଏହାର ରହସ୍ୟମୟ ହେବାର ମୁଖ୍ୟ କାରଣ ଏହା ବ୍ୟତୀତ ଏହି ସମାଧିସ୍ତମ୍ଭ ସମ୍ପର୍କରେ ଗବେଷଣା କରିବାକୁ ଇଚ୍ଛା ପ୍ରକାଶ କରୁଥିବା ବହୁ ଗବେଷକଙ୍କ ଅକାଳ ବିୟୋଗ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ବିଶ୍ୱାସ କରାଯାଏ ଯେ ରାଜା ଟଟ୍‌ଙ୍କ ଅଭିଶାପ ଯୋଗୁଁ ଏପରି ଅଭାବନୀୟ ଘଟଣା ଘଟୁଛି । ତେବେ ଏଯାଏଁ ଅନେକ ପ୍ରଶ୍ନ ସମାଧାନ ହୋଇପାରି ନାହିଁ ।



# ସ୍ୱରରୁ ଜାଣିହେବ ହାତୀଙ୍କ ବୟସ



ହାତୀମାନଙ୍କ ସ୍ୱରରୁ ଜାଣିହେବ ସେମାନଙ୍କ ବୟସ । ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି କାନାଡାର କେତେକ ଗବେଷକ । ସେମାନେ ହାତୀମାନଙ୍କ ସଂରକ୍ଷଣ ଏବଂ ପରିଚାଳନା ନେଇ ଗବେଷଣା କରୁଛନ୍ତି । ଧୀରେ ଧୀରେ ହାତୀ ବଂଶ ଲୋପ ପାଇବାକୁ ବସିଛି । ସେମାନଙ୍କ ବାସସ୍ଥାନ ନଷ୍ଟ ହେବା ସହ ଜୀବନ ଧାରଣରେ ମନୁଷ୍ୟ ବିଭ୍ରାଟ କରୁଥିବାରୁ ହାତୀ ସଂଖ୍ୟା କମୁଛି । ହାତୀଙ୍କ ସୁରକ୍ଷାର ନିହାତି ଆବଶ୍ୟକତା ଥିବା ଗବେଷକ ମାନେ କହିଛନ୍ତି । ଏଥିପାଇଁ ବହୁ ପରିମାଣରେ ଅର୍ଥ ବ୍ୟୟ କରାଯାଉଛି । ହାତୀଙ୍କ ସଂଖ୍ୟା ସହ ବୟସ ଜାଣିବା ପାଇଁ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ହେଉଛି । ତେବେ ଗବେଷକ ମାନଙ୍କ ଏହି ନୂତନ ତଥ୍ୟ ଖର୍ଚ୍ଚ କମ୍ କରିପାରିବ । ସ୍ୱରରୁ ହାତୀଙ୍କ ବୟସ ଜାଣିବା କମ୍ ବ୍ୟୟ ବହୁଳ ହେବ । ପୂର୍ବରୁ ବ୍ୟବହାର କରାଯାଉଥିବା ରେଡିଓ ଟ୍ୟାଗିଙ୍ଗ ଅପେକ୍ଷା ଏଥିରେ କମ୍ ଖର୍ଚ୍ଚ ହୁଏ । ଏହି ଆକଳନ ବୟସ୍କଙ୍କ କ୍ଷେତ୍ରରେ ୭୦ ପ୍ରତିଶତ ଠିକ୍ ରହିବା ବେଳେ ଯୁବହାତୀଙ୍କ ଠାରେ ୯୫ ପ୍ରତିଶତ ଠିକ୍ ରହିବ ।

ସ୍ୱର ବିଷୟକ ରେକର୍ଡିଂ ଏକ ଭରସାଯୋଗ୍ୟ ପଦକ୍ଷେପ । ଜିପିଏସ୍ ଏବଂ ସାଟେଲାଇଟ ଠାରୁ ଏହା ଉପରେ ଅଧିକ ଆସ୍ଥା କରାଯାଏ । ହାତୀମାନେ ଏକ ନିର୍ଦ୍ଦିଷ୍ଟ ଫ୍ରିକ୍ୟୁଏନ୍‌ସିର ଇନ୍‌ଫ୍ରାସୋନିକ୍ ଶବ୍ଦ କରନ୍ତି, ଯାହାକୁ ରମ୍ବଲ କୁହାଯାଏ । ଏହା ବହୁ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଏ । ଏଥିରୁ କେତେ ସଂଖ୍ୟାରେ ହାତୀ ଅଛନ୍ତି ଏବଂ ସେମାନଙ୍କର ବୟସ କେତେ ତାହା ଜାଣିହୁଏ । ଏହି ଗବେଷଣା ଘଞ୍ଚ ଜଙ୍ଗଲରେ ମଧ୍ୟ କରାଯାଇପାରେ । ତେବେ ଏଥିରୁ କେତେ ସଂଖ୍ୟାରେ ହାତୀ ଅଛନ୍ତି ଜାଣିହେଉଥିବା ବେଳେ ବୟସ ଜାଣି ହୁଏ ନାହିଁ । ହାତୀ ମାନେ ଏପରି କମ୍ ଫ୍ରିକ୍ୟୁଏନ୍‌ସିର ଶବ୍ଦ ସୃଷ୍ଟି କରନ୍ତି, ଯାହା ଶୁଣିବାକୁ ବହୁତ ଭଲ ଲାଗେ ଏବଂ ଏଥିରୁ ମୋନେ କେତେ କିଲୋମିଟର ଦୂରରେ ଅଛନ୍ତି ତାହା ଜାଣିହୁଏ, ଏହା ସହ କେତେ ସଂଖ୍ୟାରେ ଅଛନ୍ତି ଏପରିକି ସେମାନଙ୍କ ବୟସ ମଧ୍ୟ ଜାଣିହୁଏ । ଏହା ରେଡିଓ ଟ୍ୟାଗିଙ୍ଗ ଠାରୁ ଅଧିକ ପ୍ରଭାବଶାଳୀ ବୋଲି ବାଓଆକୋଷ୍ଟିକ୍ସର ସମ୍ପାଦକ ଆଣ୍ଡ୍ରୁ ହର୍ନ କହିଛନ୍ତି ।

# ଚିନ୍ତା ଓ ରକ୍ତଚାପ କମାଇବ କଦଳୀ



କଦଳୀରେ ୩ ପ୍ରକାର ଶର୍କରା ମିଳିଥାଏ । ସର୍ଭେରୁ ଜଣାପଡିଛି, ୨ଟି କଦଳୀ ସେବନ ଦ୍ୱାରା ଜଣେ ବ୍ୟକ୍ତି ୯୦ ମିନିଟ୍‌ର ଶକ୍ତି ହାସଲ କରିଥାଏ ।

ସମସ୍ତଙ୍କ ଦୃଷ୍ଟିରେ କଦଳୀ ସାଧାରଣ ଫଳଟିଏ । କିନ୍ତୁ ଆପଣ ଜାଣନ୍ତି କି ? ଏହା ଆମ ସ୍ୱାସ୍ଥ୍ୟ ପାଇଁ କେତେ ଫଳପ୍ରଦ । ଏହାର ନିୟମିତ ସେବନ ଆପଣଙ୍କୁ ବିଭିନ୍ନ ରୋଗଠାରୁ ଦୂରେଇ ରଖିବାରେ ସକ୍ଷମ ହୋଇଥାଏ । ସେଥିପାଇଁ ତ ପ୍ରତ୍ୟେକ ଖେଳାଳିର ଡାଏଟ୍‌ରେ କଦଳୀକୁ ସାମିଲ୍ କରାଯାଇଥାଏ ।

ଚିନ୍ତା : ସର୍ଭେରୁ ଜଣାପଡ଼ିଛି ଯେ ଚିନ୍ତାରେ ରହୁଥିବା ଲୋକମାନଙ୍କ ପାଇଁ କଦଳୀ ବହୁ ଉପକାରୀ । ଆପଣ ଯେତେ ବେଳେ ଚିନ୍ତାରେ ରହୁଛନ୍ତି, କଦଳୀଟିଏ ଖାଇଲେ ଚିନ୍ତାରୁ କିଛି ପରିମାଣରେ ମୁକ୍ତି ମିଳିଥାଏ । କାରଣ ଏଥିରେ ଟ୍ରିପ୍ଟୋଫାନ୍ ନାମକ ଏକ ପ୍ରୋଟିନ୍ ରହିଛି, ଯାହା ଶରୀରର ସେରୋଟେନିୟମ୍‌ରେ ପରିବର୍ତ୍ତନ ଆଣିଥାଏ । ସେରୋଟେନିୟମ୍ ଚିନ୍ତାରୁ ମୁକ୍ତି ବୋ ସହ ଖୁସି ରଖିବାରେ ସାହାଯ୍ୟ କରିଥାଏ । ତା' ସହିତ କଦଳୀରୁ ଭିଟାମିନ୍ 'ବି-୬' ମିଳିଥାଏ, ଯାହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ ।

ରକ୍ତଚାପ : କଦଳୀରେ ଅଧିକ ମାତ୍ରାରେ ପୋଟାସିୟମ୍ ଥିବାବେଳେ ଲୁଣର ମାତ୍ରା କମ୍ ଥାଏ । ତେଣୁ ଏହା ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ।


କୋଷ୍ଠକାଠିନ୍ୟ : ଏଥିରେ ଫାଇବରର ମାତ୍ରା ଅଧିକ ଥିବାରୁ କବ୍ଜ ପାଇଁ ଉପକାରୀ ହୋଇଥାଏ । କଦଳୀ ସରବତ୍ ପେଟ ଥଣ୍ଡା କରିବା ସହ ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରିଥାଏ ।

ସ୍ମରଣ ଶକ୍ତି : ଲଣ୍ଡନର ଏକ ସ୍କୁଲରେ ୨୦୦ ଛାତ୍ରଙ୍କୁ ସକାଳ ଓ ଦ୍ୱିପହର ଖାଦ୍ୟରେ କଦଳୀ ଦିଆଯାଇ ଦେଖାଯାଇଛି । ସେମାନଙ୍କ ବ୍ରେନ୍ ପାୱାର ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିଛି । ଗବେଷକଙ୍କ ମତରେ କଦଳୀରେ ଥିବା ପୋଟାସିୟମ୍ ପିଲାଙ୍କୁ ପାଠ ପଢ଼ିବାରେ ଅଧିକ ସତର୍କ କରାଇଥାଏ ।

ଗର୍ଭାବସ୍ଥା : ମହିଳାଙ୍କ ଗର୍ଭଧାରଣା ସମୟରେ ସେମାନଙ୍କୁ ଅଧିକ ଭିଟାମିନ୍ ଓ ମିନେରାଲ୍ସ ଆବଶ୍ୟକ ହୋଇଥାଏ । ତେଣୁ ଡାକ୍ତରମାନେ ଗର୍ଭବତୀ ମହିଳାଙ୍କୁ କଦଳୀ ଖାଇବାକୁ ପରାମର୍ଶ ଦେଇଥାନ୍ତି । ଏହା ଶରୀରକୁ ଶକ୍ତ ଦେବା ସହ ଶୀଘ୍ର ହଜମ ହୋଇଥାଏ ।

# ବିରାଡ଼ିଙ୍କ ପାଇଁ ଅବସର ଗୃହ

ବିଶ୍ୱର ବିଭିନ୍ନ ଅଞ୍ଚଳରେ ବୃଦ୍ଧ-ବୃଦ୍ଧାଙ୍କ ପାଇଁ ଅବସର ଗୃହ ଥିବା ଜଣାଯାଏ । ତେବେ, ବୁଢ଼ୀ ବିଲେଇ ଓ ବୁଢ଼ା ଭୁଆଙ୍କ ପାଇଁ ଅବସର ଗୃହ ଥିବା ଜାଣନ୍ତି କି ? ହଁ, ଏଭଳି ଏକ ଗୃହ ରହିଛି ଇଂଲଣ୍ଡ୍‌ର ଲିଙ୍କନ୍‌ସାୟାର୍‌ରେ । ସେଠାରେ ଅଶୀଟି ବୟସ୍କ ବିରାଡ଼ି ସେମାନଙ୍କ ଶେଷ ଜୀବନ ଆରାମରେ କାଟୁଛନ୍ତି । ଏହା ବିରାଡ଼ିଙ୍କ ପାଇଁ ବିଶ୍ୱର ପ୍ରଥମ ଅବସର ଗୃହ । ସାତ ଏକର୍ ଜମି ଉପର ଏହି ଘର ତିଆରି କରାଯାଇଛି । ପ୍ରତ୍ୟେକ କୋଠରିର ଝରକା ଦକ୍ଷିଣ-କୁହାଁ । କାରଣ, ଦକ୍ଷିରରୁ ଖରା ପଡ଼େ; ଆଉ ବିରାଡ଼ିମାନେ ଖରା ପୁଇଁବାକୁ ଭଲପାଆନ୍ତି । ତିନିଟି ବୈଠକଖାନାରେ ରୁମ୍ ହିଟର୍ ରହିଛି । ଖଟ, ସୋଫା ଆଦି ପଡ଼ିଛି । ବିରାଡ଼ିଙ୍କ ରୁଚି ଅନୁଯାୟୀ ଭଳିକି ଭଳି ଆମିଷ, ନିରାମିଷ ଭୋଜନ ଯୋଗାଇ ଦିଆଇଯାଉଛି । ତେଣୁ, ଆରାମରେ ବିତୁଛି ଶେଷ ଜୀବନ ।



# ସ୍ୱାସ୍ଥ୍ୟ ସୂତ୍ର



୧ - କଂସା ବା ପିତଳ ପାତ୍ରରେ ଘିଅ ରଖିଲେ ବିଷତୁଲ୍ୟ ହୁଏ ।

୨ - ମହୁ ଓ ଘିଅ ସମାନ ମାତ୍ରାରେ ସେବନ ଅତ୍ୟନ୍ତ ହାନିକାରକ ।

୩ - କ୍ଷୀର ଓ ଲବଣ ଏକ ସଙ୍ଗେ ଖାଆନ୍ତୁ ନାହିଁ ।

୪ - ଅଧିକ ସମୟ ପର୍ଯ୍ୟନ୍ତ ପଢାଲେଖା ଆଖିର ସ୍ୱାସ୍ଥ୍ୟ ପ୍ରତି ବିପଦ । ମଝିରେ ମଝିରେ ଆଖି ବନ୍ଦ କରି ଦୁଇ ହାତ ପାପୁଲି ଘୋଡାଇ ଆଖିକୁ ରକ୍ଷା କରନ୍ତୁ ଅଥବା ଅନ୍ୟ ପଦାର୍ଥକୁ କିଛି ସମୟ ଚାହାନ୍ତୁ ।

୫ -ଗରମ ସମୟରେ ଖରାରୁ ଆସି ସଙ୍ଗେ ସଙ୍ଗେ ସ୍ନାନ କରନ୍ତୁ ନାହିଁ । ଝାଳ ଶୁଖାଇ ବିଶ୍ରାମ ନେଇ ସ୍ନାନ କରନ୍ତୁ ।

୬ - ଅଧିକ ରାତ୍ରି ପର୍ଯ୍ୟନ୍ତ ଚାହିଁବା ବା ସୂର୍ଯ୍ୟୋଦୟ ପରେ ନିଦ୍ରାଯିବା ହାନିକାରକ ।

୭ - ଅଧିକ ଚର୍ବି ଥିବା ଖାଦ୍ୟ ଖାଇଲେ ହୃଦ୍‌ରୋଗ ହେବାର ସମ୍ଭାବନା ଥାଏ । ଏହା ରକ୍ତରେ କୋଲେଷ୍ଟେରଲ ମାତ୍ରା ବଢାଇ ଥାଏ ।

୮ - ନିଶାଦ୍ରବ୍ୟ ପରିହାର କରନ୍ତୁ । ଏହା ମସ୍ତିଷ୍କ, ଅର୍ଥ, ମାନ ସମ୍ମାନ ଓ ସ୍ୱାସ୍ଥ୍ୟ ସବୁ ନଷ୍ଟ କରେ ।

୯ - ଖରା ବର୍ଷା ଓ ଶୀତରୁ ଶରୀରକୁ ରକ୍ଷା କରନ୍ତୁ । ଭିଡଭାଡ ସ୍ଥାନକୁ ପରିତ୍ୟାଗ କରନ୍ତୁ । ସହରୀ ସଭ୍ୟତା ଆପଣଙ୍କୁ ଅଳ୍ପାୟୁ କରିବ ।

୧୦ - ଗାଢ ନିଦରେ ଶୋଇଥିବା ବ୍ୟକ୍ତିଙ୍କୁ ଅତି ଆବଶ୍ୟକ ନହେଲେ ଉଠାନ୍ତୁ ନାହିଁ ।

୧୧ - ପ୍ରଭାତରୁ ଉଠି ଶାନ୍ତ ରହିବା ଲାଗି ପ୍ରତିଜ୍ଞା କରନ୍ତୁ ।

୧୨ - ସ୍ୱାସ୍ଥ୍ୟର ନିୟମକୁ ଜାଣି ତାକୁ କାର୍ଯ୍ୟରେ ଲଗାନ୍ତୁ ଓ ନାନା ରୋଗରୁ ରକ୍ଷା ପାଆନ୍ତୁ । ପ୍ରାକୃତିକ ନିୟମକୁ ମାନିବାର ଅଭ୍ୟାସ କଲେ ଅନେକ ରୋଗରୁ ସ୍ୱାତଃ ରକ୍ଷା ମିଳେ ।

୧୩ - କେବଳ ଔଷଧ ବା ହସ୍‌ପିଟାଲ କାହାକୁ ସୁସ୍ଥ କରି ନପାରେ । ଯେତେ କମ୍ ଡାକ୍ତର ପାଖକୁ ଯିବେ, ଯେତେ କମ୍ ଔଷଧ ଖାଇବେ, ଯେତେ କମ୍ ଇନ୍ଦ୍ରିୟମାନଙ୍କର ପ୍ରଲୋଭନରେ ପଡିବେ ଏଥିପାଇଁ ଅଭ୍ୟାସ ସୃଷ୍ଟି କରନ୍ତୁ ।

୧୪ - ଯାହା ହଜମ କରିପାରିବେ, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ବର୍ଦ୍ଧକ ତାହା ହିଁ ଆହାର ଭାବେ ଗ୍ରହଣ କରନ୍ତୁ ।

୧୫ - ରୋଗର ପ୍ରଭାବ କେବଳ ଶରୀର ଦ୍ୱାରା ନୁହେଁ ମନ ଦ୍ୱାରା ମଧ ହୋଇଥାଏ । ମନକୁ ନିର୍ଭୀକ ରଖନ୍ତୁ । ସୁସ୍ଥ ଅଛନ୍ତି ବୋଲି ଭାବନା କରନ୍ତୁ । କିଏ କହିଦେଲା ବୋଲି ଅଯଥା ଭୟଭୀତ ନ ହୋଇ ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ପାଖକୁ ଯାଇ ମତାମତ ନିଅନ୍ତୁ ।

୧୬ - ଔଷଧ ସଂଖ୍ୟା ଅନେକ । ମାତ୍ର ଆତ୍ମଶକ୍ତିକୁ ଜାଗ୍ରତ କରି ଯୋଗଯୁକ୍ତ ଜୀବନଯାପନ କଲେ ଔଷଧ ଅପେକ୍ଷା ଏହା ଭଲ କାମ ଦିଏ । ଔଷଧ ବ୍ୟବସାୟୀ ଆଦୌ ଚିକିତ୍ସକ ନୁହଁନ୍ତି ।

୧୭ - ଇଚ୍ଛାଶକ୍ତି ଉପରେ ଅଧିକ ଭରସାରଖନ୍ତୁ । ତାହାଠାରୁ ଉତ୍ତମ ସଂସାରରେ ନାହିଁ । ବିଶ୍ୱାସ ଦୃଢ କରନ୍ତୁ ଓ ସୁସ୍ଥ ରୁହନ୍ତୁ ।

୧୮ - ପ୍ରାତଃରାଶରେ ଅଙ୍କୁରିତ ମୁଗ, ଗହମ ଓ ବୁଟ ଅବଶ୍ୟ ଖାଆନ୍ତୁ । ଦାନ୍ତ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଭିଟାମିନ୍ ମିଳିବ ।

୧୯ - ଖାଇବା ସହିତ ଅରନ୍ଧା ତରକାରୀ ବା ସାଲାଡ ଅବଶ୍ୟ ଖାଆନ୍ତୁ ।

୨୦ - ରାତ୍ରି ଭୋଜନ ପରେ ଅନ୍ତତଃ ଅଧାଘଣ୍ଟା ଡେରିରେ ବିଛଣାକୁ ଯାଆନ୍ତୁ । ରାତ୍ରି ଆହାର ପରେ ଚଲାଗୁଲା କରିପାରିଲେ ଭଲ । ପାକସ୍ଥଳୀ ହାଲୁକା ହେବା ପରେ ବିଛଣାକୁ ଯାଆନ୍ତୁ ।

୨୧ - ଚିତ୍ ହୋଇ ଶୋଇ ୮ ଥର ଗଭୀର ନିଃଶ୍ୱାସ ନିଅନ୍ତୁ ଓ ଛାଡନ୍ତୁ । ଦକ୍ଷିଣ କଡ ମାଡି ୧୬ ଥର ଗଭୀର ନିଃଶ୍ୱାସ ପ୍ରଶ୍ୱାସ କରନ୍ତୁ । ଶେଷରେ ବାମ କଡ ମାଡି ୩୨ ଥର ଏହିପରି କରନ୍ତୁ । ପେଟ ରୋଗ ସମାପ୍ତ ହେବ । ନିଦ ମଧ ଭଲ ହେବ ।

୨୨ - ଦିନ ସାରାରେ ଅଢେଇ-ତିନି ଲିଟର ପାଣି ପିଅନ୍ତୁ । ଭୋଜନ ସହିତ ଜଳପାନ କରନ୍ତୁ ନାହିଁ । ଅନ୍ତତଃ ଅଧାଘଣ୍ଟା ପରେ ଜଳପାନ କରନ୍ତୁ । ନିହାତି ଦରକାର ଥିଲେ ଅନ୍ତତଃ ୧୦ ମିନିଟ୍ ବଜ୍ରାସନ କରନ୍ତୁ ଓ ପରେ ଜଳପାନ କରନ୍ତୁ ।

୨୩ - ଶରୀରର କୌଣସି ବେଗ ଅର୍ଥାତ୍ ମଳ, ମୂତ୍ର, ଛିଙ୍କ, ହାଇ, ହାକୁଟି, ଅପାନ ବାୟୁ, ଭୋକ, ଶୋଷ, ବାନ୍ତି, ନିଦ, ହସ, କାନ୍ଦ ଆଦି ବନ୍ଦ କରି ରଖନ୍ତୁ ନାହିଁ । ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡେ ।

୨୪ - ମଳ ମୂତ୍ର ତ୍ୟାଗ ସମୟରେ ଦାନ୍ତକୁ ଚାପି ରଖନ୍ତୁ । ଅଧିକ ବେଗଦେଇ ମଳ ବା ମୂତ୍ରକୁ ତ୍ୟାଗ ନ କରି ଆସ୍ତେ ଆସ୍ତେ କରନ୍ତୁ । ଏପରି କଲେ ଅଣ୍ଡକୋଷ ବୃଦ୍ଧୀ, ଅନ୍ତକୋଷ ବୃଦ୍ଧି ବା ବୃଦ୍ଧ କାଳରେ ପୌରୁଷ ଗ୍ରନ୍ଥି ବୃଦ୍ଧିର ଭୟ ରହେନାହିଁ ।

୨୫ - ମଧାହ୍ନ ଭୋଜନ ସହିତ କୌଣସି ନା କୌଣସି ଶାଗ ଏବଂ ପିତା ଜିନିଷ ବ୍ୟବହାର କରନ୍ତୁ ।

୨୬ - ଶୋଇବା ସମୟରେ ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୁଅନ୍ତୁ । ନ ହୋଇ ପାରିଲେ ପୂର୍ବ ଦିଗକୁ କରନ୍ତୁ । ଉତ୍ତର ଓ ପଶ୍ଚିମ ଦିଗକୁ କରନ୍ତୁ ନାହିଁ । ଏ ଶରୀର ମଧ ଏକ ଚୁମ୍ବକ । ଏଣୁ ଚୁମ୍ବକୀୟ ପ୍ରଭାବରୁ ରକ୍ଷା ମିଳିବ ।

୨୭ - ସବୁ ଘଟଣାର କାରଣ ଖୋଜି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ରୋଗ ମଧ ସେହିପରି । ଶାସ୍ତ୍ର କହେ - ପୂର୍ବଜନଂ କୃତଂ ପାପଂ ବ୍ୟାଧିରୂପେଣ ଜାୟତେ । ଅନେକ ମହାପୁରୁଷ ମଧ ଉତ୍ତମ ଜୀବନ ଯାପନ କରି କ୍ଲେଶକର ରୋଗ ଶିକାର ହୋଇଛନ୍ତି । ଏଣୁ ପ୍ରାରବ୍ଧ ଭୋଗ ହେଉଛି ଭାବି ହର୍ଷିତ ହୁଅ ।

୨୮ - କଦଳୀ, ଦୁଧ, ଦହି ଏକ ଆହାରରେ ଖାଆନ୍ତୁ ନାହିଁ । ଏହା ବିରୁଦ୍ଧ ଭୋଜ ।

୨୯ - ମାଛ ଓ ମାଂସ ଏକ ଆହାରରେ ଖାଇଲେ ବିରୁଦ୍ଧ ଭୋଜନ ହୁଏ ।

୩୦ - ଆମିଷ ସହିତ କ୍ଷୀର ଖାଆନ୍ତୁ ନାହିଁ ।

୩୧ - ଖାଲି ପେଟରେ ଫଳ ନ ଖାଇ କିଛି ଭୋଜନ କଲାପରେ ଫଳ ଖାଆନ୍ତୁ ।

୩୨ - ଶୋଇବାର ବିଛଣା ଖୁବ୍ ନରମ ବା ଖୁବ୍ ଟାଣ ନ ହେବା ଦରକାର । ତକିଆ ନରମ ଏବଂ ଅଳ୍ପ ଉଚ୍ଚ ହେବା ଉଚିତ୍ ।

୩୩ - ସବୁ ସମୟ ମଥା ଓ ପେଟକୁ ଥଣ୍ଡା ରଖନ୍ତୁ ମାତ୍ର ପାଦକୁ ଗରମ ରଖନ୍ତୁ ।

୩୪ - ସ୍ନାନ ପୂର୍ବରୁ ଅବଶ୍ୟ ତେଲ ମାଲିସ୍ କରନ୍ତୁ । ଜାହି ତାହି ତେଲ ନ ମାଖି ଭାବନ୍ତୁ ମୋର ଲୋମ କୂପ ପ୍ରାଣ ଶକ୍ତିରେ ଭରପୁର ହେଉଛନ୍ତି ଏଣୁ ଏହି ଭାବନା ସହ ଉତ୍ତମ ରୂପେ ଘଷି ତେଲ ଲଗାନ୍ତୁ ।

୩୫ - ମନକୁ ବାଜେ ଚିନ୍ତାରୁ ରକ୍ଷା କରନ୍ତୁ । ଅନ୍ତତଃ ରାଜନୈତିକ ଚିନ୍ତା ପରିତ୍ୟାଗ କରନ୍ତ ।

୩୬ - ଗୋ ଦୁଗ୍ଧ ପାନ ପାଇଁ କୃପଣ ହୁଅନ୍ତୁ ନାହିଁ । ଯାହାର ଶରୀରରେ ଏହା ଯାଉନାହିଁ ବରଂ ଅଧିକ ପାଣି ମିଶାଇ ପୂରା ଥଣ୍ଡା କରି ପିଅନ୍ତୁ । ପରେ ଅଭ୍ୟାସ ହୋଇଯିବ ।

୩୭ - ନିଦ୍ରାଯିବା ପୂର୍ବରୁ ଦାନ୍ତଘଷି ଶୁଅନ୍ତୁ ।

୩୮ - ଦାନ୍ତକାଠି ଘଷିବା ଭଲ । ଅଭାବରେ ବ୍ରସ୍ ବ୍ୟବହାର କରିପାରନ୍ତି ।

# ଚିଙ୍ଗୁଡ଼ି ନୁହେଁ ସମୁଦ୍ର ଘୋଡ଼ା



ଫଟୋ ଦେଖି ଏହା ଏକ ଚିଙ୍ଗୁଡ଼ି ବୋଲି ଯଦି ଭାବୁଥିବେ, ତେବେ ତାହା ଭୁଲ୍ । କାରଣ, ଏହି ଜୀବଟି ଚିଙ୍ଗୁଡ଼ି ନୁହେଁ ବରଂ ଏକ ସମୁଦ୍ର ଘୋଡ଼ା । ହିପୋକ୍ୟାମ୍ପସ୍ ଡେନିସ୍ ନାମକ ଏହି ସମୁଦ୍ର ଘୋଡ଼ା ମାତ୍ର ୧୬ ମିଲିମିଟର ଲମ୍ବା । ଏମାନେ ପଶ୍ଚିମ ପ୍ରଶାନ୍ତ ମହାସାଗରର ଉଷ୍ମ ଜଳବାୟୁ ଅଞ୍ଚଳରେ ଜଳପତନର ୧୩ରୁ ୯୦ମିଟର ତଳେ ଦେଖାଯାଇଥାନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୪ ସେପ୍ଟେମ୍ବର ୨୦୨୩, ଗୁରୁବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗୋଟିଏ ସତ୍ୟ ...

କଥାରେ ଅଛି– 'ଗୋଟିଏ ଫଟୋ ହଜାରେ ଶବ୍ଦ ପ୍ରକାଶ କରିଥାଏ ।' ଏକଥା ପ୍ରମାଣିତ ହୋଇଛି ଭାରତରେ ସଦ୍ୟ ସମାପ୍ତ ଜି-୨୦ ନେତୃବୃନ୍ଦଙ୍କ ସମ୍ମିଳନୀ ପରେ। ଏହି ଅବସରରେ ଉତ୍ତୋଳିତ ଏକ ଫଟୋରେ ଦେଖା ଯାଉଛି ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ସାଉଦି ଆରବର କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମନ୍ ଅଲ୍ ସାଉଦ୍ ପରସ୍ପର ସହ କରମର୍ଦ୍ଦନ କରୁଛନ୍ତି। ଏବେ ଏଇ ଫଟୋ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଏହା ଦର୍ଶାଇଛି ଯେ ଚୀନ୍ ସହିତ ମିଶି କାମ କରିବାକୁ ଏହା ସହିତ ହାତ ମିଳାଇ ଥିବା ବେଳେ ସାଉଦି ଆରବ ଏହାର ପାରମ୍ପରିକ ସୁରକ୍ଷା ଭାଗିଦାର ଯୁକ୍ତରାଷ୍ଟ୍ର ଆମେରିକାର ସଙ୍ଗ ପରିତ୍ୟାଗ କରିନାହିଁ । ଏହି ଫଟୋ ଆହୁରି ମଧ୍ୟ ଦର୍ଶାଇଛି କି ପ୍ରିନ୍ସ ସଲ୍ଲନ୍‌ଙ୍କ ବିରୋଧରେ ତାଙ୍କର ନିର୍ବାଚନୀ ଭାଷଣବାଜି ସତ୍ତ୍ୱେ ବିଶ୍ୱର ନେତୃତ୍ୱ ନେବା ପ୍ରସଙ୍ଗ ଆସିବା ମାତ୍ରେ ରାଷ୍ଟ୍ରପତି ବାଇଡେନ୍ ନିଜର ଦାୟିତ୍ୱକୁ ନିର୍ବାହ କରିବା ପାଇଁ ସାଉଦି ଆରବ ସହିତ ସମ୍ପର୍କକୁ ଦୃଢ଼ କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ଆଉ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଇତ୍ୟବସରରେ ଫଟୋରେ ଶାନ୍ତିର ପ୍ରତିଷ୍ଠାତା ଭୂମିକାରେ ଅବତୀର୍ଣ୍ଣ ହୋଇଥିବାକୁ ଏହା ସୂଚାଉଛି । ତେବେ ସବୁଠୁ ବଡ଼କଥା ହେଉଛି, ଏହି ଫଟୋ ଯେଉଁ ଅବସରରେ ଉଠାଯାଇଛି, ତାହା ବୈଶ୍ୱିକ ଭୂ-ରାଜନୀତି କ୍ଷେତ୍ରରେ ଏସବୁ ଅପେକ୍ଷା ଅଧିକ ଉଲ୍ଲେଖନୀୟ । ଜି-୨୦ ବୈଠକ କାଳରେ ଏଇ ତିନି ନେତା ଅର୍ଥାତ୍ ଭାରତ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସାଉଦି ଆରବ ଏକ ନୂଆ ବୈଶ୍ୱିକ ଭିତ୍ତିଭୂମି ପ୍ରକଳ୍ପ ବିଷୟରେ ଘୋଷଣା କରିଛନ୍ତି । ଏହା ହେଉଛି- ଭାରତ, ମଧ୍ୟପ୍ରାଚ୍ୟ ଏବଂ ୟୁରୋପ୍ ଅଞ୍ଚଳକୁ ଯୋଡୁଥିବା ରେଳ ଏବଂ ସାମୁଦ୍ରିକ କରିଡର ନିର୍ମାଣ କରିବା। ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ୍ ଅର୍ଥନୀତିକ କରିଡର (ଆଇଏସ୍‌ଇସି) ଦୁଇଗୋଟି କରିଡରକୁ ନେଇ ପ୍ରତିଷ୍ଠିତ ହେବ- ପ୍ରାଚ୍ୟ କରିଡର, ଯାହା ଭାରତକୁ ଆରବ ଗଲ୍ଫ ସହିତ ଯୋଡ଼ିବ ଏବଂ ଉତ୍ତରାଞ୍ଚଳ କରିଡର ଯାହା ଆରବ ଗଲ୍ଫକୁ ୟୁରୋପ୍ ସହିତ ଯୋଡ଼ିବ । ଏହି ପ୍ରକଳ୍ପର ରୂପରେଖ ଅନୁସାରେ ସ୍ଥିର କରାଯାଇଛି ଯେ ଏକ ସମୁଦ୍ର ପଥ ଦେଇ ଭାରତରୁ ସାଉଦି ଆରବକୁ ସାମଗ୍ରୀମାନ ରପ୍ତାନୀ କରାଯିବ, ଯାହାକୁ ତା'ପରେ ଏକ ରେଳ ପଥ ଦେଇ ଦୁବାଇରୁ ସାଉଦି ଆରବ, ଜୋର୍ଡାନ୍ ଏବଂ ଇସ୍ରାଏଲ ବାଟ ଦେଇ ପରିବହନ କରାଯିବ । ଇସ୍ରାଏଲରୁ ସାମଗ୍ରୀଗୁଡ଼ିକୁ ସାମୁଦ୍ରିକ ପଥ ଦେଇ ଇଟାଲୀକୁ ଯିବ। ଇଟାଲୀରୁ ଜର୍ମାନୀ ଦେଇ ସେଗୁଡ଼ିକ ଫ୍ରାନ୍ସରେ ପହଞ୍ଚା ଯିବ। ଆଇଏମ୍‌ଇସି ମୁଖ୍ୟତଃ ଯେଉଁସବୁ ଅଞ୍ଚଳ ଦେଇ ଗତି କରିବ, ସେଗୁଡ଼ିକ ହେଉଛି- ଭାରତୀୟ ଉପମହାଦେଶ (ପାକିସ୍ତାନ ବ୍ୟତୀତ), ମଧ୍ୟପ୍ରାଚ୍ୟ ଏବଂ ୟୁରୋପ୍, ଯେଉଁମାନଙ୍କର ଅର୍ଥନୀତିକୁ ୪.୨୫ ଟ୍ରିଲିଅନ୍, ୫.୦୮ ଟ୍ରିଲିଅନ୍ ଏବଂ ୧୪ ଟ୍ରିଲିଅନ୍ ଭାବରେ ଆକଳନ କରାଯାଇଛି । ଏହି ତିନିଗୋଟିଯାକ ଅଞ୍ଚଳର ମିଳିତ ଅର୍ଥନୀତି ହେଉଛି ୨୩.୩ ଟ୍ରିଲିଅନ୍, ଯାହାକି ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ହାରାହାରି ଏକ-ଚତୁର୍ଥାଂଶ ଏବଂ ଏହା ହିଁ ପର୍ଯ୍ୟାପ୍ତ ପରିମାଣର ଅଠା ପ୍ରସ୍ତୁତ କରୁଛି ସେମାନଙ୍କୁ ଏକାଠି ଯୋଡ଼ି ରଖିବାକୁ। ପୁନଶ୍ଚ, ରେଳ ପଥ ବ୍ୟତୀତ ଆଇଏମ୍‌ଇସି ମଧ୍ୟ ବିଦ୍ୟୁତ୍ ଶକ୍ତି ଏବଂ ଡିଜିଟାଲ ସଂଯୋଗ ପାଇଁ କେବୁଲ୍ ତଥା ସ୍ୱଚ୍ଛ ଉଦ୍‌ଯାନ ବା ହାଇଡ୍ରୋଜେନ୍ ରପ୍ତାନୀ ପାଇଁ ପାଇପ୍ ବିଛାଇବା କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରିବ। ମୋଟାମୋଟି କୁହାଯାଇପାରେ ଯେ ଉଭୟ ଦିଲ୍ଲୀ ଏବଂ ୱାଶିଂଟନ୍ ଡିସି ପାଇଁ ଚୀନ୍‌କୁ ବିରୋଧ କରିବା ନିମନ୍ତେ ସାମୁହିକ ଶକ୍ତିର ପ୍ରୟୋଗ କରିବାର ଏହା ଏକ ଉପାୟ । ଆଉ ସାଉଦି ଆରବ ଏବଂ ୟୁଏଇ ପାଇଁ ଏହା ହେଉଛି ସେମାନଙ୍କ ବିଶ୍ୱ ବାହାରେ ଏକ ବୃହତ୍ତର ବିଶ୍ୱ ସହିତ ଯୋଡ଼ିହେବାର ଏକ ସୁଯୋଗ ତଥା ଏହା ସେତିକି ବେଳେ ସେମାନେ ଭଲ ଭାବରେ ବୁଝି ପାରିବେ, ଯେତେବେଳେ ସେମାନଙ୍କୁ ସେମାନଙ୍କର ଜୀବାଶ୍ମ ଜାଳେଣି-ପରିଚାଳିତ ଶକ୍ତି ବାହାରେ ବିକଳ୍ପ ଶକ୍ତିର ସନ୍ଧାନ କରିବାକୁ ପଡ଼ିବ । ଏଥିରେ ସନ୍ଦେହ ନାହିଁ ଯେ ଉପରୋକ୍ତ ପ୍ରକଳ୍ପ ବିପୁଳ ପରିମାଣର ସମ୍ବଳ, ଦୃଷ୍ଟାନ୍ତମୂଳକ କାର୍ଯ୍ୟ ସମ୍ପାଦନ ସାମର୍ଥ୍ୟ ଏବଂ ଏକ ଜଟିଳ ଆନୁଷ୍ଠାନିକ ବ୍ୟବସ୍ଥା ଆବଶ୍ୟକ କରିବ । ତେବେ ଏକ ବ୍ୟାପକ ଦୃଷ୍ଟିକୋଣ ଏବଂ ମହତ୍ତ୍ୱକାଂକ୍ଷା ଦୃଷ୍ଟିରୁ ଆଇଏସ୍‌ଇସି ପ୍ରଶଂସାର ହଦାର । ପୁନଶ୍ଚ, ଏହି ପ୍ରକଳ୍ପ ଯେ ଫଳବତୀ ନହୋଇ ପାରିବ, ସେମିତି ନୁହେଁ, କାରଣ ଉଲ୍ଲେଖ କରାଯାଇପାରେ ଯେ ଇତିହାସକୁ ଅବଲୋକନ କଲେ ଜଣା ପଡ଼ିବ କି ଆଇଏମ୍ସି ଯେଉଁ ପଥ ବିଷୟରେ ଉଲ୍ଲେଖ କରୁଛି, ତାହା ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଆରବ ବ୍ୟବସାୟୀମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିଲା ଭାରତରୁ ବିଭିନ୍ନ ପ୍ରକାରର ମସଲା ଏବଂ ଚିନି ନେଇ ୟୁରୋପୀୟମାନଙ୍କୁ ବିକ୍ରି କରିବାକୁ । ତେଣୁ ଏହା ହେଉଛି ଏକ ମସଲାଯୁକ୍ତ ପଥ, ଯାହା ବିଶ୍ୱ ପାଇଁ ମିଠା ଚାଖିବାର ଅନୁଭୂତି ଆଣି ଦେଉଥିଲା । ଆଶା କରାଯାଉ, ଉପରୋକ୍ତ ପ୍ରକଳ୍ପିତ ମସଲାଯୁକ୍ତ ପଥ ପୁଣିଥରେ ବିଶ୍ୱକୁ ମଧୁରତାରେ ଭରିଦେବ ।



## ବଦଳିବ ପୁରୁଣା ଦଣ୍ଡ ସଂହିତା

### ଗୋପାଳ ମହାପାତ୍ର

ଆମ ଦେଶରେ କେଉଁ ଅପରାଧ ପାଇଁ କଣ ଦଣ୍ଡ ଦିଆଯିବ ତାହା ଭାରତୀୟ ଦଣ୍ଡ ସଂହିତା ଦ୍ୱାରା ହିଁ ସ୍ଥିର କରାଯାଇଥାଏ। ଦଣ୍ଡ ସଂହିତାରେ ୫୦୦ରୁ ଅଧିକ ଧାରା ରହିଛି ଓ ଭିନ୍ନ ଭିନ୍ନ ଅପରାଧ ପାଇଁ ଦଣ୍ଡ ବାବଦରେ ଉଲ୍ଲେଖ ରହିଛି। ପାଖାପାଖି ୧୬୦ ବର୍ଷର ପୁରୁଣା ଏହି ଦଣ୍ଡ ସଂହିତାରେ ଅନେକ ସମୟରେ ପରିବର୍ତ୍ତନ କରାଯାଇଛି, କିନ୍ତୁ ଏହାର ମୂଳ ସ୍ୱରୂପ ବଦଳି ନାହିଁ। ଏବେ କେନ୍ଦ୍ର ସରକାର ଏହି ଦଣ୍ଡ ସଂହିତାରେ ବ୍ୟାପକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସଂସଦର ମୌସୁମୀ ଅଧିବେଶନ ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକସଭାରେ ଭାରତୀୟ ଦଣ୍ଡ ସଂହିତା (ଆଇ.ପିସି), ଦଣ୍ଡ ପ୍ରକ୍ରିୟା ସଂହିତା (ସି.ଆର.ପିସି) ଏବଂ ସାକ୍ଷ ଅଧିନିୟମ (ଏଭିଡେନସ ଆକ୍ଟ) ବଦଳରେ ୩ ନୂଆ ଆଇନ ଅଣାଯିବା ପାଇଁ ବିଧାୟକ ଆଗତ କରିଥିଲେ। ସଂସଦୀୟ ପ୍ରକ୍ରିୟା ପୂରଣ ହେବା ପରେ ଏହି ୩ ନୂଆ ଆଇନ୍ କାର୍ଯ୍ୟକାରୀ ହେବ। ଏଯାବତ୍ ୧୮୬୦ ମସିହାରେ ଇଂରେଜ ମାନେ ପ୍ରଣୟନ କରିଥିବା ଆଇନର ଆଧାରରେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳି ଚାଲି ଆସୁଛି। ନୂଆ ଆଇନ୍ କାର୍ଯ୍ୟକାରୀ ହେଲେ ପୁରୁଣା ଆଇନ୍‌ର ପରିବର୍ତ୍ତନ ହେବ। ନୂଆ ଆଇନ୍‌ରେ ମହିଳା ମାନଙ୍କ ସୁରକ୍ଷା ପାଁଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏକଥା ମଧ୍ୟ ସତ୍ୟ ଯେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ବିଧାୟକ ଆଗତ କରିଛନ୍ତି ତାହା ସମୟରେ ଆବଶ୍ୟକତା। ଏବେର ଆଇନ୍ ଅନୁସାରେ କାହାରିକୁ ଅପରାଧି ଭାବେ ଗିରଫ କରାଗଲେ କେତେ ସମୟ (ଦିନ) ମଧ୍ୟରେ ମାମଲାର ବିଚାର ସରିବ ସେ ବାବଦରେ କିଛି ଉଲ୍ଲେଖ ନାହିଁ। କିନ୍ତୁ ନୂଆ ଆଇନ୍ ଅନୁସାରେ ଟ୍ରାଏଲ୍ କୋର୍ଟକୁ ୩ ବର୍ଷ ମଧ୍ୟରେ ବିଚାର କରିବାକୁ ପଡିବ। ଅନ୍ୟ ପକ୍ଷରେ ରାଜଦ୍ରୋହ ଆଇନ୍ ବଦଳରେ ଦେଶଦ୍ରୋହ ଆଇନ୍ କାର୍ଯ୍ୟକାରୀ ହେବ। ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରାକୁ ବାଦ୍ ଦିଆଯାଇ ୩୫୬ଟି ଧାରା ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ଧାରା ମଧ୍ୟ ଯୋଡାଯିବ। ଛୋଟ ଛୋଟ ଅପରାଧ ପାଁଇ ଜେଲକୁ ପଠାଯିବା ପରିବର୍ତ୍ତେ ଦଣ୍ଡ ସ୍ୱରୂପ ସାମୁଦାୟିକ ସେବାର ପ୍ରାବଧାନ ରଖାଯିବ। ଏହିଭଳି ମବ୍ ଲିଂକିଙ୍ଗ୍, ଲଭ ଜିହାଦ ଭଳି ମାମଲାରେ କଠିନ ଦଣ୍ଡର ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି। ଦେଶର ଯେ କୌଣସି ସ୍ଥାନରେ ଏଫ୍.ଆଇ.ଆର୍ ଦରଜ କରାଯାଇ ପାରିବା ଭଳି ଅନେକ ପ୍ରାବଧାନ ରହିଛି। ଏହା ଫଳରେ ଅଦାଲତରେ ମାମଲାର ବୋଝ କମିବ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯଦି ଅଧିବେଶନ ପ୍ରାରମ୍ଭର ଏହି ବିଧେୟକକୁ ଆଗତ କରିଥାନ୍ତେ ତେବେ ଲୋକସଭାରେ ଗୃହୀତ ହେବା ସହ ରାଜ୍ୟ ସଭାରେ ଗୃହୀତ ହୋଇପାରିଥାନ୍ତା। ଏବେ ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ଅନେକ ଆଇନ୍ ବିଶାରଦ ଏହାକୁ ସ୍ୱାଗତ କରିଛନ୍ତି। ମୁଖ୍ୟ କଥା ହେଉଛି ବର୍ତ୍ତମାନର ପ୍ରଚଳିତ ଆଇନ୍ ୧୦୦ ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିଲା ଓ ସମାଜର ବର୍ତ୍ତମାନର ସ୍ଥିତି ଅନୁସାରେ ଏଥିରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଦେଶ ସ୍ୱାଧୀନ ହେବା ପରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଅନେକ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ଯଥାବତ୍ ସ୍ୱୀକାର କରାଯାଇଥିଲା। ଯଦିଓ ଅନେକ ସମୟରେ ଏଥିରେ କିଛି ସଂଶୋଧନ କରାଯାଇଥିଲା ତଥାପି ଆଇନ୍‌ର ମୂଳ ଢାଞ୍ଚା ଇଂରେଜ ଶାସନ ବେଳର ରହିଛି। ନ୍ୟାୟାଳୟର କାର୍ଯ୍ୟ ପ୍ରଣାଳୀରେ ମଧ୍ୟ ଔପନିବେଶିକ ସମୟର ଛାପ ରହିଛି। ବର୍ତ୍ତମାନ ସରକାର ନୂଆ ଆଇନ୍ ପାଇଁ ଯେଉଁ ବିଧେୟକ ଆଗତ କରିଛନ୍ତି ସେଥିରେ ମବ୍ ଲିଞ୍ଚିଙ୍ଗ୍ ଏବଂ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ମୃତ୍ୟୁ ଦଣ୍ଡର ପ୍ରାବଧାନ ରଖାଯାଇଛି। ସରକାର ମବ୍ ଲିଞ୍ଚିଙ୍ଗ୍‌କୁ ହତ୍ୟା ବୋଲି ପରିଭାଷିତ କରିଛନ୍ତି। ଯେତେବେଳେ ୫ରୁ ଅଧିକ ଲୋକ ବା ଗୋଷ୍ଠୀ ଜାତି, ସମୁଦାୟ, ଲିଙ୍ଗ, ଭାଷାକୁ ଆଧାର କରି କାହାରିକୁ ହତ୍ୟା କରିଥାନ୍ତି ତାକୁ ମବ୍ ଲିଞ୍ଚିଙ୍ଗ୍ କୁହାଯାଇଥାଏ। ଏଥିପାଇଁ ଅପରାଧିଙ୍କୁ ୭ ବର୍ଷର ଜେଲଦଣ୍ଡ ଏବ ଅଧିକତମ ମୃତ୍ୟୁଦଣ୍ଡ ଏବଂ ଜୋରିମାନାର ପ୍ରାବଧାନ ରଖାଯାଇଛି। ସାମୁହିକ ଦୁଷ୍କର୍ମ ମାମଲାରେ ଅପରାଧି ମାନଙ୍କୁ ୨୦ ବର୍ଷ ବା ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା କରାଯାଇଛି। ୧୮ ବର୍ଷର ଯୁବତୀ ସହ ଦୁଷ୍କର୍ମ ମାମଲାରେ ଅଧିକତମ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି।

ନୂଆ ଆଇନ୍‌ରେ ଜାଲିଆତି କରି ଦେଶ ଛାଡି ବିଦେଶକୁ ପଳାଇ ଯାଉଥିବା ଅପରାଧିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ନ୍ୟାୟଳୟରେ ଦେଶ ଛାଡି ପଳାଇ ଯାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତାଙ୍କ ଅନୁପସ୍ଥିତିରେ ମାମଲା ଚାଲି ପାରିବ ବୋଲି ନୂଆ ଆଇନରେ ଉଲ୍ଲେଖ ରହିଛି। ବର୍ତ୍ତମାନର ନ୍ୟାୟ ବ୍ୟବସ୍ଥାରେ ମାମଲାର ବିଚାର ସରିବା ପର୍ଯ୍ୟନ୍ତ କିଛି ଲୋକ ତାଙ୍କୁ ମିଳିବାକୁ ଥିବା ଦଣ୍ଡ ଅବଧି ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଜେଲରେ ବିଚାରଧିନ କଏଦୀ ଭାବେ ବିତାଇଥାନ୍ତି। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ମଧ୍ୟ ଜେଲରେ ସଢୁଛନ୍ତି। ଅନ୍ୟ ପକ୍ଷରେ ଦୋଷୀ ନିର୍ଦ୍ଦ୍ୱନ୍ଦରେ ବୁଲୁଛନ୍ତି। ଏକ ପ୍ରକାର ମାମଲାରେ ଜଣକୁ ତୁରନ୍ତ ଜାମିନ ମିଳି ଯାଉଥିବା ବେଳେ କେତେକଙ୍କୁ ଜାମିନ ମିଳିପାରୁନାହିଁ। କାରଣ ହେଉଛି ଜାମିନ ପାଇଁ ଓକିଲ ଦେବାକୁ ତାଙ୍କ ପାଖରେ ଅର୍ଥର ଅଭାବ। ଏଣୁ ଦଣ୍ଡ ପ୍ରକ୍ରିୟା ସହ ଅଦାଲତି ବ୍ୟବସ୍ଥାର ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟାଳୟ ବା ଅଦାଲତଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ମାମଲା ବିଚାର ପାଇଁ ବିଧେୟକରେ ଯେଉଁ ପ୍ରାବଧାନ ରଖାଯାଇଛି ତାହା ସ୍ୱାଗତ ଯୋଗ୍ୟ ନିଶ୍ଚୟ। ମୋଟାମୋଟି ଭାବେ କହିବାକୁ ଗଲେ ଦଣ୍ଡ ସଂହିତାରେ ପରିବର୍ତ୍ତନ ପାଇଁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଅନେକ ଚାଲେଞ୍ଜ ରହିଛି। ଏବେ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ଲମ୍ବିତ ହୋଇ ରହିଛି। ଅଦାଲତ ମାନଙ୍କରେ ଆବଶ୍ୟକ ସଂଖ୍ୟକ ବିଚାରପତି ପଦବୀ ଖାଲି ପଡିଛି। ଅପରାଧର ତଦନ୍ତ ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମୀଙ୍କର ଅଭାବ ମଧ୍ୟ ରହିଛି। ଏସବୁର ସମାଧାନ ନହେବା ପର୍ଯ୍ୟନ୍ତ ନୂଆ ଆଇନ୍‌ର କାର୍ଯ୍ୟକାରୀତା ନେଇ ମଧ୍ୟ ଅବ୍ୟବସ୍ଥା ଦେଖାଯିବ।

+ରାମଚନ୍ଦ୍ରପୁର
ରଣପୁର
ମୋ- ୯୪୩୮୪୮୫୦୯୪



## ନରେନ୍ଦ୍ର ମୋଦି ଦେଶର ସମର୍ପିତ ସେବକ ଓ ସଂସ୍କାରକ

### ପ୍ରଦୀପ ସେନାପତି

ଅଦମନୀୟ ବ୍ୟକ୍ତିତ୍ୱ ସର୍ବସ୍ୱୀକୃତ ମହାନାୟକ ରାଷ୍ଟ୍ରନାୟକ ଭାରତର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ପରିଚାଳନାର ମନ୍ତ୍ର ବା ମୁଖ୍ୟନିଃସୃତ ବାଣୀ ସମଗ୍ର ବିଶ୍ୱରେ ଭାରତର ପତିଆରା ଯଥେଷ୍ଟ ବୃଦ୍ଧିପାଇଛି। ମୋଦି ବିଶ୍ୱର ଜନକଲ୍ୟାଣକାରୀ ମାନବ ରୂପେ ସମ୍ମାନ ପାଉଛନ୍ତି। ସେ ଦେଶର ପ୍ରଧାନମନ୍ତ୍ରୀ ନୁହଁନ୍ତି, ପ୍ରଧାନ ସେବକ ବୋଲି ପ୍ରଥମରୁ ଦେଶବାସୀଙ୍କୁ କହିଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାଧୀନତା ପରେ ଆମକୁ ସ୍ୱରାଜ ତ ମିଳିଲା, କିନ୍ତୁ ସୁ-ରାଜ ମିଳିପାରିଲା ନାହିଁ। ୧୨୫ କୋଟି ଦେଶବାସୀ ଗୋଟିଏ ପାଦ ଆଗକୁ ଗଲେ ଆମ ଦେଶ ୧୨୫ କୋଟି ପାଦ ଆଗକୁ ଯିବ। ଯଦି ଦେଶବାସୀ ହିନ୍ଦୁସ୍ଥାନରୁ ଇଂରେଜମାନଙ୍କୁ ତଡ଼ିଦେଇ ପାରିଲେ। ତେବେ ୧୨୫କୋଟି ଦେଶବାସୀ ହିନ୍ଦୁସ୍ଥାନରୁ ଦୁର୍ନୀତି ଓ ଦରିଦ୍ର୍ୟତାକୁ ମଧ୍ୟ ତଡ଼ିଦେଇ ପାରିବେ। ସ୍ୱାଧୀନତା ଦିବସ ଆମ ଦେଶର ଗରିବ, ପୀଡ଼ିତ, ଶୋଷିତ, ସମାଜର ପଛୁଆ ଲୋକଙ୍କ କଲ୍ୟାଣରେ ସେମାନଙ୍କ ପାଇଁ ସବୁକିଛି କରାଯିବାର ସଂକଳ୍ପ ନେବା ପାଇଁ ଏହା ପବିତ୍ର ପର୍ବ ଅଟେ। ଆମ ଦେଶର କୃଷକ ଏତେ ଶକ୍ତିଶାଳୀ ଅଟନ୍ତି ଯେ, ଥରେ ଯଦି ତାଙ୍କୁ ପାଣି ମିଳିଯିବ ତେବେ ସୁନା ଫଳାଇବାର ଶକ୍ତି ଆମ କୃଷକ ମାନଙ୍କ ପାଖରେ ଅଛି। ମଜଭୁତ ରାଜ୍ୟ ହିଁ ମଜଭୁତ ରାଷ୍ଟ୍ର ତିଆରି କରିପାରେ। ବିକାଶ ସର୍ବପ୍ରିୟ, ସର୍ବ-ସମନ୍ୱୟ, ସର୍ବ-ହିତକାରୀ ଓ ସମାବେଶୀ ହେବା ଉଚିତ। ରାଷ୍ଟ୍ର ଯେକୌଣସି ରାଜନୈତିକ ଦଳ ଠାରୁ ବହୁ ଉର୍ଦ୍ଧ୍ୱରେ ଅଟେ। ଦେଶର ଅର୍ଥ ବ୍ୟବସ୍ଥାକୁ ବହୁତ ଫଇଦା ହେବ ଯଦି ଗ୍ରାମୀଣ ଅଞ୍ଚଳରେ ଗ୍ରାମୀଣ ସୁବିଧା ଗୁଡ଼ିକ ଉପଲବ୍ଧ କରାଇ ଦଆଯିବ। କାରଣ ସୁବିଧା ସହରର ଆତ୍ମା 'ଗାଁ'ରେ ଅଛି। ଆମେ ସାଥୀ ହୋଇ ଚଳିବା, ମିଶି ଚଳିବା, ମିଶି ଚିନ୍ତା କରିବା, ମିଶି ସଂକଳ୍ପ କରିବା ଓ ଆମ ଦେଶକୁ ମିଶି ଆଗକୁ ନେଇଯିବା। ଏହି ମନ୍ତ୍ରକୁ ମୂଳମନ୍ତ୍ର କରି ୧୨୫ କୋଟି ଦେଶବାସୀ ଦେଶକୁ ଆଗକୁ ନେଇଛନ୍ତି। ସେଥିପାଇଁ ମୁଁ ଜଣେ ସେବକ ଭାବରେ ନିଜକୁ ଧନ୍ୟ ମନେକରେ। ଦେଶ ଆଗେଇବା ପାଇଁ ଦୁଇଟି ଧାରଣା ଅଛି। ଉତ୍ତମ ଶାସନ ଏବଂ ଦୁର୍ନୀତିମୁକ୍ତ ବିକାଶ। ତାହାକୁ ନେଇ ଆଗକୁ ଚଳିପାରିବା। ତାହା ଉପରେ ଚଳିବାର ଉଦ୍ଦେଶ୍ୟ ନେଇ ଆମେ ଆଗକୁ ଯିବାକୁ ଚାହୁଁଛୁ। ଯୁବ ନେତୃତ୍ୱର ଦେଶ ଆଜି ବୃଦ୍ଧଙ୍କ ହାତରେ। ଆମ ଦେଶ ବିଶ୍ୱର ସବୁଠାରୁ ଯୁବକ ମାନଙ୍କର ଦେଶ ଅଟେ। ଦେଶକୁ ବିକାଶ ଆଡ଼କୁ ଆଗେଇବା ପାଇଁ ସ୍କିଲ୍ ଡ଼େଭଲପମେଣ୍ଟ ଆମର ଲକ୍ଷ୍ୟ ଅଟେ। ଅନ୍ନ ଭଣ୍ଡାର ପରି ମୋର କୃଷକ ବନ୍ଧୁ ଭାରତ ମାତାର ସେତିକି ସେବା କରେ, ଯେପରି ଜବାନମାନେ ଦେଶ ମାତୃକାର ସେବା କରିଥାନ୍ତି। ଯୁବକମାନେ ଗୋଟିଏ ନିଷ୍ପତ୍ତି ଗ୍ରହଣ କରନ୍ତୁ ଯେ, ମୁଁ ମୋର ଛୋଟଛୋଟ କାମ ଦ୍ୱାରା ଦେଶକୁ ଆମଦାନୀ ହେଉଥିବା ଅତି କମ୍‌ରେ ଗୋଟିଏ ଜିନିଷ ଏଥର ତିଆରି କରିବି, ଯାହା ଦେଶକୁ ଆମଦାନୀ କରିବାକୁ ପଡ଼ିବ ନାହିଁ। ଆଜି ଯଦି ଶହେ ଟଙ୍କାର ବିଦ୍ୟୁତ୍ ବିଲ୍ ଆସେ, ତେବେ ଆମକୁ ସ୍ଥିର କରିବା ଉଚିତ ହେବ ଯେ, ଆସନ୍ତା ବିଲ୍ ନବେ ଟଙ୍କା କେମିତି ଆସିବ? ୧୦ ଟଙ୍କା କେମିତି ସଞ୍ଚୟ କରିବା, ତେବେ ଆମ ଛୁଆମାନଙ୍କ ପାଇଁ କ୍ଷୀର ଆଣିପାରିବା, ଏହା ହିଁ ମୋର ଆହ୍ୱାନ ଅଟେ। ଟିକିଏ ସତର୍କତା ସହ ଚେଷ୍ଟା କରିବା ଉଚିତ୍। ଦୁର୍ନୀତି ଓ ଭ୍ରଷ୍ଟାଚାର ଏ ଦୁଇବନ୍ଧୁ ଆମ ଦେଶକୁ କବଳିତ କରି ନଷ୍ଟ କରି ରଖିଛି। ପରିସ୍ଥିତି ଏପରି ହୋଇଯାଇଛି ଯେ, କିଛି ଲୋକଙ୍କ ଜୀବନରେ ଭ୍ରଷ୍ଟାଚାର ତାଙ୍କ ପାଇଁ ଶିଷ୍ଟାଚାର ହୋଇଯାଇଛି। ଦେଶବାସୀଙ୍କ ପାଇଁ ମୁଁ ଏହି କାମ କରିବାକୁ ଚାହୁଁଛି। ମୋତେ ସାହାଯ୍ୟ କରନ୍ତୁ। ଏହି ରୋଗକୁ ଦେଶରୁ ବାହାର କରିବାର ଅଛି ଓ ବାହାର କରାଯାଇ ପାରିବ। ଥରେ ଯଦି ସମାଜ ମୋ ସହିତ ମିଶିଗଲା, ମୁଁ ମାନୁନାହିଁ ଯେ କାହାର ଶକ୍ତି ଅଛି ଏହି ପାପ କରିବାକୁ ସାହସ କରିବ? ଆମେ 'ସତ୍ୟମେବ ଜୟତେ' ସହ ପରିଚିତ ଅଛନ୍ତି। ଯେତିକି ଶକ୍ତି 'ସତ୍ୟମେବ ଜୟତେ'ରେ ଅଛି, ସେତିକି ହିଁ ଶକ୍ତି ରାଷ୍ଟ୍ରର ବିକାଶ ପାଇଁ 'ଶ୍ରମେବ ଜୟତେ'ର ଅଛି। ଏଥିପାଇଁ ଶ୍ରମର ପ୍ରତିଷ୍ଠା କିପରି ବଢିବ? ଭ୍ରୂଣହତ୍ୟା ଆମ ପାଇଁ ଲଜ୍ଜାର ବିଷୟ ଓ ଗଭୀର ଚିନ୍ତାର ବିଷୟ ଅଟେ। ଆସନ୍ତୁ ଏହି ଦୋଷକୁ ସମାଜରୁ ସମାପ୍ତ କରିବା ପାଇଁ ଆମେ ମିଳିମିଶି ସମସ୍ତେ ସଂକଳ୍ପ ନେବା। ବର୍ତ୍ତମାନ ପର୍ଯ୍ୟନ୍ତ ମହିଳାଙ୍କୁ କେବଳ ଗୃହିଣୀ ବୁଝା ଯାଉଥିଲା, କିନ୍ତୁ ଆଜି ଏହା ଆବଶ୍ୟକ ଯେ, ଆମେ ମହିଳାଙ୍କୁ ରାଷ୍ଟ୍ର-ନିର୍ମାତ୍ରୀ ରୂପେ ଦେଖିବା, ଯେଉଁମାନେ ଆମର ଭବିଷ୍ୟତକୁ ପ୍ରଧାନ ଆଧାର ରୂପେ ପରିଗଣିତ କରିପାରନ୍ତି। ଭାରତ ସମ୍ମୁଖରେ ଏକ ମୁଖ୍ୟ ଲକ୍ଷ୍ୟ ଅଛି, ରୋଜଗାର ଉପଲବ୍ଧ କରାଇବା। ଆମର ପ୍ରଥମ ପ୍ରାଥମିକତା ବିକାଶରେ ଏହା ଅଛି ଯେ, ଆମେ ସର୍ବାଧିକ ରୋଜଗାର କିପରି ଉପଲବ୍ଧ କରାଇ ପାରିବା। ଏହି ଦେଶ ଯୁବପୀଢିଙ୍କ ଦେଶ ଅଟେ। ସେମାନଙ୍କ ହାତରେ ଯଦି ରୋଜଗାରର ସୁଯୋଗ ଥିବ ତେବେ କେନ୍ଦ୍ର ଓ ରାଜ୍ୟ ମିଶି ଯେତେ ଶକ୍ତିର ସହ ଆଗକୁ ବଢନ୍ତି ଯଦି ଏହି ଯୁବପୀଢିଙ୍କ ଉଦ୍ୟମ ସେଥିରେ ଲାଗିଯାଏ, ତେବେ ବୋଧହୁଏ ଉଚ୍ଚତାକୁ ପାର କରିବାରେ ଆମକୁ ବିଳମ୍ବ ହେବ ନାହିଁ, ଏହା ମୋର ବିଶ୍ୱାସ। ଆମକୁ ବିଜୟ ଓ ପରାଜୟର କଟୁତାକୁ ଭୁଲି ରାଷ୍ଟ୍ର-ହିତ, ରାଷ୍ଟ୍ରନୀତି ବାବଦରେ ଚିନ୍ତା କରିବା ଉଚିତ। ଅତି କମ୍ ପୁଞ୍ଜିରେ ଅତ୍ୟଧିକ ରୋଜଗାର ଦେଉଥିବା କୌଣସି କ୍ଷେତ୍ର ଯଦି ଅଛି ତେବେ ତାହା ଟୁରିଜିମ୍ ଅଟେ। ଟୁରିଷ୍ଟ ଆସିଲେ ଚଣା ବେପାରୀ ରୋଜଗାର କରେ ଓ ଚିନାବାଦାମ ବେପାରୀ ରୋଜଗାର କରେ। ଅଟୋରିକ୍ସା ବାଲା ମଧ୍ୟ ରୋଜଗାର କରେ, ଟ୍ୟାକ୍ସି ବାଲା ମଧ୍ୟ ରୋଜଗାର କରେ ଓ ଚା' ବିକିବା ବାଲା ମଧ୍ୟ ରୋଜଗାର କରେ ଏବଂ ଯେତେବେଳେ ଚା' ବିକିବା ବାଲାର କଥା ଉଠେ ତେବେ ମୋତେ ବେଶୀ ଆନନ୍ଦ ମିଳେ। ସମ୍ବିଧାନ କାଲି, ଆଜି ଓ କାଲିକୁ ଯୋଡ଼େ। ଭାରତର ସମ୍ବିଧାନ ହିମାଳୟକୁ ସମୁଦ୍ର ସହ ଯୋଡ଼େ। ଭାରତର ସମ୍ବିଧାନ କଚ୍ଛର ମରୁଭୂମିକୁ ନାଗାଲାଣ୍ଡର ସବୁଜିମା ଭରା ପାର୍ବତମାଳା ସହ ଯୋଡ଼େ। ୧୨୫ କୋଟି ନାଗରିକଙ୍କ ମନକୁ, ଆଶାକୁ, ଆକାଂକ୍ଷାକୁ ପଲ୍ଲବିତ କରେ। ଏହି ଦେଶକୁ ଶାସକମାନେ ନୁହେଁ, କୃଷକମାନେ, ମୂଳିଆମାନେ, ମା'ଭଉଣୀମାନେ, ନବଯୁବକମାନେ, ଋଷି-ମୁନିମାନେ, ଆଚାର୍ଯ୍ୟମାନେ, ଶିକ୍ଷକମାନେ, ବୈଜ୍ଞାନିକମାନେ, ସମାଜ ସେବକ ଓ ସଂସ୍କାରକମାନେ ତିଆରି କରିଛନ୍ତି। ଆମ ମହାପୁରୁଷମାନେ ସ୍ୱାଧୀନତା ଦେଇଛନ୍ତି, କ'ଣ ସେମାନଙ୍କ ସ୍ୱପ୍ନର ଭାରତ ପାଇଁ ଆମର କୌଣସି କର୍ତ୍ତବ୍ୟ ଅଛି ନା ନାହିଁ। ଆମର ମଧ୍ୟ କୌଣସି ରାଷ୍ଟ୍ରୀୟ ଚରିତ୍ର ଅଛି ନା ନାହିଁ, ତାହା ଉପରେ ବର୍ତ୍ତମାନ ଗମ୍ଭୀରତାର ସହ ଚିନ୍ତା କରିବାର ସମୟ ଆସିଯାଇଛି। କାହିଁକି ୧୨୫ କୋଟି ଦେଶବାସୀଙ୍କ ମନ୍ତ୍ର ହେବା ଉଚିତ ନୁହେଁ ଯେ ଜୀବନର ପ୍ରତିପାଦ ଦେଶ ଭିତରେ ହେଉ। ପ୍ରତ୍ୟେକ ଜିନିଷ ନିଜ ପାଇଁ ହୋଇନଥାଏ। କିଛି ଜିନିଷ ଦେଶ ପାଇଁ ମଧ୍ୟ ହୋଇଥାଏ। ଶାସନ ଆମ ପାଇଁ ଭୋଗର ସାଧନ ନୁହେଁ। ଧର୍ମନିରପେକ୍ଷତାର ମୋର ପରିଭାଷା ହେଲା, ପ୍ରଥମେ ଭାରତୀୟ, ଭାରତମାତା। ଆପଣ ଯାହା ମଧ୍ୟ କରନ୍ତୁ, ଯେଉଁଠି ମଧ୍ୟ କାମ କର, ସମସ୍ତ ନାଗରିକଙ୍କ ପାଇଁ ଭାରତ ସର୍ବୋପରି ହେବ। ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ, ମୁଁ ଦେଖୁଛି, ମୋ ଭାରତମାତା ପୁଣି ଆଉଥରେ ବିଶ୍ୱଗୁରୁର ସ୍ଥାନ ପ୍ରାପ୍ତ କରିବ। ଏହା କେମିତି କରିବେ? ଆପଣମାନଙ୍କ ପୁରୁଷାର୍ଥରୁ ତ ଏହା ହେବାର ଅଛି। ଆମ ଦେଶର ଯୁବପୀଢିଙ୍କ ପୁରୁଷାର୍ଥରେ ହେବାର ଅଛି। ସେ କ୍ଷେତ୍ରରେ କାମ କରୁଥିବା କୃଷକ ହୁଅନ୍ତୁ, ସେ ମୁଲ ଲାଗୁଥିବା ଗରିବ ଲୋକ ହୁଅନ୍ତୁ ଅଥବା ବୈଜ୍ଞାନିକ ଭଳି ଲ୍ୟାବରେ ବସି ତପସ୍ୟା କରୁଥିବା ଋଷିତୁଲ୍ୟ ଜୀବନ ହେଉ, ଏହା ହିଁ ତ ଅଟେ ଯିଏ ଭାରତମାତାକୁ ଜଗତଗୁରୁ ସ୍ଥାନରେ ବିରାଜମାନ କରିବ। ଆମେ ଏକ ସୁଖୀ ଭାରତ ଦେଖିବାକୁ ଚାହୁଁଛୁ। ଏକ ମଜଭୁତ ଭାରତ ଦେଖିବାକୁ ଚାହୁଁଛୁ। ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ ହେଉ, ଏହା ଆମର ସ୍ୱପ୍ନ ଅଟେ। ଯାହାକୁ ସାକାର କରିବାକୁ ହେବ। ତେବେ, ଯାହାହେଉ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, କ୍ଷମତାର ମହତ୍ତ୍ୱ, ସୁଶାସନର ଶୈଳୀ, ସଫଳତାର ମୂଳରେ ପଞ୍ଚାମୃତ ଦର୍ଶନ ପ୍ରାସଙ୍ଗିକ ଅଟେ। ଆଜି ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଅକ୍ଷରେ ଲେଖି ଅକ୍ଷ କଥାର ଇତି କରୁଛି। ତାଙ୍କର ଏହି ପବିତ୍ର ୭୪ତମ ଜୟନ୍ତୀ ଅବସରରେ ଓଡ଼ିଶାବାସୀଙ୍କ ସହିତ ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା, ଅଭିନନ୍ଦନ ଜଣାଇବା ସମେତ ପ୍ରଭୁ ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜଙ୍କ ଠାରେ ତାଙ୍କର ନିରାମୟ ଜୀବନ କାମନା କରୁଛି।

ରାଜ୍ୟ ସଭାପତି, ଓଡ଼ିଶା
ସାମ୍ବାଦିକ ସୁରକ୍ଷା ସଂଗଠନ,
ତଥା ଜାତୀୟସ୍ତରର ସାମ୍ବାଦିକ,
'ଇଣ୍ଡିଆନ ନ୍ୟୁଜ୍ ସାଇଟ୍'
(ଆଇ.ଏନ୍.ଏସ୍)
ଏବଂ ଆନ୍ତର୍ଜାତୀୟ ସ୍ତମ୍ଭକାର
ସାମନ୍ତରାପୁର, ପୁରୁଣା
ଭୁବନେଶ୍ୱର-୨
ମୋ : ୭୮୪୮୮୯୮୪୫୬




### ଜହ୍ନ ରାଇଜରେ ଜାଗା

#### ଜୟଶ୍ରୀ ପଟ୍ଟନାୟକ



କେତେ ଇତିହାସ ରଚିଛି ଭାରତ
ଅତୀତରୁ ବର୍ତ୍ତମାନ
ଆଜି ଗୌରବ ଆଣିଛି ବିଜ୍ଞାନ
ପହଞ୍ଚାଇ ଚନ୍ଦ୍ରଯାନ ।
ଜହ୍ନ ମାମୁଁ ଗୀତ ଗାଇ ଗାଇ ଦିନେ
ବୋଉ ଖୋଉଥିଲା ଭାତ
ସେଇ ଚନ୍ଦ୍ର ପୃଷ୍ଠେ ତ୍ରିରଙ୍ଗା ଉଡ଼ାଇ
ରଖିଲା ଯଶ ଭାରତ।
ତେଇଶ ମସିହା ଅଗଷ୍ଟ ମାସର
ତେଇଶ ତାରିଖ ଦିନ
ଜହ୍ନରେ ଚନ୍ଦ୍ର ଯାନ ପହଞ୍ଚାଇ
ଭାରତ ହେଲା ମହାନ ।
ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ
ଜୁଲାଇ ଚଉଦ ଦିନ
ଆରମ୍ଭ କରିଣ ମଙ୍ଗଳ ଯାତ୍ରା
ପହଞ୍ଚେ ତେଇଶ ଦିନ ।
ଧନ୍ୟ ହୋଇଛି ଭାରତ ମାତା
ଚନ୍ଦ୍ରର ଦକ୍ଷିଣେ ପହଞ୍ଚି
ଚନ୍ଦ୍ର ଯାନ ତିନି ସଫଳ ଯାତ୍ରାର
ଉଡାଣ ଶେଷ କରିଛି ।
ଚୀନ ଆମେରିକା ଋଷିଆ ପରେ
ଚତୁର୍ଥ ସ୍ଥାନରେ ରହି
ଚନ୍ଦ୍ର ପୃଷ୍ଠ ର ଦକ୍ଷିଣ ମେରୁରେ
ପହଞ୍ଚିଛି ବିକ୍ରମ ଯାଇ ।
ରୋଭର ପ୍ରଜ୍ଞାନ ବାହାରି ତହିଁରୁ
ଆରମ୍ଭିଛି ପଦଯାତ୍ରା
ସଫଳ ହୋଇଛି ଇସ୍ରୋ ବୈଜ୍ଞାନିକ
ସ୍ୱପ୍ନର ଜୟଯାତ୍ରା ।
ଜହ୍ନ ରାଇଜରେ ଚଉଦ ଦିନର
ରହଣିର ଯାତ୍ରା କରି
ଉତ୍ତାପ, ଭୂମିକମ୍ପ ପ୍ଲାଜ୍ମା ସମ୍ପର୍କିତ
ତଥ୍ୟ ଦେବ ସଂଗ୍ରହ କରି ।
ମହାକାଶ ଗବେଷଣା ଇତିହାସେ
ଇସ୍ରୋ ଅଧ୍ୟାୟେ ଯୋଡ଼ିଲା
ଚନ୍ଦ୍ର ପୃଷ୍ଠର ଦକ୍ଷିଣ ମେରୁରେ
ପ୍ରଥମ ପାଦ ରଖିଲା ।

+ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

### ରୂପବତୀ ବରଷା

#### ରାହାସ କୁମାର ବେହେରା



ବରଷା ପାଦେ ପାଉଁଜି
ବାଜେ ଧୀରେ ସପ୍ତ ସୁରେ
ଶୁଭଇ ରୁଣୁଝୁଣୁ,
ଆକାଶରେ ନାନା ରଙ୍ଗେ
ଶୋହେ ଇନ୍ଦ୍ରଧନୁ ଆହା
ସ୍ୱପ୍ନକୁ ବୁଣୁବୁଣୁ !

ଶବ୍ଦାୟିତ ବଂଶୀ ତାନ
ଆନନ୍ଦିତ ନଦୀ କୂଳ
ପ୍ଲାବିତ ଜଳରାଶି,
କେକୀ ଟେକି ସୌମ୍ୟ ପୁଚ୍ଛ
ନୃତ୍ୟରତା କୃଷ୍ଣ ମେଘେ
କେକିନୀ ପାଏ ଖୁସି ।

ମଞ୍ଜୁଳ ସୁଢ଼ୋଳ ବନେ
ସବୁଜିମା ଯାଏ ଭିଜି
ଖୁସିଯେ ଚାତକିନୀ,
ଅନ୍ନଦାତା ସାଜି ମିତ
ଗାଏ ହଳୁଆ ଗୀତ ଯେ
ଜଗତ ଶୁଣି ତୁନି !

ଲିପିପତ୍ରେ ପ୍ରୀତି ନାବ
ଆହୁଲା ବିହୁନେ ଦେଖ
ଆଗକୁ ଧାଇଁ ଯାଏ,
ଭାସମାନ ବାରି ଧାରେ
ସୁଲୁ ସୁଲୁ ବାଆ ଖାଇ
ପିଆସୀ ମନ ଛୁଏଁ ।

ବରଷା ତୁ' ରୂପବତୀ
ଜଗତେ ତାରୁଣ୍ୟେ କାନ୍ତି
ମିଳେ ଅମାପ ଶାନ୍ତି,
ଓଦା ସସାଗରା ଧରା
ଫୁଲ ଫଳରେ ବିଧୁରା
ମିଳଇ ଆତ୍ମ ତୃପ୍ତି ।

ଆଦ୍ର ସୁଖ ଭାବନାରେ
ଅପଲକେ ଉଙ୍କିମାରେ
ଯୌବନ ଶିଉଳିରେ,
କବିପ୍ରାଣ ନିନାଦିତ
ଲେଖି ବସେ ପ୍ରେମ ଗୀତି
ଅତୀତ ତା' ସ୍ମୃତିରେ ।

+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ: ୯୪୩୮୧୧୪୩୬୮

### ଏକ ଦୁଇ ତିନି

#### ରମାକାନ୍ତ ଦାସ

ଏକ, ଦୁଇ, ତିନି
ସାରୁବୁଦା ମୂଳେ କେଁ କଟର ହୁଏ
ବେଙ୍ଗୁଲି ନାନୀ ।

ତିନି, ଚାରି, ପାଞ୍ଚ
ସଙ୍ଗୀ ବିଲେଇଟି ଲୁଚି ଲୁଚି
ଖାଉଥାଏ ମାଛ ।

ପାଞ୍ଚ, ଛଅ, ସାତ
ଖାଇବା ପୂର୍ବରୁ ଆମେ
ନିତି ଧୋଇବା ହାତ ।


ସାତ, ଆଠ, ନଅ
ସିଂହରାଜା କୁହନ୍ତି
ବିପଦେ ସାହସୀ ହୁଅ ।

ନଅ, ଦଶ, ଏଗାର
ଆମ ଦେଶ ନାଁ ଅଟେ ଭାରତ
ସଭିଏଁ ଆମରି ନିଜର ।

+ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

### ଅସହାୟ ଶାମୁକାଟିଏ...

#### ଡାଃ ମନୋରଞ୍ଜନ ଦାଶ



କାହା ଆଗେ କହିବି ଏଠି
ମନ ତଳର କଥା ଓ ବ୍ୟଥା !
ଛଳନାର ପାରାବାର ରେ ମୁଁ
ଅସହାୟ ଶାମୁକା ଟିଏ...
ମୋ ଆତ୍ମିକ ପଣରେ ବିଷ
ବିଞ୍ଚାଯାଉଚି କାହିଁକି ଏଠି ?
ମରି ମରି ବଞ୍ଚିବାର ଯାଦୁକରୀ କଳା
ଶିଖିଚି ବୋଲି ତ
ଜୀବନ ମୋ ବିତୁଚି...
ଏବଂ ସ୍ୱପ୍ନରେ ଗାଲିଚାରେ ବସି ରହି
ଜୀବନ କୁ ପଢୁଚି !
ଅବଶ୍ୟ ମୁଁ ଏକ ଅବୁଝା ପତଙ୍ଗଟିଏ!
ସ୍ମୃତି ସବୁ ଅତି ସନ୍ତର୍ପଣେ
ମୋ ମନ ଅଗଣାରେ
ବସିଯାଆନ୍ତି,
ମୋ ଏକଲାପଣକୁ ଦେଖି....
ସେଇ ସ୍ମୃତି ପରି ସାଥୀଟିଏ କାହିଁ ?
ମୋ ଭାବବିହ୍ୱଳତା ମୋତେ କଷ୍ଟ
ଦେଲେ ବି,
ତାକୁ ଛାଡି କି ପାରୁଚି ମୁଁ ।
ମୋ ମାନବୀୟ ଅଙ୍ଗୀକାର ବୋଧ ହିଁ
ମୋର ସତ୍ତା।
ମୋ ଅନୁରାଗେ ଅନେକ ସଂପର୍କ
ଯୋଡ଼ି ହୋଇଯାଇ
ମୋ ତିତିକ୍ଷାକୁ ବେଶ୍ ଶୋଷନ୍ତି ।
ମୋ କ୍ଷତାକ୍ତ ମନରେ ଆହାଃ
ପଦୁଟିଏର
ସ୍ୱୀକାରୋକ୍ତିରେ ନ ଥାଆନ୍ତି
ସେମାନେ।
ତଥାପି ମୁଁ ସ୍ୱପ୍ନରେ ବିଭୋର ହୋଇ
ଭାବର ଆବେଗକୁ ସାଉଁଟୁଚି ପୁଣି
ସାଉଁଟୁଚି ....

+ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି: କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨

# ଅଦୃଶ୍ୟ



ଅନୀତା ପଟ୍ଟନାୟକ



ଅଦୃଶ୍ୟ ହେଉଛି ଦୃଶ୍ୟର ଆଧାର। ଯାହା ମନୁଷ୍ୟକୁ ସ୍ଥିରତା ଓ ମୂଲ୍ୟ ପ୍ରଦାନ କରେ। ଜଗତରେ ଅଦୃଶ୍ୟ ହିଁ ସତ୍ୟ ଓ ଯଥାର୍ଥ। ଦୃଶ୍ୟମାନ ଜଗତ ପ୍ରତି ଅହେତୁକ ଅନୁରାଗ ହେତୁ ମନୁଷ୍ୟ ଅଦୃଶ୍ୟ ଜଗତ ପାଇଁ ପର ହୋଇଯାଇଛି। ଭାରତର ସାଧୁସନ୍ଥ, ଗୁରୁମାନେ ଦେଇଥିବା ସତର୍କବାଣୀ ସତ୍ତ୍ୱେ ମନୁଷ୍ୟ ଆଜି ଦୃଶ୍ୟ ପାଇଁ ଅଦୃଶ୍ୟକୁ ତ୍ୟାଗ କରିଛି। ସୌଭାଗ୍ୟ ପ୍ରଦାନ ପାଇଁ ଅଦୃଶ୍ୟ ହିଁ ତୃପ୍ତି ଓ ସାହାସ ପ୍ରଦାନ କରିପାରିବ। ଅଦୃଶ୍ୟକୁ ଅବଜ୍ଞା କରୁଥିବାରୁ ପ୍ରତ୍ୟେକ ହୃଦୟରେ ଓ ଘରେ ଘରେ ଅସନ୍ତୋଷ, ଦୁର୍ଦ୍ଦଶା ବଢ଼ି ବଢ଼ି ଯାଉଛି।

ବଡ଼ଦାଣ୍ଡ ଆଗରେ ଷଣ୍ଢ, କୁକୁର, ଗୋଟିଏ ଗୋଟିଏ ଦ୍ୱୀପ ତିଆରି କରି ଅତି ବିପଦଜନକ ଭାବରେ ଯାନ ବାହାନ ଯାତାୟତ କରୁଥିବା ସ୍ଥାନରେ ସୁନିଦ୍ରା ଉପଭୋଗ କରୁଥାନ୍ତି। ଏପରି ବ୍ୟସ୍ତବହୁଳ ରାସ୍ତା ମଧ୍ୟରେ ଗାଈ, ଷଣ୍ଢ, କୁକୁର କାହିଁକି ଏପରି ସ୍ଥାନ ବାଛିଛନ୍ତି ବୋଲି କୁକୁରକୁ ପଚାରିବାରୁ ସେ କହିଲା ଏଠାକୁ ଆସିଥିବା ଲୋକମାନଙ୍କ ମଧ୍ୟରେ କିଏ ଭଲ ଓ କିଏ ଖରାପ ଜାଣିବା ପାଇଁ ଆମେ ଏପରି ସ୍ଥାନ ବାଛିଛୁ। ଭକ୍ତିଭାବ ବଢ଼ାଇଲେ ମୁକ୍ତି ମିଳିବ। ଅଦୃଶ୍ୟ ଭଗବାନ ବୋଝ ନେଇଯିବେ। ଅଦୃଶ୍ୟଙ୍କର ଶରଣାପନ୍ନ ହେଲେ ଏହା ଲାଭ ହୋଇଥାଏ। ଅଦୃଶ୍ୟଙ୍କ ପାଖରେ ରହିବା ପାଇଁ ତାଙ୍କ ସେବା କରିବା ପାଇଁ ପ୍ରତ୍ୟେକ ପ୍ରିୟବସ୍ତୁ ତ୍ୟାଗ କରିବା ଦରକାର। ହେଲେ ଆମ ସହିତ ମଜ୍ଜା କରିବା ପାଇଁ ବଦମାସି କରିବା ପାଇଁ, ଆମକୁ ଉଠାଇବା ପାଇଁ ଭକ୍ତ ବୋଲାଉଥିବା ମନୁଷ୍ୟମାନେ ଆମକୁ ହଇରାଣ ହରକତ କରିଥାନ୍ତି। ଏପରି ଭକ୍ତ ବୋଲାଉଥିବା ମନୁଷ୍ୟମାନେ ମୂଳତଃ ଖରାପ। ଷଣ୍ଢ କହିଲା କେତେକ ଲୋକ ନିଜ କାମ ପାଇଁ ବଡ଼ ବ୍ୟସ୍ତ ହୋଇ ନିଜ ବାଟରେ ଯାଉଛନ୍ତି। ଯାତ୍ରାରେ ବିଳମ୍ବ ହେବ ବୋଲି ଭାବି ନିଜ ଦୃଷ୍ଟିକୁ ବିକର୍ଷିତ କରୁଥିବା ବସ୍ତୁକୁ ରାସ୍ତାରେ ଦେଖିଲେ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ ଓ ନିଜ ବାଟରେ ଯାଆନ୍ତି ସେମାନେ ଉତ୍ତମ ପ୍ରକୃତିର ଲୋକ। କୁକୁର, ଗାଈ, ଷଣ୍ଢ ସେ ଦିନ ଠିକ ଆଲୋଚନା କରିଥିଲେ। ଜଗନ୍ନାଥଙ୍କ ନିକଟକୁ ଆସି ମଧ୍ୟ ଅଦୃଶ୍ୟକୁ ଚାହୁଁଥିବା ସେହି ଲୋକମାନେ ଏକୁଟିଆ ରହି ପାରନ୍ତି ନାହିଁ ଏବଂ ନିଜ ପ୍ରଗତିରେ ବାଧା ଦିଅନ୍ତି। ଶବ୍ଦ, ସ୍ୱର୍ଶ, ରୂପ, ରସ, ଗନ୍ଧରେ ମତୁଆଲା ରହି ଧନରତ୍ନ ପାଇବା ପାଇଁ ଚଳଚଞ୍ଚଳ ଏମାନେ ଥରେ ପ୍ରକୃତ ଅର୍ଥ ବୁଝି ନଥାନ୍ତି। ପ୍ରେମର ଅର୍ଥ ବୁଝିନଥାନ୍ତି।

ଏହି ସମୟରେ କିଛି ଛେଳି, ମେଣ୍ଢା ଏ ଆଲୋଚନାରେ ଭାଗନେଲେ। ଧନ ପାଇଁ କୁକୁଡ଼ା, ଛେଳି, ମେଣ୍ଢା ମାନଙ୍କୁ କିପରି ନିର୍ଦ୍ଦୟ ଭାବରେ ମନୁଷ୍ୟମାନେ କାଟି ପକାଉଛନ୍ତି ଏବଂ ସେମାନେ କିପରି ଦୁଃଖିତ ତାହା ପ୍ରକାଶ କଲେ। ଗାଈ କହିଲା ଭାଇମାନେ ପ୍ରେମ+ଚିନ୍ତା ହେଉଛି ସତ୍ୟ। ପ୍ରେମ+ଭାବନା ହେଉଛି ଶାନ୍ତି। ପ୍ରେମ+କର୍ମ ହେଉଛି ଧର୍ମ ଓ ପ୍ରେମ+ବୋଧଗମ୍ୟତା ହେଉଛି ଅହିଂସା। କିନ୍ତୁ ଏ ପୁରୀ ସହରକୁ ଆସିଥିବା ଲୋକମାନଙ୍କ ପକ୍ଷରେ ଅଦୃଶ୍ୟଙ୍କୁ ପାଇବା ପାଇଁ ଯେଉଁ ପ୍ରେମ ଆବଶ୍ୟକ ତାହା ସେମାନଙ୍କ ପାଖରେ ନାହିଁ। ଯେ ପ୍ରେମ ଦିଏ ସେ ମନୁଷ୍ୟ। ସେ ପ୍ରେମକୁ ପରିପୁଷ୍ଟ କରିବାରେ ବିଫଳ ହୁଏ ସେ ପଶୁ। ତେଣୁ ପ୍ରେମ ଓ ପ୍ରେମର ଅଭାବ ହିଁ ଜଣକୁ ପଶୁ, ମନୁଷ୍ୟ ଓ ଈଶ୍ୱର କରିଥାଏ। ଷଣ୍ଢ କହିଲା 'କହନା କହନା ଅଦୃଶ୍ୟଙ୍କୁ ପାଇବା ପ୍ରେମ କଥା ଛାଡ଼। ଦୀପାବଳୀ ଦିନ କେତେକ ବଗୁଲିଆ ଛୁଆ ମୁଁ ଶୋଇଥିବା ବେଳେ ମୋ ଲାଞ୍ଜରେ ତାଳ ଫୋଟକା ବାନ୍ଧି ଫୁଟାଇ ଥିଲେ। ମୁଁ ଏଣେ ତେଣେ ଦୌଡୁଥିବା ବେଳେ ଅଦୃଶ୍ୟଙ୍କୁ ପାଇବାକୁ ଆସିଥିବା ଭକ୍ତମାନେ ତାଳିମାରି ଏହାକୁ ଉପଭୋଗ କରୁଥିଲେ। ଛେଳିମାନେ କହିଲେ ପ୍ରେମ ଦ୍ୱାରା ବିଶୋଧିତ ମନରୁ ଚିନ୍ତା ନିସୃତ ହେଲେ ତାର ପରିଣାମ ହେବ ଉତ୍ତମ କର୍ମ ଓ ଧର୍ମ। ପ୍ରେମ ମନୁଷ୍ୟର ଅନୁଭୂତି, ଚିନ୍ତା ଓ କର୍ମର ଅଂଶ ବିଶେଷ ହେଲେ ମନୁଷ୍ୟ ଶାନ୍ତି ଲାଭ କରେ। ପ୍ରେମର ପୁଷ୍ଟି ଏକ କୋମଳ ହୃଦୟରେ ସମ୍ଭବ। ସାଂସାରିକ ଶକ୍ତି ହେତୁ, ଆସକ୍ତି ହେତୁ କୋମଳତା ନଷ୍ଟ ହୋଇଯାଏ। ମନ ଇନ୍ଦ୍ରିୟ ଜଗତକୁ ନିର୍ଦ୍ଦେଶିତ କଲେ ଜୀବନ କୃତ୍ରିମ ହୋଇଯାଏ।

କୁକୁର କହିଲା ଅଫିସରେ କୃତ୍ରିମ ସମ୍ବର୍ଦ୍ଧନା ଦିଆଯାଉଛି। ଅହଂକାର ସହ ପ୍ରତି ନମସ୍କାର କରାଯାଉଛି। ସମ୍ମାନ କୃତ୍ରିମ ଭାବରେ ବଧାଇ ପାଇଁ ଦିଆଯାଉଛି। ଏବେ କିଛି ଦିନ ତଳେ ଜଣେ ମହାମହିମ ରାଷ୍ଟ୍ରପତି ପୁରୀକୁ ଆସିଥିଲେ। ତାଙ୍କର ସମ୍ମାନାର୍ଥେ ସୁରକ୍ଷା ପାଇଁ ତାଗଡ଼ା ତାଗଡ଼ା କୁକୁର ଆସିଥିଲେ। ସୁରକ୍ଷାକର୍ମୀ ଆନୁଷ୍ଠାନିକ କାର୍ଯ୍ୟ କରୁଥିଲେ। ସେମାନଙ୍କ କର୍ମ ପଛରେ ହୃଦୟରୁ ନିସୃତ ସମ୍ମାନ ଓ ଆଦର ନଥିଲା। କେହି ଅଦୃଶ୍ୟକୁ ପାଇବା ପାଇଁ ଚେଷ୍ଟା କରୁନଥିଲେ। ଏହି କୃତ୍ରିମ ସମ୍ମାନ ପାଇଁ ଛେଳି, ଷେଣ୍ଢ, କୁକୁଡ଼ା ମାନଙ୍କୁ ବାହାଘର ଭୋଜି ମାନଙ୍କରେ କାଟି ରକ୍ତର ନଦୀ ଛୁଟାଇ ଦିଆଯାଉଛି। ଗୀତାରେ ଭଗବାନ ଅର୍ଜ୍ଜୁନଙ୍କୁ ଧନଞ୍ଜୟ ବୋଲି କହିଥିଲେ ଷଣ୍ଢ କହିଲା ପରାଜିତ କରିଥିବା ରାଜା ମାନଙ୍କ ଠାରୁ ଧନସଂଗ୍ରହ କରିଥିବା ହେତୁ ଲୋକମାନେ ଭାବନ୍ତି ଭଗବାନ ଅର୍ଜ୍ଜୁନଙ୍କୁ ଧନଞ୍ଜୟ ବୋଲି ସମ୍ବୋଧିତ କରିଥିଲେ। ଧନ ଅର୍ଥ ଯେକୌଣସି ମୂଲ୍ୟବାନ ଅଧିକାର ଓ ଆଦରର ବୁସ୍ତା। ସବୁଠାରୁ ମୂଲ୍ୟବାନ ଅଧିକାର ହେଉଛି ଆତ୍ମଜ୍ଞାନ। ଅର୍ଜ୍ଜୁନ ସେହି ଅଦୃଶ୍ୟ ଆତ୍ମଜ୍ଞାନ ଲାଭ କରିଥିବାରୁ କୃଷ୍ଣ ତାଙ୍କୁ ଧନଞ୍ଜୟ ବୋଲି ସମ୍ବୋଧିତ କରିଥିଲେ। ଏହିପରି ଏକ ସୁନ୍ଦର ଆଲୋଚନା ଚାଲିଥିବା ବେଳେ କୁଆଡ଼େ ଗୁଡ଼ାଏ ଦମକଳ ଗାଡ଼ି ଆସି ଆମ ଉପରେ ପାଣିର ପ୍ରହାର କରିବାରୁ ଆମେ ଛତ୍ରଭଙ୍ଗ ଦେଲୁ। ଆଉ କେବେ ଏକାଠି ହୋଇ ଆଲୋଚନା କଲେ ଆପଣ ମାନଙ୍କୁ ଜଣାଇବୁ।


ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,
କଟକ,
ମୋ : ୯୬୯୨୯୮୦୦୨୬


ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୭ (କ) ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)



ବେଦ ପତି ସନତ ବ୍ରହ୍ମାଙ୍କର ନାମ ଶୁଣି ରାଜା ସତ୍ୟବ୍ରତ ସେହି ବିଶାଳ କାୟ ମତ୍ସ୍ୟଙ୍କ ନିକଟରେ ଯୋଡ ହସ୍ତରେ ମସ୍ତକ ଅବନତ କରିଦେଲେ। ଏହି ସନତ୍ ହିଁ ଥିଲେ ସନାତନୀ ମାନଙ୍କର ଶ୍ରେଷ୍ଠ ଆରାଧ୍ୟ ପିତାମହ ବ୍ରହ୍ମା, ଯିଏକି ସନାତନ ଧର୍ମର ପ୍ରବର୍ତ୍ତକ ଥିଲେ। ସେ ଥିଲେ ସେହି ବ୍ରହ୍ମା, ଯାହାଙ୍କ ମୁଖରୁ ପ୍ରଥମେ ଋକ୍ ବେଦ ଶ୍ରୁତି ରୂପରେ ସଂସ୍କୃତ ଶବ୍ଦରେ ଉଚ୍ଚାରିତ ହୋଇଥିଲା। ସେହିଁ ଥିଲେ ସଂସ୍କୃତ ଭାଷା ର ଆଦି ସ୍ରଷ୍ଟା।

ସେହି ସମୟରେ ବ୍ରହ୍ମାବର୍ତ୍ତରେ ଯୋଗ ମଗ୍ନ ଥିବା ଏହି ଅସାଧାରଣ ସନତଙ୍କର ପ୍ରତିଭା ଲୋକ ମୁଖରେ ସାରା ଜମ୍ବୁ ଦ୍ୱୀପରେ ପ୍ରସାର ଲାଭ କରି ସାରିଥିଲା। ସେହି ବ୍ରହ୍ମାଙ୍କଠାରୁ ଯେ ଭବିଷ୍ୟତର ଉତ୍ତମ ମାନବ ମାନେ ଜନ୍ମ ଲାଭ କରିବେ ଏବଂ ସୃଷ୍ଟିକୁ ଉନ୍ନତ କରିପାରିବେ ତଥା ଦୈବୀ ଶକ୍ତି ମାନଙ୍କର କରୁଣା ଲାଭ କରି ପାରିବେ, ତାହା ଜାଣିପାରି ହିଁ ସତ୍ୟବ୍ରତ ସେହି ବଂଶରେ ଉତ୍ତମ ମାନବ ରୂପେ ଜନ୍ମ ଗ୍ରହଣ କରିବାକୁ ଏହି ସିନ୍ଧୁ ତଟରେ ଏଭଳି କଠୋର ତପସ୍ୟା କରୁଥିଲେ !

କିଏ ଥିଲେ ଏହି ସନାତନୀମାନେ ? ସେମାନେ କେଉଁଠାରେ ସୃଷ୍ଟି ହୋଇଥିଲେ ଓ କାହିଁକି ଭାରତ ଭୂମିରେ ପ୍ରବେଶ କରିଥିଲେ ? ନାଁ ସେମାନେ ମଧ୍ୟ ଭାରତରେ ଜନ୍ମ ଗ୍ରହଣ କରି ଥିଲେ ଓ ସନାତନ ଧର୍ମର ସୃଷ୍ଟି କରିଥିଲେ ?

ଯେତେବେଳେ ସମଗ୍ର ପୃଥିବୀରେ ଗୋଟିଏ ମାତ୍ର ବିଶାଳ ସ୍ଥଳ ଭାଗ ଥିଲା, ସେହି ସମୟରେ ନୃବାନରମାନେ ଦୁଇ ପାଦରେ ଚାଲିବା ଆରମ୍ଭ କଲେ ଓ ବିଷୁବ ବୃତ୍ତ ଅଞ୍ଚଳରୁ କ୍ରମେ ବର୍ତ୍ତମାନର ଦକ୍ଷିଣରେ ଥିବା ଦ୍ୱୀପ ପୁଞ୍ଜ, ଭାରତ, ବର୍ତ୍ତମାନର ଦକ୍ଷିଣ ଇଉରୋପ, ଦକ୍ଷିଣ ଆମେରିକା ଆଦି ସ୍ଥାନ ଆଡ଼କୁ ବ୍ୟାପିବାରେ ଲାଗିଲେ। କ୍ରମେ ଭୂ ଚଳନ ହୋଇଥିଲା ଏବଂ ହିମାଳୟ ପର୍ବତର ସୃଷ୍ଟି ହେଲା। ଏହି ସମୟରେ ଭୂମି ଭାଗ ଗୁଡ଼ିକ ବର୍ତ୍ତମାନ ଅପେକ୍ଷା ଅଧିକ ସଂଲଗ୍ନ ହୋଇ ରହିଥିଲେ। କ୍ରମେ ନୃ ବାନର ମାନେ ଆଦିମ ମାନବରେ ପରିଣତ ହେଲେ। ଏହି ସମୟରେ ଯେହେତୁ କୌଣସି ସ୍ଥାନରେ ସୀମାରେଖା ନଥିଲା ଏବଂ ଆଦି ମାନବ ଖାଦ୍ୟ ଅନ୍ୱେଷଣରେ ଯାଯାବର ଜୀବନ ଯାପନ କରୁଥିଲା, ସମଗ୍ର ଭୂଖଣ୍ଡରେ ତାର ଅଧିକାର ଥିଲା ଓ ସେ ସ୍ୱାଧୀନ ଜୀବନ ଯାପନ କରୁଥିଲା । ତେଣୁ ସେମାନଙ୍କୁ କୌଣସି ସ୍ଥାନର ସ୍ଥାୟୀ ଅଧିବାସୀ ବୋଲି ଗଣନା କରାଯାଉନଥିଲା। ଏହି ଦୃଷ୍ଟିରୁ ବିବେଚନା କଲେ ଦ୍ରାବିଡ ମାନଙ୍କୁ ଭାରତର ମୂଳ ଅଧିବାସୀ କହିବା ଅପେକ୍ଷା ପ୍ରଥମ ଅଧିପ ବାସୀ ଏବଂ ସନାତନୀମାନଙ୍କୁ ମଧ୍ୟ ପ୍ରଥମ ସ୍ଥାୟୀ ଅଧିବାସୀ କୁହାଯାଇପାରିବ। ଗୋଟିଏ ଦଳ ଦକ୍ଷିଣ ଭାରତରେ ସ୍ଥାୟୀ ହେବା ସମୟରେ ଅନ୍ୟ ଦଳଟି ଉତ୍ତର ଭାରତରେ ସ୍ଥାୟୀ ଭାବେ ବସତି ସ୍ଥାପନ କରିଥିବା ମଧ୍ୟ ସଂଭବ ହୋଇ ପାରି ଥାଏ। ତେବେ ଏହି ବିଷୟରେ ବିଭିନ୍ନ ଜ୍ଞାନୀମାନଙ୍କର ଭିନ୍ନ, ଭିନ୍ନ ମତ ରହିଥିବା ସ୍ଥଳେ ମୋ ଭଳି ଜଣେ ସାଧାରଣ ମଣିଷ କୌଣସି ନିର୍ଣ୍ଣୟ କରିବା ଏକ କଠିନ ସମସ୍ୟା ତଥା ଅନଧିକାର ଚର୍ଚ୍ଚା ଅଟେ। ଏହି ବିଷୟ ରେ ଉଭୟ ଭାଗବତ, ପ୍ରାକ୍ ସଭ୍ୟତା ତଥା ବିଜ୍ଞାନକୁ ଦୃଷ୍ଟିରେ ରଖି ଏହା ମଧ୍ୟ ଚିନ୍ତା କରାଯାଇପାରେ ଯେ,ଏମାନେ ଦକ୍ଷିଣ ରେ ଥିବା ଦ୍ୱୀପ ଏବଂ ଇଉରୋପର ଗ୍ରୀସ୍ ଆଦି ବିଭିନ୍ନ ସ୍ଥାନମାନଙ୍କ ମଧ୍ୟ ଦେଇ କ୍ରମେ, କ୍ରମେ ଦଳ, ଦଳ ହୋଇ ସ୍ଥାୟୀ ଭାବେ ସ୍ଥାନେ, ସ୍ଥାନେ ବସତି ସ୍ଥାପନ କରିଥିଲେ ଏବଂ ଅନ୍ୟ ଦଳ ମାନେ ଯାଯାବର ଭାବେ ଋଷିଆ, ଚୀନ, ଜାପାନ ଆଦି ଦେଶ ଆଡ଼କୁ ବ୍ୟାପି ଯାଇଥିଲେ। ଏହା ପୂର୍ବରୁ ସନକ, ସନତ, ସନନ୍ଦ ଓ ସନାତନଙ୍କର ଜନ୍ମ ହୋଇ ସାରିଥିଲା। ସେହି ନାମିତ ତାରକା ମାନେ ବହୁତ ଦିନ ଧରି ଶୂନ୍ୟରେ ଅନାମିକା ଭାବେ ରହିବା ପରେ ଏହି ଚାରି ଜଣଙ୍କ ନାମରେ ହିଁ ନାମିତ ହୋଇଥିଲେ। ଏମାନେ ଐଶ୍ୱରୀୟ ପ୍ରତିଭା ଧରି ଜନ୍ମ ଗ୍ରହଣ କରିଥିଲେ। ଏମାନଙ୍କର ପିତା, ମାତା, ଜନ୍ମସ୍ଥାନ ଆଦି ବିଷୟରେ କୌଣସି ସଠିକ୍ ତଥ୍ୟ ନଥିଲା ଅବା ସେମାନଙ୍କର ଗୁରୁ ତାହା ଅଜ୍ଞାତ ରଖିଥିଲେ । ଏମାନେ ହିଁ ପ୍ରଥମ ମାନବ ଥିଲେ, ଯେଉଁ ମାନେ କି ମାନବ ଜୀବନର ସତ୍ୟତାର ଅନ୍ୱେଷଣ କରିଥିଲେ ଏବଂ ବ୍ରହ୍ମ ବା ଆତ୍ମାର ସତ୍ତାକୁ ଅନୁଭବ କରିଥିଲେ। ତେଣୁ ଏହି ମାନଙ୍କୁ ବ୍ରହ୍ମାଙ୍କର ସନ୍ତାନ ବୋଲି କୁହା ଯାଉଥିଲା।

ଏହିମାନେ ଶୈଶବରୁ ବ୍ରହ୍ମ ଜ୍ଞାନ ଲାଭ କରିଥିଲେ ଏବଂ ଆଜୀବନ ଅବିବାହିତ ରହି ସତ୍ୟର ଅନୁସନ୍ଧାନ କରିଥିଲେ।ଏତଦ୍ ବ୍ୟତୀତ ଏହି ଚାରିଜଣ ହିଁ ପୃଥିବୀର ପ୍ରଥମ ଯୋଗ ସାଧକ ଥିଲେ । ସେମାନେ ବ୍ରହ୍ମଙ୍କୁ ଯୋଗ ଶିକ୍ଷା ବିଷୟ ରେ ପ୍ରଶ୍ନ କରିବାରୁ ଅନଭିଜ୍ଞ ବ୍ରହ୍ମା ବିଷ୍ଣୁ ଲୋକ ପର୍ଯ୍ୟନ୍ତ ଗତି କରି ତାଙ୍କୁ ଯୋଗ ଶିକ୍ଷା ଦେବା ପାଇଁ ପ୍ରାର୍ଥନା କରିଥିଲେ ଅବା ସେମାନେ ବିଷ୍ଣୁ ଲୋକ ପର୍ଯ୍ୟନ୍ତ ସାଧନା ବଳରେ ଗତି କରିଥିଲେ। ବିଷ୍ଣୁ ସନ୍ତୋଷ ହୋଇ ଏକ ହଂସ ରୂପରେ ଆସି( ହୁଏତ ପରମ ହଂସ ରୂପରେ କୌଣସି ଐଶ୍ୱରୀୟ ଶକ୍ତି ହୋଇପାରେ) ସେମାନଙ୍କୁ ଯୋଗ ଶିକ୍ଷା ଦେଇ ଥିଲେ। ଭାଗବତ ଅନୁସାରେ ଏହି ମାନଙ୍କଠାରୁ ହିଁ ପୃଥିବୀରେ ଯୋଗର ପ୍ରସାର ହୋଇଥିଲା।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ସମ୍ପର୍କର ରଙ୍ଗ

# ଅଧିକାର ପାଇଁ ଯୁଦ୍ଧ ନୁହେଁ ବିନମ୍ରତା ଜରୁରୀ

ଶ୍ୱେତା ରାଉତ୍



ମା ଦୁଇ ଭାଇଙ୍କୁ କିଛି ମିଠା କୋଳି ବାଣ୍ଟିଦେଇ କହିଲେ ଦୁହେଁ ଖାଉଥାଅ ମୁଁ କାମ ସାରି ଆସୁଛି। ଦୁଇ ଭାଇ ଆନନ୍ଦରେ ବସି କୋଳି ଖାଇବା ଆରମ୍ଭ କଲେ।ବଡ ଭାଇ ମନରେ ପ୍ରଶ୍ନ ଉଠିଲା 'ମାଆ ଏମିତି ଅନ୍ୟାୟ କେମିତି କଲା ! ମୁଁ ବଡ, ତେଣୁ ମୋତେ ଅଧିକ କୋଳି ଦେବା ଦରକାର। ସାନ ହୋଇ ସେ ମୋ ସହ ସମାନ କେମିତି ହେବ' ? ପିଲାଟି ଆକ୍ରୋଶରେ ସାନ ଭାଇ ହାତରୁ କୋଳି ଛଡେଇ ଆଣି ଖାଇଦେଲା ଏବଂ ମାଆ ସହିତ ବି ଭଲରେ କଥା ହେଲା ନାହିଁ।ସବୁଦିନ ଦୁଇ ଭାଇଙ୍କୁ ମାଆ ସମାନ ଖାଇବାକୁ ଦିଏ ଓ ବଡଭାଇ ସାନଭାଇ ହାତରୁ ଜୋର୍ କରି ଛଡେଇ ଆଣି ଆନନ୍ଦରେ ହସୁଥାଏ। ବଡଭାଇର ବ୍ୟବହାର ଦିନକୁ ଦିନ ତାକୁ ଆହୁରି ଖରାପ କରୁଛି ଓ ସେ ଅହଙ୍କାରୀ ହେବାର ଦେଖି ସାନଭାଇର ମନ ଦୁଃଖ ହେଲା। ଦିନେ ବଡଭାଇ ଖାଇବା ଛଡେଇ ନେବା ବେଳେ ସେ ପ୍ରତିବାଦ କଲା, ଆଦୌ ଦେଲାନାହିଁ। ପ୍ରଚଣ୍ଡ କ୍ରୋଧରେ ଜରଜର ହୋଇ ବଡ ଭାଇ ଉତ୍ୟକ୍ତ ହୋଇ ସାନକୁ ପିଟିବାକୁ ଲାଗିଲା। ସତେ ଯେମିତି ଦୁହିଁଙ୍କ ଭିତରେ ଯୁଦ୍ଧ ଆରମ୍ଭ ହୋଇଗଲା ଓ ମାଆ ହସ୍ତକ୍ଷେପ କରିବାରୁ ବଡପୁଅ ଧକ୍କା ମାରି ମାଆକୁ ହଟିଯିବାକୁ କହିଲା। ଏକଥା ସାନଭାଇକୁ ବହୁତ ବାଧିଲା। କଳି ଝଗଡାରୁ ବିରତ ହୋଇ ସେ ମାଆକୁ କୋଳେଇ ନେଇ କହିଲା 'ତୁ ତାକୁ ସବୁ ଖାଇବା ଦେଇଦେ ମା, ମୋର କିଛି ଦରକାର ନାହିଁ, ତୋ ଆଶୀର୍ବାଦ ମୋ ପାଇଁ ସବୁଠୁ ବଡ ପ୍ରସାଦ'। ସାମାନ୍ୟ ଖାଇବା ପାଇଁ ଦୁଇ ଭାଇଙ୍କ ଭିତରେ ଏତେ ମତାନ୍ତର ଭଲ ଲାଗୁନାହିଁ,ଲୋକେ ଶୁଣିଲେ କଣ କହିବେ' ?

କିଛି ଦିନ ପରେ ଦୁଇ ପିଲାଙ୍କର ବାପା ବିଦେଶରୁ ଆସିଲେ।ବଡ ପୁଅର ବାପାଙ୍କ ପ୍ରତି ଖୁବ୍ ବିଶ୍ୱାସ ଓ ଭଲପାଇବା ଥାଏ। ବାପା ଆସୁଆସୁ ସେ ବାପାଙ୍କ ସମ୍ମୁଖରେ ମାଆ ଓ ସାନଭାଇ ତା ସହିତ ପକ୍ଷପାତ କରୁଛନ୍ତି ଅଭିଯୋଗ କରି କାନ୍ଦିବାକୁ ଲାଗିଲା। ତାର ଛଳନାର ଲୁହ ଯଦିଓ ବାପା ବୁଝି ପାରୁଥିଲେ, ତଥାପି ତାକୁ ବୁଝାଇବାକୁ ଯାଇ କହିଲେ 'ତୁ ସବୁଦିନ ତା ଭାଗର ଖାଇବା କାହିଁକି ଛଡେଇ ଆଣୁ କହ ତ' ?

ପୁଅ ଉତ୍ତର ଦେଲା'ମୁଁ ବଡ,ତେଣୁ ସବୁଥିରେ ମୋର ପ୍ରାପ୍ୟ ଅଧିକ, ଖାଇବାରେ ମଧ୍ୟ'। ପୁଅଠୁ ଉତ୍ତର ଶୁଣିବା ପରେ ବାପା କହିଲେ - ତୁ ଯୋର୍ କରି ଛଡେଇ ଆଣିବା ପୂର୍ବରୁ ଭଲରେ ଥରେ ମାଗି ଦେଖିଲୁନି, ସେ କଣ କହୁଛ' ? ଅହଙ୍କାର ସ୍ୱରରେ ବଡପୁଅ କହିଲା 'କେମିତି କଥା କହୁଛ ବାପା'ମୁଁ ବଡ ହୋଇ ତାକୁ ହାତ ପାତି ମାଗିବି, ସେ ମୋତେ ମାଗିବା କଥା'। ବାପା କହିଲେ ଯଦି ତୋର ଅଧିକା ଆବଶ୍ୟକ ଅଛି ତୁ ମାଗିବା ଉଚିତ୍।

ବଡପୁଅର କ୍ରୋଧ ଆହୁରି ବଢ଼ିଗଲା 'ତୁମେ ବି ମାଆ ସହ ମିଶି ମୋ ସହିତ ଅନ୍ୟାୟ କରୁଛ, ପକ୍ଷପାତ କରୁଛ' କହି ବଡ ପୁଅ ସେଠାରୁ ଚାଲିଗଲା। ବାପା ସାନପୁଅ ପାଖକୁ ଯାଇ କହିଲେ'ପୁଅ ତୋ ବଡ ଭାଇକୁ ଯଦି ତୋ ମାଆ ତୋ'ଠୁ ଅଧିକ କୋଳି ଦେଇଦିଏ ତୋର ଆପତ୍ତି ଅଛି ?ସାନପୁଅ ମୁଣ୍ଡ ହଲାଇ କହିଲା'ନା ବାପା ମୋର କିଛି ଆପତ୍ତି ନାହିଁ, ମୋ ପାଇଁ କୋଳି ଠାରୁ ଅଧିକ ମହତ୍ତ୍ୱ ରଖେ ମୋ ଭାଇ। ସେ ମାଗିଥିଲେ ମୁଁ ଉପାସ ରହି ତାକୁ ସବୁ ଦେଇ ଦେଇଥାନ୍ତି, କିନ୍ତୁ ସବୁଦିନ ସେ ମୋ ଖାଇବା ଛଡେଇ ନେଇ ଖୁସି ହୁଏ, ଧୀରେ ଧୀରେ ତା ଅହଙ୍କାର ବଢ଼ି ଚାଲିଲା ବୋଲି ମୁଁ ପ୍ରତିବାଦ କଲି'। ବାପା ସାନପୁଅ ମୁଣ୍ଡରେ ହାତ ବୁଲାଇ କହିଲେ 'ପୁଅ' ତୁ ମୋର ଗୋଟେ କଥା ମାନିବୁ ?ତୋ ବଡଭାଇ ତୋ'ଠୁ କୋଳି ଛଡେଇ ନେବା ପୂର୍ବରୁ ତୁ ତାକୁ ଅଧିକା ଦେଇ ଦେ, ଅନ୍ତତଃ କୋଳି ପାଇଁ କଳି ତ ହେବନାହିଁ'। ସାନ ପୁଅ ତା ସହିତ ଅନ୍ୟାୟ ହେଉଛି ଜାଣି ବି ବାପାଙ୍କ କଥାରେ ସମ୍ମତି ଜଣାଇଲା, କେବଳ କଳି ହେବ ନାହିଁ ବୋଲି। ପରଦିନ ମାଆ ଦେଇଥିବା ସବୁ କୋଳି ବଡଭାଇ ଛଡେଇ ନେବା ପୂର୍ବରୁ ତା ହାତରେ ଧରେଇ ଦେଇ କହିଲା 'ଏବେ ତୁ ଖୁସି ନା ଭାଇ ? ସବୁ କୋଳି ତୁ ରଖ, ଖୁସି ହଅ, ହେଲେ କଳି କରନା, ଲୋକେ କଣ କହିବେ' ?

ସେମାନଙ୍କ ବାପା ସେଦିନ କଳି ରୋକିବାକୁ ସାନପୁଅକୁ ଯେଉଁ ବୁଦ୍ଧି ଦେଲେ, ସେଥିରେ କଳି ବନ୍ଦ ହୋଇଗଲା କିନ୍ତୁ ବଡଭାଇକୁ ଖୁସି ଦେଇ ସାନଭାଇକୁ ଭୋକରେ ରହିବାକୁ ପଡ଼ିଲା। ବାପାମାଆ ପରା ପ୍ରଥମ ଈଶ୍ୱର, ତାଙ୍କ ଉପରେ ଆରୋପ ଲଗେଇ ହେବନି,ତେଣୁ ସେ ନିଜ ପାଇଁ ନ୍ୟାୟ ମାଗିଲା ନାହିଁ।

ଏମିତି ଭାଇ ଭାଇର ନିବିଡ ସମ୍ପର୍କ ଭିତରେ ସମ୍ପତ୍ତିର କୋଳି ପାଇଁ ସମ୍ପର୍କର ମିଠାପଣ ନଷ୍ଟ ହୋଇଯାଏ। ଅହଙ୍କାରର ପୋକ ମସ୍ତିସ୍କକୁ ଏମିତି ସଂକ୍ରମିତ କରିଥାଏ ଯେ, ବ୍ୟକ୍ତି ସତ୍ତା ପାଇଁ ସତ୍ୟକୁ ପାଦରେ ଏଡେଇ ଦିଏ। କିନ୍ତୁ ସେଇ ଅହଙ୍କାରର ପୋକ କେତେବେଳେ କୋଳିରୁ ବାହାରି ସିଂହାସନରେ ଉଇ ଚରାଇ ଦିଏ, ସେକଥା ବ୍ୟକ୍ତି ମନେ ରଖିନଥାଏ। ସମୟ ସମସ୍ତଙ୍କୁ ନ୍ୟାୟ ଦିଏ, ସୁଯୋଗ ଦିଏ।ଅଧିକାର ଯୁଦ୍ଧରେ ହାସିଲ କଲେ ସମୟ ବିଧ୍ୱଂଶ ଆଣିଦିଏ ଓ ବିନମ୍ରତାରେ ହାସିଲ କଲେ ଆଶୀର୍ବାଦଯୁକ୍ତ ହୋଇଥାଏ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଆଜିର କବିତା

## ଶବ୍ଦ ଗୋ ତୁମେ

ଶକୁନ୍ତଳା ମହାପାତ୍ର

ଶବ୍ଦ ଗୋ ତୁମ ମହିମା ବର୍ଣ୍ଣନେ
ଅଧମାର ଶକ୍ତି କାହିଁ
ଗାମ୍ଭୀର୍ଯ୍ୟ ମାଧୁର୍ଯ୍ୟ ରସଶିକ୍ତ ତୁମେ
ତୁଳନା ଯାହାର ନାହିଁ ।।

ତନୁରେ ଭରିଛ ପ୍ରେମ ପ୍ରାଚୁର୍ଯ୍ୟର
ଅପରୂପ ଶୋଭା କାନ୍ତି
ତହିଁରୁ କିଛିଟା ଶ୍ରବଣ ଆଶାରେ
ପ୍ରତୀକ୍ଷିତ ଦିବା ରାତ୍ରି ।।

କେତୋଟି ଶବଦ ଝରାଏ ଲୋତକ
ଛିଣ୍ଡାଏ ସବୁ ବନ୍ଧନ
ଆଉ କେତେ ଶବ୍ଦ ଶୀତଳତା ଭରେ
ସତେ ବା ବାସ ଚନ୍ଦନ ।।

ତୁମ ପ୍ରବାହରେ ମନ୍ଦ ମଳୟ
ବହିଯାଏ ଥିରି ଥିରି
ଅଦିନେ ବରଷା ଝରି ଝରି ଯାଏ
ସୁଧାମୃତ ଯାଏ ଝରି ।।

ଅସ୍ତ ରବିର ବର୍ଣ୍ଣ ଛିଟାକୁ
ମାଧ୍ୟାନ୍ନେ ପରଶି ଦିଅ
ନିମିଷକ ମଧ୍ୟେ ଆନନ୍ଦ ମହଲେ
ଅଶ୍ରୁର ବନ୍ୟା ବୁହାଅ ।।

ତୁମକୁ ବର୍ଣ୍ଣିବା ଧୃଷ୍ଟତାରେ ମୁଁ ଯେ
ତଲ୍ଲୀନ ତୁମ ଅଙ୍ଗେ
ମନ କଥା ଖୋଲି କହିବାକୁ ଯାଇ
ଭାସିଲି ଶବ୍ଦ ତରଙ୍ଗେ ।।

ଯେତେ ବୁଝିଲେ ବି ତୁମ ବର୍ଣ୍ଣ ବିଭା
ଆଜି ବି ଅବୁଝା କିଛି
ନିରବତା ଝଡେ ମାନସ ପଟରୁ
ଅନେକ ଯାଇଛି ଲିଭି ।।

ଶବ୍ଦ ଗୋ ତୁମେ ଅନନ୍ତ ଅସୀମ
ବିଶାଳ କାୟା ତୁମର
ତୁମରି ସନ୍ଧାନେ ତୃଷାତୁର ହୋଇ
ଧାଇଁଛି ମୁଁ ନିରନ୍ତର ।।


ଡିଏଭି ପବ୍ଲିକ ସ୍କୁଲ
ମୋ: ୮୨୪୯୯୭୩୭୪୯

# ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ଅନୁମତି ପାଇଁ ନେଇ କଂଗ୍ରେସର ବିକ୍ଷୋଭ

ପୁରୀ, ୧୩/୦୯ (ନି.ପ୍ର): ପୁରୀ କଂଗ୍ରେସ ପକ୍ଷରୁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖରେ ବିଭିନ୍ନ ଦାବି ସମ୍ବଳିତ ପୋଷ୍ଟର ଧରି କଂଗ୍ରେସ କର୍ମୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବୀମାନଙ୍କ ମଧ୍ୟରେ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନରୁ ଭକ୍ତମାନଙ୍କୁ ବଂଚିତ କରାନଯାଉ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରାନଯାଉ । ମହାପ୍ରଭୁଙ୍କୁ ଗୃହବନ୍ଦୀ ଭଳି ଅବସ୍ଥା ତୁରନ୍ତ ବନ୍ଦ କରାଯାଉ। ସୁରକ୍ଷା କର୍ମୀଙ୍କୁ ଆଚରଣ ବିଧି ଶିକ୍ଷା ଦିଆଯାଉ । ଜଗନ୍ନାଥ ମନ୍ଦିର ଚାରିଦ୍ୱାର ଭକ୍ତମାନଙ୍କ ଯିବାଆସିବା ନିମନ୍ତେ ଆଜିଠାରୁ ଖୋଲାରହୁ। ପ୍ରଶାସନ ଭକ୍ତମାନଙ୍କ ଉପରେ କରୁଥିବା ଅତ୍ୟାଚାର ଅବିଳମ୍ବେ ବନ୍ଦ କରୁ । ଦର୍ଶନ ପାଇଁ ଆସୁଥିବା ଭକ୍ତ ଜଗନ୍ନାଥ ମହାପ୍ରଭୁଙ୍କର ମଧ ଅତିଥି । ଅତିଥି ଦେବୋ ଭବଃ ନୀତି ପ୍ରଶାସନ ପାଳନ କରୁ । ମହିଳା ଭକ୍ତଙ୍କ ପାଇଁ ଚାରିଦ୍ୱାର ନିକଟରେ ସୁବିଧା କରାଯାଉ । ଶ୍ରୀ ଜଗନ୍ନାଥ ମନ୍ଦିର ଅବ୍ୟବସ୍ଥାକୁ ସୁଧାରି ନପାରିଲେ ରାଜ୍ୟ ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ । ଆଜିର କାର୍ଯ୍ୟକ୍ରମରେ ସୁଜିତ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ ଉଦ୍ୟମ କରିଥିଲେ, ଯାହା ଉପସ୍ଥିତ ପୋଲିସ ବାହିନୀ ଦ୍ୱାରା ଅବରୋଧ କରାଯାଇଥିଲା ଓ ପ୍ରବେଶ କରିବାକୁ ଅବରୋଧ କରାଯିବା ଫଳରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଂପାଦକ ବିଶ୍ୱନାଥ ଦାଶ ଓ ଅନ୍ୟମାନେ ତଳେ ବସି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ ସହ ନାରାବାଜି କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଅମରେନ୍ଦ୍ର ପାଇକରାୟ, ରଜତ କୁମାର ସାହୁ, ସ୍ୱାଧୀନ କୁମାର ପଣ୍ଡା, ଉମାକାନ୍ତ ବେହେରା, ପୁରୀ ଜିଲ୍ଲା ଯୁବ କଂଗ୍ରେସ ଉପ ସଭାପତି ଚେତନ ମିଶ୍ର, ପୁରୀ ସଦର ଯୁବ କଂଗ୍ରେସ ଉପସଭାପତି ମନୋଜ କୁମାର ବେହେରା, ଗୋପାଳକୃଷ୍ଣ ମହାପାତ୍ର, ସତ୍ୟବାଦୀ ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ର, ପୁରୀ ସଦର ବିଧାନସଭା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଏମଭି ୯୬ ବ୍ରିଜ ଉପରେ ୫ ଫୁଟ ଉଚ୍ଚରେ ପାଣି ପ୍ରବାହିତ

ମାଲକାନଗିରି, ୧୩/୦୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ମାଲକାନଗିରି -ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମଭି ୯୬ ଗ୍ରାମ ଠାରେ ଥିବା ବ୍ରିଜ ଉପରେ ଆଜି ୫ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗୋଟେ ରାତି ବର୍ଷାରେ କେବେ ବି ଏତେ ପାଣି ବଢ଼ି ନାହିଁ। ଏହି ବ୍ରିଜ ଉପରେ ଏବର୍ଷ ଏତେ ପରିମାଣର ପାଣି ବଢିବାର ଗୋଟିଏ କାରଣ ହେଲା ସେଠାରେ ନୂଆ ବ୍ରିଜ ନିର୍ମାଣ କାମ ପାଇଁ ଯେଉଁ ମାଟି ଗଦା କରି ରଖାଯାଇଛି ସେଇଠୁ ପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି।

# ସାମ୍ବାଦିକ ଭବନର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର, ୧୩/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ଭବନର ଉନ୍ନତିକରଣ ପାଇଁ ବଲାଙ୍ଗୀର ପୌରପାଳିକା ପକ୍ଷରୁ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି କାମକୁ ଆରମ୍ଭ କରିବାକୁ ଆଜି ପୂର୍ବତନ ସାଂସଦ ତଥା ବର୍ତମାନର ରାଜ୍ୟ ହାଉସିଂ ବୋର୍ଡର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଶିଳାନ୍ୟାସ କରିଛନ୍ତି । ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ୨୧ ନମ୍ବର ୱାର୍ଡର କାଉନସିଲର ଲଲାଟେନ୍ଦୁ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଶିଳାନ୍ୟାସ ହୋଇଛି । ଶିଳାନ୍ୟାସ ପରେ ଜିଲ୍ଲା ସାମ୍ବାଦିକ ସଂଘର ସଭାକକ୍ଷରେ ସଂଘର ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱ ଓ ସାମ୍ବାଦିକ ପ୍ରଦୀପ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କଳିକେଶ ନାରାୟଣ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ସୁଶ୍ରୀ ଗାୟତ୍ରୀ ଭୋଇ ଓ ସଂଘର ସାଧାରଣ ସଂପାଦକ ଶିଶିରକାନ୍ତ ଶତପଥି ମଂଚାସୀନ ରହିଥିଲେ । ବଲାଙ୍ଗୀର ସାମ୍ବାଦିକମାନେ ଜିଲ୍ଲାର ପ୍ରତ୍ୟେକ ସମାସ୍ୟାରେ ରହିଛନ୍ତି । ନିର୍ଭୀକ ଓ ପ୍ରସଙ୍ଗଭିତିକ ସାମ୍ବାଦିକତା ପାଇଁ ବଲାଙ୍ଗୀର ସାମ୍ବାଦିକମାନେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କ ପରିବାରର ସମସ୍ତେ ପୂର୍ବରୁ ଏହି ସାମ୍ବାଦିକ ସଂଘ ସହିତ ସଂମ୍ପର୍କ ରଖିଆସିଛନ୍ତି ଓ ଏବେ ମଧ ସମସ୍ତଙ୍କ ସହିତ ରହିଛନ୍ତି ବୋଲି କଳିକେଶ ତାଙ୍କ ବକ୍ତବ୍ୟରେ କହିଥିଲେ । ମଞ୍ଜୁର ହୋଇଥିବା ୧୫ ଲକ୍ଷ ଟଙ୍କାର ଅନୁଦାନରେ ଖୁବ ଅଳ୍ପ ଦିନ ମଧ୍ୟରେ ଉନ୍ନୟନ କାମ ଆରମ୍ଭ ହେବ ବୋଲି ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥି, ନବୀନ ପଶାୟତ, ସୁଧିର ମିଶ୍ର, ଶରତ ମିଶ୍ର, ଆନନ୍ଦ ସାହୁ, ସଂଦୀପ କୁଅଁର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଳରାମ ମିଶ୍ର, ବୀରେନ୍ଦ୍ର ଝାଙ୍କର, ସୁନିଳ ମହାନ୍ତି, ଦୀପକ ପୁରୋହିତ, ଅଭିନ୍ନ ଆଶୁତୋଷ ଶତପଥି, ତରୁଣ ସାହୁ, ମୋହନ ଅଗ୍ରୱାଲ, ପୱନ ବଂଶଲ, ମହେନ୍ଦ୍ର ପଧାନ, ରାଧାକୃଷ୍ଣ ମିଶ୍ର, ସଚିଦାନନ୍ଦ ବଗର୍ତି, ପ୍ରେସକ୍ଲବ ସଭାପତି ଅରୁଣ ମିଶ୍ର, ବରିଷ୍ଠନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ସୁନୀଲ ବିଶ୍ୱାଳ, ସଦର ବ୍ଲକର ପୂର୍ବତନ ଅଧକ୍ଷ ଗୁଲାପ ବାଗ, ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ସତପଥୀ, ନାଗରିକ କମିଟିର ସଂପାଦକ ମନୋରଂଜନ ସାହୁଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ବିଜେଡି ଦଳର ସମସ୍ତ କାଉନସିଲର ଓ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ରହିଥିଲେ ।

## ସେକ୍ଟରସ୍ତରୀୟ ରାଷ୍ଟ୍ରୀୟ ଷଷ୍ଠତମ ପୋଷଣ ମାସ ପାଳନ

ଜୟପୁର, ୧୩/୦୯ (ନି.ପ୍ର): ସମନ୍ୱିତ ଶିଶୁ ବିକାଶ ଯୋଜନା ଜୟପୁର ଆନୁକୂଲ୍ୟରେ ସେକ୍ଟର ସ୍ତରିୟ ରାଷ୍ଟ୍ରିୟ ଷଷ୍ଠତମ ପୋଷଣ ମାସ ପାଳନ କରାଯାଇଛି । ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ପଂଚାୟତ ଅଫିସ ଠାରେ ପାଳନ କରାଯାଇଛି । ଏଠାରେ ସିଡିପିଓ ସୁଚିତା ପଣ୍ଡା, ସୁପରଭାଇଜର ସଂନ୍ଧ୍ୟା ସତମନ ଉପସ୍ଥିତ ଥିଲେ । ଏଠାରେ ବିଭିନ୍ନ ପ୍ରକାର ମାଣ୍ଡିଆ, ଗହମ, ବାଜରା ଶସ୍ୟ ଜାତୀୟ ରନ୍ଧା ଖାଦ୍ୟ ସହ ପନିପରିବା, ଫଳ ମୂଳ ପ୍ରଦର୍ଶନି ହୋଇଥିଲା । ଗଦ ଭୋରାଇ, ଅନ୍ନ ପ୍ରସନ୍ନ, ହାତଧୁଆ, କିଶୋରି କାଯ୍ୟକ୍ରମ, ଗର୍ଭବତି ଓ ପ୍ରସୁତି ମାଙ୍କ ଖାଦ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପ୍ରଦର୍ଶନରେ ଅଙ୍ଗନବାଡି କର୍ମି, ସୁପରଭାଇଜର, ଗର୍ଭବତି ମହିଳା, ପ୍ରସୁତି ମହିଳା, କିଶୋରି ବାଳିକା, ପ୍ରାକ ବିଦ୍ୟାଳୟର ଶିଶୁ ଏସଏସଜି ମହିଳା ସଦସ୍ୟ ଉପସ୍ଥିତ ଥିଲେ ।

# ପଶ୍ଚିମ ଓଡ଼ିଶାରେ ବିଜେପି ମହିଳା ମୋର୍ଚ୍ଚାକୁ ସଂଗଠିତ କରିବାକୁ ମୁଁ ଦୃଢ଼ ନିଶ୍ଚିତ: ବିଜେପି ମହିଳା ମୋର୍ଚ୍ଚା ଉପସଭାନେତ୍ରୀ

ସମ୍ବଲପୁର, ୧୩/୦୯ (ନି.ପ୍ର): ଇତି ମଧ୍ୟରେ ଓଡ଼ିଶା ପ୍ରଦେଶ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଡାକ୍ତର ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଦ୍ୱାରା ରାଜ୍ୟ ମହିଳା ମୋର୍ଚ୍ଚା ପଦାଧିକାରୀଙ୍କର ନାମ ଘୋଷଣା ହୋଇଥିବା ବେଳେ, ମହିଳା ମୋର୍ଚ୍ଚାର ପଦାଧିକାରୀ ଭାବରେ ତଥା ରାଜ୍ୟ ବିଜେପି ର ସମ୍ପାଦିକା ଭାବରେ କାର୍ଯ୍ୟ କରିଆସିଥିବା ବରିଷ୍ଠ ନେତ୍ରୀ ସବିତା ନନ୍ଦଙ୍କୁ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଉପସଭାନେତ୍ରୀର ଦାୟିତ୍ୱ ଦିଆଯାଇଛି । ଏହି ପରିପେକ୍ଷୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ସମ୍ବଲପୁର ସାମ୍ବାଦିକ ଭବନ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।

ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ବିଜେପି ନେତା ସୂର୍ଯ୍ୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ତଥା ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସବିତା ନନ୍ଦ ଓ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ଆରତୀ ଲତା ବରାଡ଼ ପ୍ରମୁଖ ମଂଚାସୀନ ଥିଲେ। ପ୍ରାରମ୍ଭରେ ଭାରତମାତାଙ୍କୁ ପୂଜାର୍ଚ୍ଚନା ପରେ ସାମୁହିକ ବନ୍ଦେ ମାତରଂ ଗାନ କରାଯାଇଥିଲା କ୍ଷ ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ କ୍ଷ ପରେ ପରେ ବିଜେପି ମହିଳା ମୋର୍ଚ୍ଚାରେ ରାଜ୍ୟ ଦାୟିତ୍ୱ ପାଇଥିବା ସବିତା ନନ୍ଦ ଓ ଆରତୀ ଲତା ବରାଡ଼ଙ୍କୁ ସାମୁହିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାନେତ୍ରୀ ବିଜେପିକୁ ସୁଦୃଢ କରିବାରେ ମହିଳା ମୋର୍ଚ୍ଚା କାର୍ଯ୍ୟ କରିଆସୁଛି ବୋଲି ସେ ତାଙ୍କ ବକ୍ତବ୍ୟ ରେ ପ୍ରକାଶ କରିଥିଲେ କ୍ଷ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରୀମତୀ ନନ୍ଦ ତାଙ୍କୁ ରାଜ୍ୟ ନେତୃତ୍ୱ ଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ପଶ୍ଚିମ ଓଡିଶାରେ ମହିଳା ମୋର୍ଚ୍ଚାକୁ ଆହୁରି ସୁଦୃଢ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ନେତା ଶ୍ରୀ ପାଣିଗ୍ରାହୀ ତାଙ୍କର ସମାରୋପ ବକ୍ତବ୍ୟରେ କହିଥିଲେ ଯେ, ଆଜିର ଦିନରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କାର୍ଯ୍ୟ ଦକ୍ଷତା ଯୋଗୁଁ ବିଶ୍ୱ ଦରବାରରେ ଭାରତବର୍ଷ ସୁନାମ ପାଇପାରିଛି। ଆଜି ଗୋଟିଏ ପରେ ଗୋଟିଏ ପ୍ରତିଶ୍ରୁତିକୁ ପୂରଣ କରିବାରେ କାର୍ଯ୍ୟ କରି ଆସୁଛି ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର। ଆମକୁ ବି ନିଜ ଅଂଚଳର ଲୋକଙ୍କର ସ୍ୱର ହୋଇ ଲୋକଙ୍କ ପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ଜେନା ସୀତାକାନ୍ତି ମେସୁଆ, ଡାକ୍ତର ପ୍ରଭାସ ଦେବତା,ଡ଼. ସୁଷମା ସାହୁ, ରୁନୁ ପ୍ରଧାନ, ସରୋଜିନୀ ନାଏକ, ପୂର୍ଣ୍ଣବାସୀ ପଣ୍ଡା, କାଜଲ ଚକ୍ରବର୍ତୀ, ମୈଥିଲି ବାଗ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମର ପରିଚାଳନା ରେ ସରୋଜ ସାହୁ, ଦେଓକିରଣ ପଟ୍ଟନାୟକ, ମୁକେଶ ଜରିୱାଲ, ରଂଜିତ ରଥ, କିଶୋର ନାଏକ, ସୁବାସ ସାହୁ, ରାଜୁ ଚଟାର୍ଜୀ, ବିକାଶ ପଟ୍ଟନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ରାସ୍ତାର ମରାମତି ନିମନ୍ତେ ଦାବିପତ୍ର

କୋରେଇ, ୧୩/୦୯ (ନି.ପ୍ର): ଜାତୀୟ ରାଜପଥ ୧୬ ଠାରୁ ପଥରପଦା ପଂଚାୟତର ଦାମୋଦରପୁର ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତାର ଶୋଚନୀୟ ପରିସ୍ଥିତିକୁ ନେଇ ଆଜି ଦାମୋଦରପୁର ଗ୍ରାମବାସୀ ପାଣିକୋଇଲିସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦରଖାସ୍ତ ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତାଟି ପାଣିକୋଇଲି ଓ ପଥରପଦା ପଂଚାୟତରେ ରହୁଥିବାରୁ ଦୁଇ ପଂଚାୟତର ଉଦାସୀନତା ଯୋଗୁଁ ସ୍ଥାନୀୟ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ଦିଗରେ ବାରମ୍ବାର ଗ୍ରାମବାସୀ ମାନେ କୋରାଇର ମାନ୍ୟବର ବିଧାୟକ ଅଶୋକ ବଳ ଏବଂ କୋରାଇ ବିଡ଼ିଓଙ୍କୁ ସାକ୍ଷାତ କରିଥବଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ମାତ୍ର ଉକ୍ତ ରାସ୍ତାଟି ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିନକୁ ଗତ ବର୍ଷ ହସ୍ତାନ୍ତର ପରେ ରାସ୍ତା ନିର୍ମାଣ ନେଇ ଟେଣ୍ଡର ପ୍ରକାଶ ପାଇଛି। ମାତ୍ର ରାସ୍ତାର ନିର୍ମାଣ କେବେ ହେବ ସେ ନେଇ ସଂନ୍ଦେହ ସୃଷ୍ଟି ହୋଇଛି। ମାତ୍ର ଉକ୍ତ ରାସ୍ତାଟିରେ ଭାରୀ ଯାନ ଚଳାଚଳ କରିବା ହେତୁ ତଥା ଜଳ ନିଷ୍କାସନ ହୋଇନପାରିବା ହେତୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଉକ୍ତ ରାସ୍ତାଟି ଗ୍ରାମବାସୀଙ୍କ ମୁଖ୍ୟ ରାସ୍ତା ହୋଇଥିବାରୁ ଉକ୍ତ ରାସ୍ତା ଦେଇ ପ୍ରତିଦିନ ଗ୍ରାମର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଇଥାନ୍ତି। ମାତ୍ର ରାସ୍ତାରେ ପାଣି ଜମି ରହିବା ସହିତ ସ୍ଥାନେ ସ୍ଥାନେ ଖାଳ ହୋଇଥିବା ଯୋଗୁଁ ଛାତ୍ର ଛାତ୍ରୀ ମାନେ ଉକ୍ତ ସ୍ଥାନରେ ପଡ଼ି କ୍ଷତାକ୍ତ ହେଉଛନ୍ତି। ତେବେ ରାସ୍ତାରେ ଯିବା ଆସିବା ସମ୍ଭବପର ନହେବାରୁ ଗ୍ରାମବାସୀ ମାନେ ଗତ ବର୍ଷ ନିଗ ଭିତରେ ଅର୍ଥ ଆଦାୟ କରି ରାସ୍ତାର ଖାଲ ଖମା ଗୁଡ଼ିକୁ ମେଂଟାଲ ପକାଇ ପୋତିଥିଲେ। ମାତ୍ର ବର୍ଷା ହୋଇ ତାହା କ୍ରମଃଶ ଧୋଇଗଲା। ତେବେ ପରିସ୍ଥିତି ଶୋଚନୀୟ ହେବାରୁ ବାଧ୍ୟ ହୋଇ ସ୍ଥାୟୀ ରାସ୍ତା ନିର୍ମାଣ ନହେବା ପର୍ଯ୍ୟନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ଲାଗି ପାଣିକୋଇଲି ପଂଚାୟତର ନାଏବ ସରପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ, ସମିତି ସଭ୍ୟାଙ୍କ ପ୍ରତିନିଧି ସୁଧାଂଶୁ ଘଡ଼ାଇ, ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ, ଦାମୋଦରପୁର ଉନ୍ନୟନ କମିଟିର ଆବାହକ ଅରୁଣ କୁମାର ଜେନା, ସଭାପତି ଗଣେଶ ଚନ୍ଦ୍ର ନାୟକ, ସମ୍ପାଦକ ମଧୁସୂଦନ ସ୍ୱାଇଁ, ସରୋଜ କୁମାର ସାହୁ, ହରିହର ନାୟକ ପ୍ରମୁଖ ନିର୍ବାହୀ ଯନ୍ତ୍ରୀ ପୂର୍ଣଚନ୍ଦ୍ର ଦଳାଇଙ୍କୁ ଭେଟି ରାସ୍ତାର ସମସ୍ୟା ଜଣାଇଥିଲେ। ମାତ୍ର ନିର୍ବାହୀ ଯନ୍ତ୍ରୀ ପରିଦର୍ଶନରେ ଥିବାରୁ କାର୍ଯ୍ୟାଳୟର ହେଡ଼କ୍ଲର୍କ ସତ୍ୟାନନ୍ଦ ବିଶ୍ୱାଳ ଦାବିପତ୍ରକୁ ଗ୍ରହଣ କରିଥିଲେ। ପରେ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଏସଡ଼ିଓ ଓ କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନରେ ଆସି ଥିଲେ। ତେବେ ରାସ୍ତାକୁ ସାତ ଦିନ ମଧ୍ୟରେ ମରାମତି କରାନଗଲେ ଦାମୋଦରପୁର ଗ୍ରମାବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପଟ୍ଟା ପାଇଁ ବର୍ଷବର୍ଷ ସଂଘର୍ଷ କରୁଛନ୍ତି ଆଦିବାସୀ: ଜିଲ୍ଲା ପ୍ରଶାସନକୁ କଲେ ନିବେଦନ

ଧର୍ମଶାଳା, ୧୩/୦୯ (ନି.ପ୍ର): ଜମି ପଟ୍ଟା ପାଇଁ ବର୍ଷବର୍ଷ ଧରି ସଂଘର୍ଷ ଜାରି ରଖିଛନ୍ତି ୬୬ ଗୋଟି ଆଦିବାସୀ ପରିବାର । ଜମି ପଟ୍ଟା ନ ମିଳିବା ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧାର ଘେରକୁ ଠେଲି ହୋଇ ଯାଉଛି । ବାପା ଜେଜ ଅମଳର ଭିଟାମାଟିକୁ ନିଜର କରିବାକୁ ସଂଗ୍ରାମ କରୁଥିବା ବେଳେ ଜିଲା ପ୍ରଶାସନ ସେମାନଙ୍କ ଦୁଃଖ ଶୁଣୁ ନାହାନ୍ତି । ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ପାଠପଢି ମଧ୍ୟ ନିଯୁକ୍ତି ପାଇ ପାରୁ ନ ଥିବା ଅଭିଯୋଗ ହୋଇଛି । ଶେଷରେ ବାଧ୍ୟ ହୋଇ ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ପାଟରଙ୍ଗା ପଂଚାୟତସ୍ଥ ଗୋହିରାଗାଡିଆ ଗ୍ରାମରେ । ଏହି ଗ୍ରାମରେ ୬୬ଟି ଆଦିବାସୀ ପରିବାର ଶହଶହ ବର୍ଷ ଧରି ବସବାସ କରି ଆସୁଛନ୍ତି । ଏହି ପରିବାର ଜଙ୍ଗଲ ଜମି ଉପରେ ରହି ଆସୁଛନ୍ତି । ଯାଜପୁର-କେନ୍ଦୁଝର ସୀମାନ୍ତ ବରାଙ୍ଗ ଜଙ୍ଗଲ ନିକଟରେ ଥିବା ଜଙ୍ଗଲ ଜମିକୁ ଚାଷ ଜମି ଭାବେ ବ୍ୟବହାର କରୁଛନ୍ତି । ହେଲେ ଏତେ ବର୍ଷ ପରେ ବି ସେମାନଙ୍କୁ ଘରଡିହ ପଟ୍ଟା ମିଳି ପାରି ନାହିଁ । ଫଳରେ ଲୋକମାନେ ସରକାରୀ ଆବାସ ଯୋଜନାରୁ ବଂଚିତ ହେଉଥିବା ବେଳେ ଜମି ପଟ୍ଟା ନ ଥିବାରୁ ସରକାରୀ ଓ ବେସରକାରୀ ସଂସ୍ଥାରୁ କୌଣସି ସୁବିଧା ପାଇ ପାରୁ ନାହାନ୍ତି । ଜମି ଚାଷ କରୁଥିଲେ ମଧ୍ୟ ଅଭାବୀ ସମୟରେ ସେମାନେ ଏହାକୁ ବିକ୍ରୀ କରିପାରୁ ନାହାନ୍ତି । ସେମାନଙ୍କ ପିଲା ଉଚ୍ଚ ଶିକ୍ଷିତ ହୋଇ ଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ମିଳି ପାରୁ ନାହିଁ । ଜଙ୍ଗଲ ଜମି ଅଧିକାର ଆଇନ୍ ୨୦୦୬ ଅନୁସାରେ ଜଙ୍ଗଲ ଅଧିକାର କମିଟି ଗଠନ କରାଯାଇ ଗ୍ରାମସଭା ଜରିଆରେ ଡିହ ପଟ୍ଟା ପାଇଁ ଆଲୋଚନା ହୋଇଥିଲା । କମିଟି ପକ୍ଷରୁ ପ୍ରତ୍ୟେକ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ପ୍ରଶାସନକୁ ନିବେଦନ କରା ଯାଇଥିଲା । କିନ୍ତୁ ଯାଜପୁର ଜିଲା ପ୍ରଶାସନ ୪ ମାସ ହେଲା ଗ୍ରାମସଭା ଆବେଦନକୁ କାର୍ଯ୍ୟକାରୀ କରିବାକୁ ବିଳମ୍ବ କରୁଛନ୍ତି । ଜିଲା ମଙ୍ଗଳ ଅଧିକାରୀ, ବ୍ୟାସନଗର ତହସିଲଦାର ଓ ଯାଜପୁର ଉପ-ଜିଲାପାଳଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ଆଦିବାସୀ ପରିବାର ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଏହାର ପ୍ରତିବାଦରେ ସିଭିଲ ସୋସାଇଟ୍ ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ତତ୍ୱବଧାନରେ ବିଭିନ୍ନ କମିଟିର ସଦସ୍ୟ,ମୂଳ ନିବାସୀ ଯୁନାଇଟେଡ ଫୋରମର ସଦସ୍ୟଙ୍କ ସମେତ ଶତାଧିକ ମହିଳା,ପୁରୁଷ ସାମିଲ ହୋଇ ଗତ କାଲି ଉପ-ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଂହଚି ସେମାନଙ୍କ ଦାବି ଜଣାଇଥିଲେ । ତୁରନ୍ତ ଏହି ଘଟଣା। ସ୍ଥାୟୀ ସମାଧାନ ନ କଲେ ନିକଟ ଭବିଷ୍ୟତରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥଲେ । ।

# କନ୍ଧମାଳ ଜିଲ୍ଲାର ମୋଷ୍ଟ ୱାଣ୍ଟେଡ଼ ଧର୍ମା ମଲ୍ଲିକ ଗିରଫ

କନ୍ଧମାଳ , ୧୩/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ମାଦାଗୁଡା ଜଙ୍ଗଲରୁ ଦୁର୍ଦ୍ଦାନ୍ତ ଡକାୟତ ଓ ବିଭିନ୍ନ ଅପରାଧିକ ମାମଲାର ଅପରାଧୀ ଧର୍ମା ମଲ୍ଲିକ କୁ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ପୋଲିସ୍ ଗିରଫ କରିଛି। ଏଥିସହ ଅଭିଯୁକ୍ତ ଠାରୁ ଏକ ବାଇକ ଜବତ କରିଛି ତୁମୁଡିବନ୍ଧ ପୋଲିସ। ସୂଚନା ମୁତାବକ, ଗତ ବର୍ଷ ତୁମୁଡିବନ୍ଧ କାଲେଶପଟ୍ଟା ନିକଟରେ ଥିବା ପେଟ୍ରୋଲ ପମ୍ପରୁ ଲୁଟ୍, ଗୁହିଙ୍ଗିଆ ଘାଟିରେ ବନ୍ଧୁକ ଦେଖେଇ ଡକାୟତି ଭଳି ଘଟଣାରେ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଥିଲା ଧର୍ମା। ପୂର୍ବରୁ ଧର୍ମା ଗ୍ୟାଙ୍ଗର ୮ଜଣିଆ ଡକାୟତି ଗ୍ୟାଙ୍ଗକୁ ତୁମୁଡିବନ୍ଧ ପୋଲିସ ଗିରଫ କରିଥିବା ବେଳେ ଧର୍ମା ଫେରାର ଥିଲା। କେରଳରୁ ଫେରି କିଛି ଦିନ ହେବ ପୁଣି ତୁମୁଡିବନ୍ଧ ଅଞ୍ଚଳରେ ରହି ବହୁ ବଡ଼ ଯୋଜନା କରୁଥିଲା ଧର୍ମା। ଏନେଇ ପୋଲିସ ଖବର ପାଇ ଧର୍ମାକୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ତୁମୁଡ଼ିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା। ତେବେ ଧର୍ମା ନାଁରେ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ରୁଜୁ ଥିବା ଜଣାପଡିଛି। ସେହିପରି ଜାତୀୟ ଓ ରାଜ୍ୟ ହାଇୱେରେ ବଡ଼ ବଡ଼ ଯାତ୍ରୀଙ୍କୁ ଧର୍ମା ଟାର୍ଗେଟ କରୁଥିଲା। ବାଲିଗୁଡା, କୋଟଗଡ଼, ତୁମୁଡିବନ୍ଧ,ଏମ.ରାମପୁର ସମେତ ବିଭିନ୍ନ ଥାନାରେ ଧର୍ମା ନାଁରେ ଡକାୟତି ଓ ଲୁଟ୍‌ପାଟ୍ ଘଟଣାରେ ସମ୍ପୃକ୍ତ ଥିବା ଏବଂ ସେହି ମାମଲାରେ ତା ନାମରେ ୱାରେଂଟ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ବଲାଙ୍ଗିର ଜିଲ୍ଲାରେ ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି

ବଲାଙ୍ଗିର, ୧୩/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ସରକାରୀ ଡାକ୍ତରଖାନା ଗୁଡିକରେ ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ଥାଇ ରୋଗୀ ସେବା ଚାଲିଛି। ବଲାଙ୍ଗିର ଜିଲ୍ଲାରେ ୬୧୭ ପଦବୀ ମଧ୍ୟରୁ ୧୭୯ ନୂତନ ଓପିଏସସି ଯୋଗଦେଇଥିଲା ବେଳେ ୪୩୮ ପଦବୀ ଖାଲି ପଡ଼ିଛି। ପାଟଣାଗଡ ସବଡିଭିଜନ ୪୯ ମଞ୍ଜୁରୀ ମଧ୍ୟରୁ ମାତ୍ର ୯ ଜଣ ଥିଲା ବେଳେ ୪୦ ଟି ପଦବୀ ଖାଲି ପଡ଼ିଛି। ଟିଟିଲାଗଡ ସବଡିଭିଜନ ୪୯ ପଦବୀ ମଧ୍ୟରୁ ୧୫ ଜଣ ଥିଲା ବେଳେ ୩୪ଟି ପଦବୀ ଖାଲି ପଡ଼ିଛି। ଜିଲ୍ଲାର ୭୧୫ ମଞ୍ଜୁରୀ ମଧ୍ୟରୁ ୨୦୫ ଡାକ୍ତର ଅଛନ୍ତି ୫୧୨ ପଦବୀ ଖାଲପଡ଼ିଥିବା ଜଣାପଡିଛି।

## ଶୁଣିଲାନି ପ୍ରଶାସନ: ଯାତ୍ରୀ ବିଶ୍ରାମାଗାରରେ ପାଲ ପକାଇଲେ ସାମ୍ବାଦିକ

କୋରେଇ, ୧୩/୦୯ (ନି.ପ୍ର): ପାଣିକୋଇଲି ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନର ବର୍ଷେ ବି ହୋଇନି। ନିମ୍ନ ମାନର କାମ ଯୋଗୁଁ ଛପର ଉଡ଼ି ବର୍ଷା ହେଲେ ପାଣି ଗଳୁଛି। ଦିନରେ ଖରା ରାତ୍ରୀରେ ତାରା ଦେଖୁଥିଲେ ଯାତ୍ରୀ। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ହେଲା ପରେ ମଧ୍ୟ ନେତା କି ପ୍ରଶାସନ ଶୁଣିଲେନି। ଶେଷରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ନିର୍ମିତ ଯାତ୍ରୀ ବିଶ୍ରମାଗାରକୁ ବର୍ଷା ଓ ଖରାରୁ ରକ୍ଷା ଲାଗି ନିଜ ଖର୍ଚ୍ଚରେ ପାଲ ଡାଙ୍କିଲେ ପାଣିକୋଇଲିର କାର୍ଯ୍ୟରତ ସାମ୍ବାଦିକ ମାନେ। ପ୍ରକାଶ ଥାଉକି ଗତ ଜାନୁଆରୀ ମାସ ୧୯ ତାରିଖ ଦିନ ପାଣିକୋଇଲି ବଜାରରେ ଏକ ଯାତ୍ରୀ ବିଶ୍ରମାାଗାର ସହିତ ସୌର ଚାଳିତ ପାଣିଟାଙ୍କିକୁ ମାନ୍ୟବର ସାଂସଦ ଶର୍ମିଷ୍ଠା ସେଠୀ, ବିଧାୟକ ଅଶୋକ ବଳ,ଜିଲ୍ଲା ପାରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା ଏବଂ କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇଙ୍କ ଉପସ୍ଥିତରେ ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନର ଏକ ମାସ ଭିତରେ ଉକ୍ତ ଯାତ୍ରୀ ବିଶ୍ରାମାଗାରର ଫାଇବର ଛାତ ଉଡ଼ିଯିବା ସହିତ ବର୍ଷା ହେଲେ ପାଣି ଗଳିବା ଆରମ୍ଭ ହୋଇଗଲା। ଫଳରେ ବର୍ଷା ଦାଉରୁ ରକ୍ଷା ପାଇବା ଲାଗି ଅପେକ୍ଷାରତ ଯାତ୍ରୀ ମାନେ ଯାତ୍ରୀ ବିଶ୍ରାମାଗାର ଭିତରେ ରହିବା ଅପେକ୍ଷା ଦୋକାନରେ ମୁଣ୍ଡ ଗୁଂଜିବାକୁ ପସନ୍ଦ କଲେ। ଏ ଦିଗରେ ପାଣିକୋଇଲିରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ବାରମ୍ବାର ଖବର ପ୍ରକାଶନ କରିଥିଲେ ମଧ୍ୟ ନେତା କି ପ୍ରଶାସନ ଏ ଦିଗରେ କେହି ମୁଣ୍ଡ ଖେଳେଇଲେ ନାହିଁ। ଫଳରେ ଯାଜପୁର ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ସୁବାସ ଧଳଙ୍କ ନେତୃତ୍ୱରେ ତାରିଣୀ କୁମାର ପଟ୍ଟନାୟକ, ଅଶୋକ କୁମାର ଦାସ, ମନୋଜ କୁମାର ସାହୁ, ପ୍ରଦୀପ ମାଝୀ, ସୁନୀଲ ଓଝା, ସୋଭିନ ପରିଡ଼ା ପ୍ରମୁଖ ଆଜି ଉକ୍ତ ବିଶ୍ରାମାଗାରକୁ ପାଲ ପକାଇ ଢାଙ୍କିଛନ୍ତି। ସାମ୍ବାଦିକମାନଙ୍କ ଏଭଳି ଜନିତକର କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ପ୍ରଶଂସା କରିଛନ୍ତି।

# ଯାଜପୁର ଜିଲ୍ଲାପାଳଙ୍କୁ ମାନବଧିକାର କମିଶନଙ୍କ ନିର୍ଦ୍ଦେଶ

କୋରେଇ, ୧୩/୦୯ (ନି.ପ୍ର): ଯାଜପୁର ଜିଲ୍ଲାର ଷ୍ଟିଲ ହବ କୁହାଯାଉଥିବା ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦୀ ବ୍ଲକ ଓସ୍ତପାଳ ପଂଚାୟତର ଏକ ସମ୍ବେଦନଶୀଳ ମାମଲାରେ ପ୍ରଶାସନକୁ ପକ୍ଷଭୁକ୍ତ କରି ପିଟିସନ ଦାଖଲ କରିବା ପରେ ମାନ୍ୟବର କମିଶନ ଘଟଣାର ଗୁରୁତ୍ୱ ଅନୁଭବ କରି ଅନୁସନ୍ଧାନ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରକାଶ ଯେ ଓସ୍ତପାଳ ପଂଚାୟତର ପ୍ରମୋଦ କୁମାର ନାଥ ଜଣେ ଡ୍ରାଇଭର ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥବା ବେଳେ ଗତ ୨୦୨୨ମେ ୧୮ ତାରିଖ ତାଳଚେର ଥାନା ଅଧିନରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ସୁଜାତାଙ୍କ ନିମନ୍ତେ ତିନି ଶିଶୁଙ୍କ ମୁହଁରେ ଦୁଇ ଓଳି ଦୁଇ ମୁଠା ଆହାର ଯୋଗାଇବା କଷ୍ଟକର ହୋଇପଡ଼ିଥିଲା। ପାଖ ପଡ଼ୋଶୀଙ୍କ ଠାରୁ ମାଗି ଯାଚି ପରିବାର ପ୍ରତିପୋଷଣ କରୁଥିବା ବେଳେ ସରକାରଙ୍କ ତରଫରୁ କେବଳ ମାସକୁ ଚାଉଳ ୨୦ କିଲୋକୁ ଛାଡ଼ି ଦେଲେ ନା ମିଳୁଥିଲା ସୁଜାତାଙ୍କୁ ବିଧବା ଭତା ନା ସ୍ଥାନୀୟ ଜନପ୍ରତିନିଧି କିମ୍ବା ଅଙ୍ଗନବାଡ଼ି କର୍ମୀ କେହି ବି ଏ ଦୁର୍ଦ୍ଦିନରେ ତାଙ୍କୁ ସହାୟତାର ହାତ ବଢାଇଲେ ନାହିଁ ଏପରିକି ସମବେଦନା ମଧ୍ୟ ଜଣାଇବାକୁ ପଂଚିଲେ ନାହିଁ। ଫଳରେ ମାନସିକ ଭାରସାମ୍ୟ ହରାଇ ସୁଜାତା ଚଳିତ ବର୍ଷ ଜୁନ ୧ ତାରିଖ ଦିନ ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଦେଲେ। ଆଗେ ବାପା ଓ ପରେ ମାଆ ଚାଲିଯିବା ପରେ ସଂସାର ବିଷୟରେ କିଛି ବୁଝିନଥିବା ଦୁଇ ଝିଅ (୧୮ ଓ ୧୫ ବର୍ଷ ) ଗୋଟିଏ ପୁଅ (୯ ବର୍ଷ) ମାଆଙ୍କ ଶୁଦ୍ଧିକ୍ରିୟା କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ସମାପନ କରିଥବଲେ। ତେବେ ଯଦି ପ୍ରଶାସନ କିମ୍ବା ସ୍ଥାନୀୟ ଜନପ୍ରତିନିଧି ପ୍ରମୋଦଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ସହାୟତା ପ୍ରଦାନ ଲାଗି ଉଦ୍ୟମ କରିନଥିବାରୁ ମାନସିକ ଭାରସାମ୍ୟ ହରାଇ ତାଙ୍କର ପତ୍ନୀ ସୁଜାତା ଆତ୍ମହତ୍ୟା କଲେ ବୋଲି ଅନୁଭବ କରି ପାଣିକୋଇଲିର ସାମ୍ବାଦିକ ତଥା ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଗତ ଜୁନ ତିନି ତାରିଖ ଦିନ ରାଜ୍ୟ ମାନବଧିକାର କମିଶନଙ୍କ ନିକଟରେ ଯାଜପୁର ଜିଲ୍ଲା ପ୍ରଶାସନକୁ ଦାୟୀ କରି ଜିଲ୍ଲାପାଳଙ୍କ ବିରୁଦ୍ଧରେ ଏକ ପିଟିସନ ଫାଇଲ କରିବା ସହିତ ଉକ୍ତ ତିନି ଅନାଥ ଶିଶୁଙ୍କ ଭବିଷ୍ୟତ ଲାଗି ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ପ୍ରାର୍ଥନା କରିଥିଲେ। ମାନ୍ୟବର କମିଶନ ଉକ୍ତ କେଶ (୧୪୬୬)ର ଶୁଣାଣୀ କରି ଆସନ୍ତା ନଭେମ୍ବର ମାସ ୬ ତରିଖ ସୁଦ୍ଧା ସମସ୍ତ ଅନୁସନ୍ଧାନ ମୂଳକ ରିପୋର୍ଟ ଦାଖଲ କରିବା ଲାଗି ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ଜୟପୁର, ୧୩/୦୯ (ନି.ପ୍ର): ସୁନାବେଡ଼ା ସ୍ଥିତ ଏ.ଡି.ଏ.ଭି. ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ତୃଣମୂଳ ସ୍ତରରେ ଜୁନିୟର ରେଡ୍ କ୍ରସ୍‌ର କ୍ରିୟାନ୍ୱୟନ୍ ପାଇଁ ଏକ ଦିବସୀୟ ବ୍ଲକ ସ୍ତରୀୟ ଜୁନିୟର ରେଡ୍ କ୍ରସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟାଙ୍ଗି ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି.ମିନତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ଏବଂ ସମ୍ମାନୀତ ଅତିଥି ଭାବେ ଏ .ଡି .ଏ .ଭି .ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଏବଂ ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଯୋଗଦାନ କରି ସେମିଳିଗୁଡା ଓ ପଟାଙ୍ଗି ବ୍ଲକ୍ ର ପରାମର୍ଶ ଦାତା ଓ ପରାମର୍ଶଦାତ୍ରୀମାନଙ୍କୁ ରେଡକ୍ରସ୍ ପ୍ରତିଷ୍ଠାତାଙ୍କ ଜୀବନୀ, ରେଡକ୍ରସ୍ ର ଉତ୍ପତି, ଜୁନିୟର ରେଡକ୍ରସ ର ଉତ୍ପତି , ସମ୍ପ୍ରତିକ ସ୍ଥିତିରେ ସ୍ୱେଚ୍ଛାସେବୀମାନଙ୍କ ସମାଜ ପାଇଁ ଆବଶ୍ୟକତା ଏବଂ ବିଦ୍ୟାଳୟ ସ୍ତରରେ ଏହାର ସକ୍ରିୟ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ସାଧନ କର୍ମୀ ସାହେଦା ପର୍ୱିନ୍ ବିଦ୍ୟାଳୟ ସ୍ତରରେ ଜୁନିୟର ରେଡକ୍ରସ୍ ର କ୍ରିୟାନ୍ୱୟନ ଉପରେ ଆଲୋକପାତ କରିଥିଲାବେଳେ ସାଧନକର୍ମୀ ସୁଜିତ୍ କୁମାର ନାୟକ ବିପର୍ଯ୍ୟୟ ପରିଚାଳନା ଉପରେ ଅବଗତ କରାଇଥିଲେ । ପ୍ରାଥମିକ ଉପଚାର ଉପରେ ସାଧନକର୍ମୀ ଜ୍ୟୋତିରଞ୍ଜନ ନନ୍ଦ ସକ୍ରିୟାତ୍ମକ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ସାହେଦା ପର୍ୱିନ ସଂଯୋଜନା କରିଥିଲାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ଅମିତା ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଦ୍ୟାଳୟ ର ଶିକ୍ଷକ ତାପସ କୁମାର ମଲ୍ଲିକ, କ୍ଷିତିଜ ଚନ୍ଦ୍ର ରଣା, କେଶବ ଚନ୍ଦ୍ର ଭଟ୍ଟ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ 'କାରା' ନିୟମାବଳୀ ସମ୍ବନ୍ଧୀୟ କର୍ମଶାଳା



ଭଦ୍ରକ, ୧୩/୦୯ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ ପରିସରରେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ "କାରା" ନିୟମାବଳୀ ସମ୍ବନ୍ଧୀୟ କର୍ମଶାଳା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ରୂପେ ଶିଶୁମଂଗଳ କମିଟିର ଅଧକ୍ଷ ଡ. ଦେବରାଜ ପାଣିଗ୍ରାହୀ, ଅନ୍ୟତମ ଅତିଥି ମଧ୍ୟରେ ଡ. ମୁରଲୀଧର ନାୟକ, ଶିଶୁମଂଗଳ କମିଟିର ସଦସ୍ୟ ଭାରତୀଦାଶ, ଅମର ବାରିକ, ମୌସୁମୀ ମାଇତି, କିଶୋରନ୍ୟାୟ ପରିଷଦର ସଦସ୍ୟ ବନମାଳୀ ଜେନା, ଲଳିତା ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ୟୁନିଟ୍‌ର ସୁରକ୍ଷଣା ଅଧିକାରିଣୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଷୟ ବିଷାରଦ ରୂପେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପୋଗ୍ରାମ ମ୍ୟାନେଜର (ସାରା) ଶୁଭଦର୍ଶୀ ଦାସ ଯୋଗଦାନ କରି ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ବିଧି, ବ୍ୟବସ୍ଥା, ଆଇନ ଏବଂ କେନ୍ଦ୍ରୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ବଳ ସଂସ୍ଥା (କାରା)ର ନିୟମାବଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ନିଃସନ୍ତାନ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ସହଜ ଓ ସରଳୀକରଣ ପ୍ରକ୍ରିୟା ଗ୍ରହଣ କରିବା ଉଚିତ୍। ଆଇନ ସମ୍ମତ ଶିଶୁଟିଏ ପୋଷ୍ୟସନ୍ତାନ ରୂପେ ଗ୍ରହଣ କଲେ ସମସ୍ତ ସମ୍ପତ୍ତିର ଅଂଶୀଦାର ହୋଇପାରିବ, ମାତ୍ର ଅନୈତିକ ରୂପେ ପୋଷ୍ୟସନ୍ତାନ ଗ୍ରହଣ କଲେ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି କର୍ମଶାଳାରେ ଆଲୋକପାତ ହୋଇଥିଲା। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପୋଷ୍ୟସନ୍ତାନ ଏକ ସ୍ନେହ, ବନ୍ଧନର ପ୍ରତୀକ ଏବଂ ପ୍ରତ୍ୟେକ ବ୍ୟକ୍ତି ସଠିକ ଉପାୟରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରମୁଖ ବକ୍ତାମାନେ ପୋଷ୍ୟସନ୍ତାନ ଗ୍ରହଣ କରିବାର ସଠିକମାର୍ଗ, ନିୟମ ଓ ବିଶେଷକରି ପୋଷ୍ୟଗ୍ରାହୀ ପିତାମାନେ ଉକ୍ତ ଦିଗରେ ସଚେତନ ହେବା ଜରୁରୀ। ସେଥିପାଇଁ ବିଭିନ୍ନ ଅଂଶୀଦାର ମାନଙ୍କ ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମତପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଶିଶୁ ବିକାଶ ଅଧିକାରିଣୀ ସୁପରଭାଇଜର ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପୋଲିସ୍, ସ୍ୱାସ୍ଥ୍ୟବିଭାଗ, ମହିଳାଗୋଷ୍ଠି, ଆଇନଜିବୀ, ପାରାଲିଗାଲ କର୍ମୀ, ସଖୀ (ୱାନଷ୍ଟପ୍ ସେଣ୍ଟର), ବିଭିନ୍ନ ଶିଶୁ ଅନୁଷ୍ଠାନର ସଂପାଦକ, ଅଧୀକ୍ଷକ, ପରାମର୍ଶଦାତା, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱତନ୍ତ୍ର ଅନୁବାଦକ ଯୋଗଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ଦମୟନ୍ତୀ ଦାଶ, ଧୀରଜ ବାରିକ, ସୁଦର୍ଶନ ବାଦ୍ରା, ଚିନ୍ମୟପଣ୍ଡା, ଅଭିଜିତ୍ ରାଉତ ସମେତ ସଂବିତ ମହାନ୍ତି, ତଥାଗତ ଜେନା, ସସ୍ମିତା ନାୟକ, ନିବେଦିତା ଜେନା ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଶିଶୁସୁରକ୍ଷା ଶାଖାର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଆର୍‌ଏମ୍‌ଙ୍କ ଷ୍ଟେସନ ଉନ୍ନୟନ କାର୍ଯ୍ୟର ସମୀକ୍ଷା: ଟ୍ରେନ ଅଟକିବାକୁ ନେଇ ବିଜେପିର ଦାବି

ଜଳେଶ୍ୱର , ୧୩/୦୯ (ନି.ପ୍ର): ଆଜି ମଧ୍ୟାହ୍ନରେ ଖଡଗପୁର ଡିଭିଜନର ଡିଆର୍‌ଏମ୍ କେ.ଆର୍ ଚୌଧୁରୀ ଜଳେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ଥିଲେ। ୨୩.୫ କୋଟି ଟଙ୍କା ବ୍ୟୟବରାଦରେ ଅମୃତ ଭାରତ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଷ୍ଟେସନର ଉନ୍ନତିକରଣ କରାଯାଉଥିବାରୁ ଏ ସମସ୍ତ କାର୍ଯ୍ୟର ଅଗ୍ରଗତି ଓ ୩ୟ ରେଳ ଲାଇନ୍ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିବା ଲାଗି ସ୍ଥାନୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ପରିଦର୍ଶନ ବେଳେ ଜଳେଶ୍ୱର ବିଜେପିର ସିଦ୍ଧାର୍ଥ ଶଂକର ପାଳ, ଫାଲଗୁନି ପାଣିଗ୍ରାହୀ, ସଂଗ୍ରାମ ପରିଡା, ସୁକୁମାର ରଣା, ଅନନ୍ତ ଦାସ, ତପନ ପରିଡା ପ୍ରମୁଖ ପୂର୍ବରୁ ରେଳ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବି ସଂପର୍କରେ ଆଲୋଚନା କରିଥିଲେ । ପୂର୍ବରୁ ଅଟକୁ ଥିବା ଡାଉନ୍ ଉତ୍କଳ ଏକ୍ସପ୍ରେସ୍ ଓ ଇନାକୁଲମ ଏକ୍ସପ୍ରେସର, ହାଓଡା-ସିକନ୍ଦରାବାଦ ଏକ୍ସପ୍ରେସ୍‌ର ପୁନଃ ରହଣି ସଂପର୍କରେ ବିଷଦ ଆଲୋଚନା ହୋଇଥିଲା । ସକାଳେ ୭.୧୪ମିରେ ଯାଉଥିବା ଖଡଗପୁର-ଭଦ୍ରକ ମେମୋ ଟ୍ରେନ ୮ଟାପରେ ଚାଲିବା ଏବଂ ଧଉଳି ଏକ୍ସପ୍ରେସ୍‌ର ସମୟ ପରିବର୍ତ୍ତନ ଲାଗି ଦାବି କରିଥିଲେ ।

## ଇଣ୍ଡିଆନ୍ କୋଷ୍ଟ ଗାର୍ଡ ପକ୍ଷରୁ ଉପକୂଳ ସୁରକ୍ଷା ନେଇ କର୍ମଶାଳା



ପାରାଦୀପ, ୧୩/୦୯ (ନି.ପ୍ର): କୋଷ୍ଟଗାର୍ଡ ଜିଲ୍ଲା ମୁଖ୍ୟାଳୟ ନମ୍ବର-୭ ଓଡିଶା ପକ୍ଷରୁ ପାରାଦୀପ ରେ ସେପଟ୍ମେର ୧୨ ଓ ୧୩ ଦୁଇ ଦିନିଆ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମୁଦ୍ରିକ ସର୍ଚ୍ଚ ଆଣ୍ଡ ରେସକ୍ୟୁ ସମ୍ବନ୍ଧୀୟ ଏହି କର୍ମଶାଳାରେ ପାରାଦୀପ ବନ୍ଦର ପ୍ରାଧିକରଣ, କଷ୍ଟମ୍ସ, ସାମୁଦ୍ରିକ ପୋଲିସ, ଓଡିଶା ପୋଲିସ, ସିଏସ୍‌ଏଫ୍, ମତ୍ସ୍ୟ ବିଭାଗ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ହିତାଧିକାରୀମାନେ ଯୋଗ ଦେଇଥିଲେ। ପାରଦର୍ଶୀତା ବାଣ୍ଟିବା ପାଇଁ ଏହି କର୍ମଶାଳାଟି ଉଦ୍ଦିଷ୍ଟ ଥିଲା, ଯାହା ଓଡିଶା ଉପକୂଳରେ ସାମୁଦ୍ରିକ ସାର ମୁକାବିଲା ପାଇଁ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ପ୍ରସ୍ତୁତତା ବୃଦ୍ଧି ହେବ। ଓଡିଶା ରାଜ୍ୟର ଡିଜି ୱାଇକେ ସିଂ କମାଣ୍ଡର କୋଷ୍ଟଗାର୍ଡ ଏହି କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଭାଷଣ ଦେଇ ଜିଲ୍ଲା କମାଣ୍ଡର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ ଏବଂ ଧନ୍ୟବାଦ ଜଣାଇଥିଲେ ଏବଂ ପ୍ରଭାବଶାଳୀ ସାମୁଦ୍ରିକ ସାର ଯୋଗାଇବା ଏବଂ ଏହିପରି ଭାବରେ ଆମର ମହାସାଗରକୁ ସୁରକ୍ଷିତ କରିବା ପାଇଁ ଏଜେନ୍ସିଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାର ପ୍ରଥମ ଦିନରେ, ଆଇସିଜି ଏବଂ ବିଭିନ୍ନ ଉତ୍ସ ଏଜେନ୍ସିର ପ୍ରତିନିଧୀମାନେ ପ୍ରତିକ୍ରିୟା ଏବଂ ସାମର୍ଥ୍ୟ ସହିତ ସମ୍ପୃକ୍ତ ଭୂମିକା ଉପରେ ଉପସ୍ଥାପନା କରିଥିଲେ। ଦ୍ୱିତୀୟ ଦିନରେ ଏକ ଟେବୁଲ୍ ଟପ୍ ବ୍ୟାୟାମ କରାଯାଇଥିଲା, ପରବର୍ତ୍ତୀ ସମୟରେ ସିଏସ୍‌ଏଫ୍ କର୍ମଚାରୀମାନେ ଜୀବନ ବଞ୍ଚାଇବା ଡ୍ରିଲ୍ସ ପ୍ରଦର୍ଶନ କରିଥିଲେ। କର୍ମଶାଳାରେ ବିଭିନ୍ନ ଏଜେନ୍ସିର ଅଂଶଗ୍ରହଣକାରୀମାନଙ୍କୁ ଉତ୍କୃଷ୍ଟ ସମନ୍ୱୟ ରକ୍ଷା କରିବା ଏବଂ ସମୁଦ୍ରରେ ମୂଲ୍ୟବାନ ଜୀବନ ଏବଂ ସମ୍ପତ୍ତି ବଞ୍ଚାଇବା ପାଇଁ ଭଲ ଭାବରେ ପ୍ରସ୍ତୁତ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରାଯାଇଥିଲା।

## ଗୋଡିଖାଲ ଶିବମୁନି ଯୋଗାଶ୍ରମରେ ଜନ୍ମଜୟନ୍ତୀ ସମାରୋହ

ଗୋଡିଖାଲ , ୧୩/୦୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ୭୫ ତମ ଶୁଭ ଜନ୍ମଜୟନ୍ତୀ,ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ମୁଖ୍ଯ ଅତିଥି ହିସାବରେ ଯୋଗଦାନ କରିଥିଲେ ବର୍ଷିୟାନ୍ ସିଦ୍ଧ-ସାଧକ ଆତ୍ମଜ୍ଞାନୀ ଯୋଗୀ ପ୍ରଫୁଲ୍ଲ ମୁନିଜୀ ମହୋଦୟ।ତାଙ୍କ ମୁଖନିସୃତ ଆଶିର୍ବଚନ ଉପସ୍ଥିତ ସମସ୍ତ ସମସ୍ତ ଯୋଗୀ, ଯୋଗଶିକ୍ଷୟତ୍ରୀ, ମୁନିରାଜ ମୁନିରାଜ୍ଞୀ,ମୁନି ମୁନିମତୀ, ମୁନିକୁମାର ମୁନିକୁମାରୀ ମାନଙ୍କୁ ନିଜ ନିଜ ଆତ୍ମାରେ କିଛିକ୍ଷଣ ପାଇଁ ତଲ୍ଲୀନ କରିଦେଇଥିଲା ।ମୁଖ୍ୟ ବକ୍ତା ହିସାବରେ ଆତ୍ମଜ୍ଞାନୀ ଯୋଗୀ କୃପାସିନ୍ଧୁ ମୁନିଜୀ ମହୋଦୟ ତାଙ୍କର ଆଶିର୍ବଚନ ପ୍ରଦାନ କରିଥିଲେ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଯୋଗୀ ହରିପଦ ସୁର ମହୋଦୟ।ମୁନି ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ମୁନିରାଜ୍ଞୀ ନୟନା କାମିଲା ମହୋଦୟା ।ସହଯୋଗ କରିଥିଲେ ଶ୍ୟାମ ମୁନି,କରୁଣାକର ମୁନି,ନରେନ୍ଦ୍ର ମୁନି,ରବିନ୍ଦ୍ର ମୁନି ପ୍ରମୁଖ ।କବୟିତ୍ରୀ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କମଳ କାମିନୀ ଦେ ଙ୍କ ରଚିତ କବିତା ପାଠ କରାଯାଇଥିଲା । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କୁ ତାଙ୍କର୭୫ ତମ ଶୁଭ ଜନ୍ମଜୟନ୍ତୀ ପାଳନ ଅବସରରେ ତାଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା।ମୁନିରାଜ ରମେଶ ଚନ୍ଦ୍ର କାମିନୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।ଶେଷରେ ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ସମସ୍ତଙ୍କୁ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ୩ୟ ଦିନରେ ଆନ୍ଦୋଳନ : ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ

ଜଳେଶ୍ୱର , ୧୩/୦୯ (ନି.ପ୍ର): ଶିକ୍ଷକ/ଶିକ୍ଷିକାମାନେ ୩ଦଫା ଦାବିରେ ରାଜ୍ୟର ସମସ୍ତ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଥିବା ବେଳେ ବହୁ ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏପରିକି କେତେକ ବିଦ୍ୟାଳୟରେ ଜଣେ କିମ୍ବା ଦୁଇଜଣ ଶିକ୍ଷକ ଉପସ୍ଥିତ ଥିଲାବେଳେ ଶ୍ରେଣୀକାର୍ଯ୍ୟ ଚାଲୁନଥିବାରୁ ପିଲାମାନେ ଘରକୁ ଫେରିଯାଇଥିବା ଦେଖିବାକୁ ମିଳିଛି । ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କୁ ମୂଳ ଚାକିରୀରେ ଗଣନା କରିବା, ଜୁନିୟର ଶିକ୍ଷକ, କଳା ଶିକ୍ଷକ ଓ କ୍ରିଡା ଶିକ୍ଷକଙ୍କୁ ନିୟମିତ ମାନ୍ୟତା ଦେବା, ସମସ୍ତ ବର୍ଗ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦାରମା ଦେବା ଦାବିରେ ଆଜି ଜଳେଶ୍ୱର ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ସରକାରଙ୍କ ଏପରି ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଆଜିର ଏହି ଧାରଣାରେ ଫେଡେରେସନ୍‌ର ବ୍ଲକ ସଭାପତି ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ଶହ ଶହ ଶିକ୍ଷକ/ଶିକ୍ଷିକାମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।

## ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୯ଖେଳାଳି



ବାରିପଦା, ୧୩/୦୯ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ଭଲିବଲ ପ୍ରତିଯୋଗିତା ଚଳିତ ସେପଟେମ୍ବର ମାସ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ଭୀମପୁରା କ୍ରୀଡା ଛାତ୍ରାବାସ ଖେଳ ପଡିଆ ରେ ଅନୁଷ୍ଠିତ ହେବାକୁ ଥିବା ବେଳେ, ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ବାଳକ ଟିମ ମ୍ୟାନେଜର ଭାବେ ବିଶୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ହରେକୃଷ୍ଣ ସେଠି, ବାଳିକା ଟିମ ମ୍ୟାନେଜର ଭାବେ କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ପିଇଟି ମଧୁସ୍ମିତା ପାତ୍ର, ଟିମ କୋଚ ଭାବେ ବାରିପଦା ସ୍ଥିତ ରଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି କ୍ଷୀରୋଦ ବେହେରାଙ୍କ ନେତୃତ୍ୱରେ ୨୯ ଜଣ କ୍ରୀଡାବିତ ଯୋଗ ଦେଇଛନ୍ତି। ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗରେ ଓମପ୍ରକାଶ ସାହୁ, ଶୁଭମ ଦିବ୍ୟଜ୍ୟୋତି ପତି, ସତ୍ୟ ମହାଲିକ, ଶୁଭମ ମହାନ୍ତି, କରମା ସିଂ, ପିଙ୍କୁ ମହାନ୍ତ, ମଧୁସୂଦନ ମାଝୀ, ଚନ୍ଦ୍ରଭାନୁ ବେହେରା । ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଆଶିଷ କୁମାର ସେଠି, ସଞ୍ଜୟ ମହାନ୍ତ, ପଙ୍କଜ କୁମାର ରାଉତ, ସ୍ୱରୂପାନନ୍ଦ ବାରିକ, ସଞ୍ଜୟ କୁମାର ରାଉତ, ପ୍ରିୟରଞ୍ଜନ ସାହୁ, ସଞ୍ଜୟ କୁମାର ଜେନା, ଧନଞ୍ଜୟ ମହାନ୍ତ, କୁମାର ଜେନା, କାହ୍ନା ନାୟକ, ରବୀନ୍ଦ୍ର ସିଂ ଓ ବାଳିକା ବିଭାଗରେ ସାକ୍ରୋ ହାଁସଦା, ପୂଜା ପାତ୍ର, ମାୟାବତୀ ଟୁଡୁ, ଛିତା ଟୁଡୁ, ସବିତା ମୁର୍ମୁ, ଶୁଭଦ୍ରା ସୋରେନ, ଶୁଭକ୍ଷସିନୀ ବେସ୍ରା, ରୀତାରାଣୀ ମୁର୍ମୁ, ଦୁଲି କିସ୍କୁ, ସୁମିତ୍ରା ସିଂ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ଆହୁରି ତିନି ଦିନ...

ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ଆଜି ସକାଳ ୮ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ମଧ୍ୟରେ ନବରଙ୍ଗପୁରରେ ୭୨ ମିଲିମିଟର, ଗୋପାଳପୁରରେ ୫୫, ଛତ୍ରପୁରରେ୫୪.୨, ବଲାଙ୍ଗିରରେ ୪୫, କୋରାପୁଟରେ ୩୦.୪ ବର୍ଷା ରେକର୍ଡ କରାଯାଇଛି।

## ପୁଣି ଓଏଏସ୍ ....

ବିଭାଗର ସ୍ୱତନ୍ତ୍ର ସଚିବ ତଥା ବରିଷ୍ଠ ଓଏଏସ ସୁଦର୍ଶନ ପରିଡ଼ାଙ୍କୁ ଓଡ଼ିଶା ମାନବାଧିକାର ଆୟୋଗଙ୍କ ସଚିବ ଭାବେ ବଦଳି ହୋଇଛି । ବରିଷ୍ଠ ଓଏଏସ୍ ବିଜୟ କୁମାର ଖଣ୍ଡାୟତରାୟଙ୍କୁ କଟକସ୍ଥିତ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ଶ୍ରୀ ରାୟ ଏବେ ଜମିଜମା ରେକର୍ଡ ଓ ବନ୍ଦୋବସ୍ତ ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ଏମଏସଏମଇ ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ରାଜଶ୍ରୀ ସିଂଙ୍କୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ବରିଷ୍ଠ ଓଏଏସ୍ ମନୋରଞ୍ଜନ ମହାପାତ୍ରଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ ଅତିରିକ୍ତ କମିଶନର ଭାବେ ବଦଳି ହୋଇଥିବାବେଳେ ବରିଷ୍ଠ ଓଏଏସ୍ ସନ୍ତୋଷୀ ସାହୁଙ୍କୁ ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ନିର୍ଦ୍ଦେଶକ(ଇନକ୍ୱାରୀ) ଭାବେ ନିଯୁକ୍ତି ମିଳିଛି। ସେହିପରି ଭୁବନେଶ୍ୱର ବିଡିଓ ଓଏଏସ୍ ଅଫିସର ସମ୍ପଦ କୁମାର ଦଳାଇଙ୍କ ଭୁବନେଶ୍ୱର ସ୍ମାର୍ଟ ସିଟି ଜେନେରାଲ ମ୍ୟାନେଜର (ପ୍ରଶାସନ) ଭାବେ ବଦଳିକୁ ବାତିଲ କରାଯାଇ ତାଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ ଦାୟିତ୍ୱ ନ୍ୟସ୍ତ ହୋଇଛି । ଏହାସହିତ ସେ ଅତିରିକ୍ତ ଦାୟିତ୍ୱ ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା(ଶିକ୍ଷା), ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟନିର୍ବାହୀ କମିଟି ଅଧକ୍ଷ, ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତିଙ୍କ ଓଏସଡି ଭାବେ କାର୍ଯ୍ୟ କରିବେ ।

## ବାଚସ୍ପତି ନିର୍ବାଚନକୁ ...

ବିଶେଷକରି ପଶ୍ଚିମଓଡ଼ିଶାର ଲୋକମାନେ ନିଜର ସମସ୍ତ କାର୍ଯ୍ୟକୁ ପଛରେ ପକାଇ ଏହି ଗଣପର୍ବରେ ସପରିବାର ନବାନ୍ନ ଭକ୍ଷଣ କରିବାର ପରମ୍ପରା ରହିଛି । ଏହି ଉତ୍ସବ ପଶ୍ଚିମଓଡ଼ିଶାବାସୀଙ୍କ ପାଇଁ ଆବେଗପୂର୍ଣ୍ଣ ହୋଇଥିବାରୁ ରାଜ୍ୟ ସରକାର ମଧ ୨ଦିନ ସରକାରୀ ଛୁଟି ଘୋଷଣା କରିଥାନ୍ତି । ମାତ୍ର ଚଳିତବର୍ଷ ସରକାର କେବଳ ଗୋଟିଏ ଦିନ ଛୁଟି ଘୋଷଣା କରିଛନ୍ତି । ତେଣୁ ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଖାଇ ଉତ୍ସବରେ ସାମିଲ ପାଇଁ କଂଗ୍ରେସ ବିଧାୟକମାନେ ନିଜ ନିଜ ଅଂଚଳରେ ଉପସ୍ଥିତ ରହୁଥିବାରୁ ବାଚସ୍ପତି ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ବିଧାନସଭା ବାଚସ୍ପତି ପଦରୁ ଚଳିତବର୍ଷ ଜୁନ୍ ମାସରେ ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇ ମନ୍ତ୍ରୀ ହେବାପରେ ଏହି ପଦ ଖାଲି ପଡ଼ିଛି । ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ତୁଲାଉଛନ୍ତି ।

## ମନ୍ତ୍ରୀ ଅଶ୍ୱିନୀଙ୍କୁ ଦଳରୁ ...

ହୋଇ ନିଜ ଦଳର ବିଦ୍ରୋହୀ ଗୋଷ୍ଠୀ ବର୍ତ୍ତମାନ ଷଣ୍ଢଆସି ଭଳି ଅଶ୍ୱିନୀଙ୍କୁ ଘେରୁଛନ୍ତି। ସବୁଠୁ ବଡ଼ କଥା ହେଲା, ଅସନ୍ତୁଷ୍ଟ କର୍ମୀ ଏତେ ସଙ୍ଗଠିତ ଯେ, ସେମାନଙ୍କୁ ସାମ୍ନା କରିବା ଦୂରେ ଥାଉ, ବରଂ ଅନେକ ଜାଗାରେ ଅପଦସ୍ଥ ହେଉଛନ୍ତି ଅଶ୍ୱିନୀ। ଜଳେଶ୍ୱର ବିଜେଡିର କେତେକ ଛାମୁଆ ନେତା ବର୍ତ୍ତମାନ ବିଦ୍ରୋହ ଭୂମିକାରେ ଅବତୀର୍ଣ୍ଣ ହେବା ପରେ ଅଶ୍ୱିନୀଙ୍କ ପାଇଁ ଖାଲି ବିପଦ ବଢ଼ିନାହିଁ, ବରଂ ପୂରା ନିର୍ବାଚନମଣ୍ଡଳୀର ବାତାବରଣକୁ ସରଗରମ୍ କରିଛି। ଅଶ୍ୱିନୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି ପ୍ରାକ୍ତନ ବ୍ଲକ୍ ଉପାଧକ୍ଷ ତଥା ଏବର ନଛିମପୁର ପଞ୍ଚାୟତ ସମିତିସଭ୍ୟ ବ୍ରଜମୋହନ ପ୍ରଧାନ, ପୂର୍ବତନ ବିଜେଡି ବ୍ଲକ୍ ସଭାପତି ଭୂପତି ମିର୍ଦ୍ଧା, ବିଜୁ ଯୁବବାହିନୀର ପୂର୍ବତନ ବ୍ଲକ୍ ସଂଯୋଜକ କାଳୀଚରଣ ଦାସ, ପୂର୍ବତନ ସରପଞ୍ଚ ସତ୍ୟଶୋଭନ ମିଶ୍ର, ସୁଧୀର ପାତ୍ର, ରାସବିହାରୀ ରଣା, ଚନ୍ଦନ କର, ରାଜେଶ ଜେନା, ରାଜେନ୍ଦ୍ର ପାତ୍ର, ଶ୍ରୀକଣ୍ଠ ମହାନ୍ତି, ଦୁର୍ଗାଶଙ୍କର ଭୂୟାଁ, ରବୀନ୍ଦ୍ର ଗିରି, ରବୀନ୍ଦ୍ର ବେହେରାଙ୍କ ଭଳି କେତେକ ନେତା ଓ କର୍ମୀ। ଗଲା ୧୦ ତାରିଖ ରବିବାର ଜଳେଶ୍ୱର ବ୍ଲକ୍ ଗୋବରଘାଟା ପଞ୍ଚାୟତ ସରପଞ୍ଚ ମିନତି କରଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଥିଲା ଅସନ୍ତୁଷ୍ଟ ବିଜେଡିର କର୍ମୀ ସମାବେଶ। ପୂର୍ବତନ ବ୍ଲକ୍ ଉପାଧକ୍ଷ ବ୍ରଜମୋହନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ୪୯ଟି ପଞ୍ଚାୟତ ଓ ଜଳେଶ୍ୱର ପେ ?ରାଞ୍ଚଳର ୧୭ଟି ୱାର୍ଡରୁ ପାଖାପାଖି ସାଢ଼େ ୬ ଶହରୁ ଅଧିକ ଦଳୀୟ କର୍ମୀ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କେମିତି ଦଳର ପୁରୁଖା କର୍ମୀଙ୍କୁ ଅବହେଳା କରୁଛନ୍ତି ଓ ପ୍ରତିବାଦ କଲେ ନାଲି ଆଖି ଦେଖାଉଛନ୍ତି; ସେସଂପର୍କରେ କ୍ଷୋଭ ଜାହିର କରିଥିଲେ। କେବଳ ସେତିକି ନୁହେଁ, ୨୦୨୪ ନିର୍ବାଚନରେ ଜଳେଶ୍ୱରରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଶ୍ରୀ ପ୍ରଧାନଙ୍କ ସହିତ ଭୂପତି ମିର୍ଦ୍ଧା, ସୁଧୀର ପାତ୍ର, ସତ୍ୟଶୋଭନ ମିଶ୍ର, ଯୁବନେତା କାଳୀଚରଣ ଦାସ, ରାସବିହାରୀ ରଣା, ଚନ୍ଦନ କର, ରାଜେଶ ଜେନା, ରାଜେନ୍ଦ୍ର ପାତ୍ର, ଶ୍ରୀକଣ୍ଠ ମହାନ୍ତି, ଦୁର୍ଗା ଶଙ୍କର ଭୂୟାଁ, ରବୀନ୍ଦ୍ର ଗିରି, ରବୀନ୍ଦ୍ର ବେହେରା ପ୍ରମୁଖ ନେତାମାନେ ନିଜ ଦାବିକୁ ଶାଣିତ କରିଥିଲେ। ନିଜ ନିର୍ବାଚନମଣ୍ଡଳୀ ଭିତରୁ ଅଶ୍ୱିନୀଙ୍କ ବିରୋଧରେ ଏଭଳି ରଣ ହୁଙ୍କାର ୨୦୨୨ ମସିହା ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନରୁ ଆରମ୍ଭ ହୋଇଥିଲା।

## ଓଡ଼ିଶାରେ ଗୁମାସ୍ତା...

ଏକଛତ୍ରବାଦୀ ଶାସନ ପାଇଁ ଲୋକ ଭୋଟ୍ ଦେଇ ନଥିଲେ। ତଥ୍ୟଭିତ୍ତିକ ସମାଲୋଚନାର ଅଧିକାର ସମସ୍ତଙ୍କ ନିକଟରେ ରହିଛି, ଯିଏ ବ୍ଲାକ୍‌ମେଲ୍ ଶବ୍ଦ ବ୍ୟବହାର କରୁଛନ୍ତି, ସିଏ ପ୍ରଥମେ ଡିକ୍ସନାରି ଦେଖନ୍ତୁ।'' ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ ଏହି ଘଟଣାରେ ନିଜର ମତ ରଖିଛନ୍ତି। ସେ ତାଙ୍କର ମତ ରଖି କହିଛନ୍ତି କି ''ବିଜେଡ଼ି ନେତାମାନେ ଏବେ ଦଳରେ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। କର୍ମୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ନେତା ପର୍ଯ୍ୟନ୍ତ କେହି ଦଳରେ ଖୁସିନାହାନ୍ତି। ଅନେକ ବିଜେଡି ବିଧାୟକ ଆମ ସଂପର୍କରେ ଅଛନ୍ତି । ସେମାନେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ। '' ଗତକାଲି ସୌମ୍ୟଙ୍କୁ ବିଜେଡ଼ି ଉପସଭାପତି ପଦରୁ ହଟାଇବା ପରେ ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ର କହିଥିଲେ, ''ଆଗରୁ କାରଣ ଦର୍ଶାଅ ନୋଟିସ୍ ପଠାଇ କାର୍ଯ୍ୟାନୁଷ୍ଠାନ ହେଉଥିଲା। ମାତ୍ର ସୌମ୍ୟରଂଜନଙ୍କ କ୍ଷେତ୍ରରେ ସେପରି ହୋଇନାହିଁ। ମୁଖ୍ୟମନ୍ତ୍ରୀ ଏକଥା ଜାଣିଥିବେ କି ନାହିଁ ସନ୍ଦେହ। ମୋଟାମୋଟି ରାଜ୍ୟର ରାଜନୈତିକ ପରିସ୍ଥିତି ଭଲ ନାହିଁ। ଏମିତି କେତେ ଅଘଟଣା ଆହୁରି ଆଗକୁ ଘଟିବ।'' ସେହିପରି ବିଜେପିର ବରିଷ୍ଠ ନେତା ପ୍ରଦୀପ ପୁରୋହିତ ମଧ ସମାନ ଧରଣର ସନ୍ଦେହ ପ୍ରକଟ କରିଥିଲେ।

## ମୋଦୀଙ୍କ ବିରୋଧରେ...

ସେପଟ୍ମେର ୧ ତାରିଖରେ ଇଣ୍ଡିଆ ମେଂଟର ମୁମ୍ବାଇ ବୈଠକରେ ନିଷ୍ପତି ହୋଇଥିଲା ଯେ, ୨୦୨୪ ଲୋକସଭା ନିର୍ବାଚନରେ ସହମତିରେ ପ୍ରାର୍ଥୀ ଦେବାକୁ ଯଥାସମ୍ଭବ ଚେଷ୍ଟା କରାଯିବ । ମୋଦୀଙ୍କୁ ଅଟକାଇବା ପାଇଁ ମେଂଟ ସହଯୋଗୀମାନେ ନିଜ ମହତ୍ୱାକାଂକ୍ଷାକୁ ଭୁଲି ମେଂଟ ସ୍ୱାର୍ଥକୁ ଗୁରୁତ୍ୱ ଦେବେ । ମମତା ବାନାର୍ଜୀ... ବିରୋଧୀ ଦଳ ନିଜ ନିଜ ମହତ୍ୱାକାଂକ୍ଷାକୁ ଭୁଲି ମେଂଟ ସ୍ୱାର୍ଥକୁ ଗୁରୁତ୍ୱ ଦେବେ । ହେଲେ ପଶ୍ଚିମବଙ୍ଗରେ ଏହା ସମ୍ଭବ ହେବ ନାହିଁ ବୋଲି ଆଶଙ୍କା କରାଯାଉଛି । କାରଣ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ବାମଦଳ ସହ କୌଣସି ବୁଝାମଣା କରିବା ସପକ୍ଷରେ ନାହାନ୍ତି । ଅଧୀରରଞ୍ଜନ ଚୌଧୁରୀ... କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ ବାରମ୍ବାର ମମତା ବିରୋଧୀ ବୟାନବାଜି ଜାରି ରଖିଛନ୍ତି । ଯେଉଁଥିପାଇଁ ଉପନିର୍ବାଚନରେ ଇଣ୍ଡିଆ ମେଂଟର ସହଯୋଗୀଙ୍କ ମଧ୍ୟରେ ବୁଝାମଣା ହୋଇପାରିଲା ନାହିଁ । ଏଠାରେ ବାମଦଳ ଓ କଂଗ୍ରେସ ଏକାଠି ହେଲେ ମଧ ଉଭୟ ବିଜେପି ଓ ତୃଣମୂଳ କଂଗ୍ରେସ ବିରୋଧରେ ଲଢେଇ କରି ସଫଳତା ପାଇବା ସମ୍ଭବ ହେବନାହିଁ । ୨୦୧୯ ଲୋକସଭା ନିର୍ବାଚନରେ ମୋଟ୍ ୪୨ ଆସନରୁ ଏକାକୀ ୨୨ଟି ସିଟ୍ ହାତେଇଥିଲା ତୃଣମୂଳ କଂଗ୍ରେସ ।

## ବରଗଡ଼ରେ ସ୍କ୍ରବ ଟାଇଫସ ନେଲାଣି ...

ପଜିଟିଭ୍ ଚିହ୍ନଟ ହୋଇଥିବା ସମସ୍ତ ୪ ଜଣ ବର୍ତ୍ତମାନ ସୁସ୍ଥ ଅଛନ୍ତି। ସେମାନଙ୍କର ଚିକିତ୍ସା ଚାଲିଛି ବୋଲି ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଚାଷ ଜମି ଓ ଜଙ୍ଗଲରେ ରହିଥାଏ ଲାର୍ଭା ମାଇଟ୍ସ ନାମକ ଏକ ପୋକ। ସେହି ପୋକ କାମୁଡ଼ିବା ପରେ ତା' ଦେହରେ ଥିବା ଓରିଏଣ୍ଟାଲ୍ ଶୁଶୁକ ନାମକ ଏକ ବ୍ୟାକ୍ଟିଆ ମଣିଷ ଶରୀର ଚମକୁ ଚାଲିଯାଇଥାଏ। ଯେଉଁ ସ୍ଥାନରେ ପୋକଟି କାମୁଡ଼ି ଥାଏ, ସେଠାରେ ପ୍ରଥମେ ଗୋଟିଏ ଛୋଟିଆ ବ୍ରଣ ଭଳି ହୋଇଯାଏ।

## ମିଡିଆ ଟ୍ରାଏଲକୁ ନେଇ...

ପୀଡତା ଏବଂ ଅଭିଯୁକ୍ତଙ୍କ ସହିତ ସାଧାରଣ ଜନତାଙ୍କୁ ସ୍ୱାର୍ଥ ସହିତ ଜଡିତ । ଅପରାଧ ସମ୍ବନ୍ଧୀୟ ପ୍ରସଙ୍ଗରେ ଗଣମାଧ୍ୟମ ରିପୋର୍ଟିଂରେ ଜନସ୍ୱାର୍ଥର ଅନେକ ଦିଗ ଅନ୍ତର୍ଭୁକ୍ତ । ମୌଳିକ ସ୍ତରରେ ଭାଷଣ ଏବଂ ଅଭିବ୍ୟକ୍ତିର ମୌଳିକ ଅଧିକାର ଉଭୟ ଗଣମାଧ୍ୟମର ମତାମତ, ଖବର ଚିତ୍ରଣ ଏବଂ ପ୍ରସାରଣ କରିବାର ଅଧିକାର ଦୃଷ୍ଟିରୁ ସିଧାସଳଖ ଜଡିତ । ଏଣୁ ମିଡିଆ ଟ୍ରାଏଲକୁ ଅନୁମତି ଦେବା ଉଚିତ ନୁହେଁ ବୋଲି ମୁଖ୍ୟ ବିଚାରପତି କହିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

# ସାଇସ୍ନାତା ୨୦୨୩ ଅନୁଷ୍ଠିତ: ସାଧନା ହିଁ ସଫଳତାର ଚାବିକାଠି

ବାରିପଦା , ୧୩/୦୯ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ବାଘଡା ରୋଡ ସ୍ଥିତ ସାଇ ଡିଗ୍ରୀ କଲେଜର ନବାଗତ ବିଦ୍ୟାର୍ଥିଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସାଇସ୍ନାତା -୨୦୨୩ ଶହିଦସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବଲୋଚନ ପଟ୍ଟନାୟକଙ୍କ




ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁଙ୍କ ସହିତ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସାନ୍ତାଳି ଭାଷା ଓ ଲିପିର ଗବେଷକ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜୀବନରେ ସଫଳ ହେବାପାଇଁ ସାଧନା ଏବଂ ପରିଶ୍ରମର ଏକାନ୍ତ ଆବଶ୍ୟକତା ରହିଛି ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସଭାରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଓଡିଆ ସିନେ ତାରକା ଆର୍ଲିନ ଅଙ୍କିତା, ଅନିମେଶ ଘୋଷ ଏବଂ ତାପସ ପାଢି ପ୍ରମୁଖ ଯୋଗ ଦେଇ ଥିଲେ। ଅତିଥି ମାନେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗୀତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଶ୍ୱଜିତ ଥାଟୋଇ, ମାନସ ମନ୍ତ୍ରୀ, ଦେବଜାନୀ ବେହେରା ଏବଂ ନିବେଦିତା ଦାସ ମନୋମୁଗ୍ଧକର ସଙ୍ଗୀତ ପରିବେଷଣ କରିଥିବା ବେଳେ, ସାଇ ଉଚ୍ଚମାଧ୍ୟମିକ ବିଦ୍ୟଳୟର ଉପାଧ୍ୟକ୍ଷ ଜ୍ୟୋତି ଶଙ୍କର ମିଶ୍ର ଏବଂ ସାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ରଣଜିତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# ଚାରି ଦଫା ଦାବି ପୂରଣ ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ୨୨ରୁ ଆମରଣ ଅନଶନ

ଲଙ୍ଗଳେଶ୍ୱର , ୧୩/୦୯ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ , ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନା(୫ଟି ) ରେ ସାମିଲ କରିବା , ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆନୁଷଙ୍ଗିକ ଉପକରଣ ଯୋଗାଇଣ ଓ ମହା ପ୍ରୟାଣ ଯୋଜନାରେ ସାମିଲ କରାଯାଇ ନିଶୁଳ୍କ ଶବ ପରିବହନ ଯାନ ଉପଲବ୍ଧ କରାଇବା ଆଦି ଦାବି ନେଇ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ୨୨ତାରିଖରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଆମରଣ ଅନଶନ କରିବ ବୋଲି ବୁଧବାର ପ୍ରେସ କୁ ଜଣାଇଛନ୍ତି ।ଶାନ୍ତିପୂର୍ଣ୍ଣ ଏହି ଗଣ ଆନ୍ଦୋଳନ ରେ ସାଧାରଣ ଲୋକ, ବୁଦ୍ଧିଜୀବୀ, ଯୁବ ଛାତ୍ର , ରାଜନୈତିକ ଲୋକ ସାମିଲ ହେବାକୁ ମଞ୍ଚ ମଧ ନିବେଦନ କରିଛ । ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଓ ତାଙ୍କ ସହଯୋଗୀ ମାନେ ଏହି ଅନଶନରେ ଅଂଶ ଗ୍ରହଣ କରିବେ। ସୂଚନାଯୋଗ୍ୟ ,ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ପଡୋଶୀ ଭୋଗରାଇ ,ଜଳେଶ୍ୱର ,ବସ୍ତା ପଶ୍ଚିମ ବଙ୍ଗଳା ର ଲୋକ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଅଭାବ ଓ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଲୋକେ ହଇରାଣ ହରକତ ହେଉ ଛନ୍ତି , ଗରିବ ମଧ ବିତ୍ତ ଲୋକ ଅଧିକ ଖର୍ଚ୍ଚ କରି ବାଲେଶ୍ୱର ଓ ଅନ୍ୟତ୍ର ଯିବାକୁ ବାଧ ହେଉ ଛନ୍ତି । ମଞ୍ଚ ତହସିଲଦାର ,ବିଡ଼ିଓ ,ଥାନାଧିକାରୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ମାନଙ୍କୁ ମଧ ଜଣାଇଛନ୍ତି।




## ହୀରାକୁଦର ୨ଟି ଗେଟ୍ ଖୋଲିଲା

ଭୁବନେଶ୍ୱର , ୧୩/୦୯ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ୨ଟି ଗେଟ୍ ଖୋଲାଯାଇଛି। ମହାନଦୀର ଉପରମୁଣ୍ଡରେ ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନରେ ହୀରାକୁଦ ଜଳଭଣ୍ଡାରର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରୁ ଗୋଟିଏ ଲେଖାଏଁ ଗେଟ୍ ଖୋଲାଯାଇଛି। ଅପରାହ୍ନ ୩ଟା ବେଳକୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୨୩ ଫୁଟ୍ ଥିଲା। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୭୩,୩୦୮ କ୍ୟୁସେକ ଜଳ ପ୍ରବେଶ କରୁଥିଲା। ଅପରପକ୍ଷେ ଜଳଭଣ୍ଡାରରୁ ସେକେଣ୍ଡ ପିଛା ୩୫,୧୮୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା।

# ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଶଂସା କଲେ ପୁଟିନ

ଭ୍ଲାଦିଭୋଷ୍ଟୋକ, ୧୩/୦୯ (ନି.ପ୍ର): ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଶଂସା କଲେ ଋଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ । ଏକ କାର୍ଯ୍ୟକ୍ରମରେ ମେକ୍ ଇନ୍ ଇଣ୍ଡିଆର ପ୍ରଶଂସା କରି ସେ କହିଛନ୍ତି ଯେ, ଏଥିରେ ବହୁତ କିଛି ଶିଖିପାରିବା । ସେ କହିଛନ୍ତି ଯେ, ଭାରତୀୟଙ୍କ ମଧ୍ୟରେ ଭାରତୀୟ ଉତ୍ପାଦର ଉପଯୋଗ ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରି ପ୍ରଧାନମନ୍ତ୍ରୀ ମୋଦି ଏକ ଭଲ ପଦକ୍ଷେପ ନେଇଛନ୍ତି । ଋଷିଆର ବନ୍ଦରଗାହ ସହରର ଭ୍ଲାଦିଭୋଷ୍ଟୋକରେ ଆୟୋଜିତ ଅଷ୍ଟମ ପୂର୍ବ ଆର୍ଥିକ ମଞ୍ଚକୁ ସମ୍ବୋଧିତ କରିବା ଅବସରରେ ପୁଟିନ କହିଛନ୍ତି ଯେ, ଘରୋଇ ସ୍ତରରେ ନିର୍ମିତ ଅଟୋମୋବାଇଲର ଉପଯୋଗ କରିବା ଆବଶ୍ୟକ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ପ୍ରଥମେ ଏହି ନୀତି ଜରିଆରେ ଏକ ଉଦାହରଣ ସୃଷ୍ଟି କରିଛି । ଋଷ ନିର୍ମିତ କାମ ସମ୍ପର୍କରେ ଚର୍ଚ୍ଚା କରିବା ଅବସରରେ ପୁଟିନ ଏହା କହିଥିଲେ । ସେ କହିଛନ୍ତି ଯେ, ୧୯୦୦ ଦଶକରେ ଆମ ପାଖରେ ଦେଶରେ ନିର୍ମିତ କାର ନଥିଲା କିନ୍ତୁ ଏବେ ଆମ ପାଖରେ ଅଛି । ଏହା ସତ ଯେ, ୧୯୯୦ ଦଶକରେ ବହୁଳି ମାତ୍ରାରେ କିଣାଯାଇଥିବା ମର୍ସିଡିଜ କିମ୍ବା ଅଡି ତୁଳନାରେ ଏହା ସାଧାରଣ ଦେଖାଯାଇଥାଏ, ମାତ୍ର ଏହା ଏକ ପ୍ରସଙ୍ଗ ନୁହେଁ । ପୁଟିନ କହିଛନ୍ତି ଯେ, ଆମକୁ ଭାରତ ପରି ନିଜର ଅଂଶୀଦାରରୁ ଶିଖିବା ଉଚିତ । ଭାରତ ଯେପରି ନିଜ ଦେଶରେ ନିର୍ମିତ କାର ଏବଂ ଜାହାଜର ଉତ୍ପାଦନ ଏବଂ ଉପଯୋଗ ଉପରେ ଧ୍ୟାନ ଦେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେଡ ଇନ୍ ଇଣ୍ଡିଆ ବ୍ରାଣ୍ଡର ଉପଯୋଗ କରିବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଆମ ପାଖରେ ବି ଯାନବାହନ ଅଛି ଆମେ ମଧ ଏହାର ଉପଯୋଗ କରିବା ଉଚିତ ବୋଲି ପୁଟିନ କହିଛନ୍ତି ।

# ବାସୁଦେବପୁରରେ ଫୁଜି ମାର୍ଟ ଉଦ୍‌ଘାଟିତ



ବାସୁଦେବପୁର, ୧୩/୦୯ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ସତସଙ୍ଗ କେନ୍ଦ୍ର ଠାରେ ଫୁଜି ମାର୍ଟ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ପୌର ପାଳିକା ର ଅଧ୍ୟକ୍ଷା ନିବେଦିତା ବେହେରା । ଶ୍ରୀମତୀ ବେହେରା ଉଦଘାଟନ କରି ଅନୁଷ୍ଠାନ ର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଙ୍କ ପ୍ରତିନିଧି ଅସିତ କୁମାର ଦାଶ, ସମାଜ ସେବୀ ମାନସ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଫୁଜି ମାର୍ଟ ସପିଙ୍ଗ ମଲ ର ଡାଇରେକ୍ଟର ଶରତ ଚନ୍ଦ୍ର ସାହୁ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ସପିଙ୍ଗ ମଲ ସୋ ରୁମ ଖୁବ ସୁନ୍ଦର ଓ ଆକର୍ଷଣୀୟ ହୋଇପାରିଛି । ଏଠାରେ ବିଭିନ୍ନ ଭେରାଇଟି ର ପ୍ରଡକ୍ଟ, କପଡା, ଗ୍ରୋସେରୀ, କସମେଟିକ୍ସ ସମସ୍ତ ଗ୍ରାହକ ମାନଙ୍କ ପାଇଁ ଖୁବ ସୁଲଭ ମୂଲ୍ୟ ରେ ଉପଲବ୍ଧ ବୋଲି ଡାଇରେକ୍ଟର ଶ୍ରୀ ଶରତ ଚନ୍ଦ୍ର ସାହୁ ଗଣ ମାଧ୍ୟମ ସାମ୍ନା ରେ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଏହି ଅନୁଷ୍ଠାନ ପକ୍ଷରୁ ବୃକ୍ଷ ରୋପଣ ଓ ସମାଜ ସେବା ମୂଳକ କାର୍ଯ୍ୟ କରାଯିବ ।

# ବାଖରାବାଜ ଶିବମୁନି ଯୋଗାଶ୍ରମରେ ଜନ୍ମଜୟନ୍ତୀ ପାଳନ

ରୂପସା , ୧୩/୦୯ (ନି.ପ୍ର): ବାଖରାବାଜ ଶିବମୁନି ଯୋଗାଶ୍ରମରେ, ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ଙ୍କ ସଭାପତିତ୍ୱରେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ୭୫ ତମ ଶୁଭ ଜନ୍ମଜୟନ୍ତୀ ସହିତ ତାଙ୍କ ନାତୁଣୀ ଆୟୁଷ୍ମତୀ ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶନୀଙ୍କର ୯ ମ ଶୁଭ ଜନ୍ମଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ମୁନି ପରମାନନ୍ଦ ମଣ୍ଡଳ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ମୁନି କାଳିଚରଣ ଜେନା ମହୋଦୟ । ଆବାହନୀ ସଙ୍ଗୀତ, ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ମୁନିରାଜ ରାହାସବିହାରୀ ବାରିକ ମହୋଦୟ । ଉପସ୍ଥିତ ଥିଲେ ମୁନି ନିତ୍ୟାନନ୍ଦ ମଣ୍ଡଳ, ମୁନି ରାମେଶ୍ୱର ସିଂ, ମୁନିମତୀ ଗଉରୀମଣୀ଼ର, ମୁନିମତୀ ସୁକାନ୍ତି ବର,ମୁନିମତୀ ମଧୁସ୍ମିତା ବର,ମୁନିମତୀ କାନ୍ଦରୁ ସରେନ୍,ମୁନିମତୀ କାଞ୍ଚନମଣୀ ମଣ୍ଡଳ,ମୁନିମତୀ ବର୍ଷାରାଣୀ ସିଂ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଯୋଗୀ ପରମାନନ୍ଦ ମୁନି ଙ୍କର ୭୫ ତମ ଶୁଭ ଜନ୍ମଜୟନ୍ତୀ ରେ ଏବଂ ତାଙ୍କ ଆଦରର ନାତୁଣୀ ଆୟୁଷ୍ମତୀ ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶନୀଙ୍କର ୯ ମ ଶୁଭ ଜନ୍ମଜୟନ୍ତୀ ରେ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶନୀଙ୍କୁ, ସମାଜରେ ଜଣେ ଆଦର୍ଶ ବିଦୁଷୀ, ଦୂରଦର୍ଶୀ ନାରୀ ହିସାବରେ ପ୍ରତିଷ୍ଠା ଲାଭ କରିବାର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ସଭାପତି ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ,ଜଣେ ପ୍ରତିଦିନ ମୁନି ସମାଜର ଯମ ନିୟମ ପାଳନ କରିବା ସହିତ ଯୋଗ ସାଧନ କରି ଚାଲିଲେ, ସେ ନିଶ୍ଚୟ ମାନସିକ ଶାରୀରିକ ପାରିବାରିକ ଆର୍ଥିକ ସୁଖ ଶାନ୍ତି ଆନନ୍ଦ ପାଇବା ସହିତ ଆତ୍ମ ଦର୍ଶନ କରିପାରିବ । ଶେଷରେ ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।



## ୧୫ରେ ଦୂରଦର୍ଶନ କେନ୍ଦ୍ରର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୩/୦୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୫ତାରିଖରେ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଦୂରଦର୍ଶନର ପ୍ରତିଷ୍ଠା ଦିବସ ପାଳନ ହେବ। ୬୪ ବର୍ଷ ତଳେ ୧୯୫୯ ମସିହାର ଏହି ପବିତ୍ର ଦିନରେ ଦୂରଦର୍ଶନ ଆରମ୍ଭ କରିଥିଲା ତାର ପ୍ରସାରଣର ଯାତ୍ରା। ସେ ଦିନ କେବଳ ଦିଲ୍ଲୀ ମହାନଗରୀରେ ସୀମିତ ଥିବା ଦୂରଦର୍ଶନ ପ୍ରସାରଣ ଆଜି କେବଳ ଜାତୀୟ ସ୍ତରରେ ନୁହେଁ ଆନ୍ତର୍ଜାତୀକ ସ୍ତରକୁ ମଧ ପରିବ୍ୟାପ୍ତ। ସେହି ଶୁଭ ଦିନକୁ ମନେ ପକାଇବା ପାଇଁ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି । ସେଦିନ ସନ୍ଧ୍ୟା ୭.୩୦ ରୁ ରାତି ୯.୩୦ ପର୍ଯ୍ୟନ୍ତ ଦୁଇ ଘଂଟାର ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତ୍ରିତ ଅତିଥି ମାନଙ୍କ ସମ୍ମୁଖରେ ପରିବେଷଣ କରାଯିବ ଓ କାର୍ଯ୍ୟକ୍ରମ ର ସିଧାପ୍ରସାରଣ ମଧ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡିଶାର ସମସ୍ତ ଅଂଚଳର ଲୋକପ୍ରିୟ କଳାକାରମାନେ ଯୋଗଦେଇ ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବେ।

# ଖୋର୍ଦ୍ଧା ଜିଲ୍ଲାରେ ସଂସାଧାନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା, ୧୩/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକସଂପର୍କ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁଇ ଜଣିଆ ପ୍ରଶିକ୍ଷଣ ଶିବିର ରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଖୋର୍ଦ୍ଧା ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଶିବିର ର ଲକ୍ଷ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିବା ସହ ଆସନ୍ତା ସେପଟ୍ଟେମ୍ବର ୧୫ରୁ୩୦ମଧ୍ୟରେ ପ୍ରତ୍ୟେକ ଗ୍ରାମରେ ସରକାରଙ୍କ ବିଭିନ୍ନ ଯୋଜନା ଲୋକ କଳା ମାଧ୍ୟମରେ ସମସ୍ତ ଗ୍ରାମ ରେ ପହଞ୍ଚେଇବାର ପାଇଁ କଳାକାର ମାନଙ୍କୁ ଆହ୍ୱାନ କରିଥିଲେ। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଉପକ୍ରମରେ ଆୟୋଜିତ ଜିଲ୍ଲା ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କ ରେ କଳାକାର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସମସ୍ତ କଳାକାର ଙ୍କୁ ସୁଯୋଗ ଦିଆଯିବ ବୋଲି ମତବ୍ୟକ୍ତ କରିବା ସହ ମାର୍ଗ ଦର୍ଶିକା ବିଷୟରେ ଆଲୋକପାତ କରିଥିଲେ ।ପ୍ରମୁଖ ଆଠ ଗୋଟି ଯୋଜନା ର ରୂପରେଖ କବିତା ମାଧ୍ୟମ ରେ କଳାକାର ମାନଙ୍କୁ ଦିଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଶିକ୍ଷା ବିଭାଗ ଉପରେ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡ଼ା, ଏବଂ ବିଭୁଦତ୍ତ ସାହୁ,ଏ ଡ଼ି ଏ ରାଜେନ୍ଦ୍ର କାହାର,ଡ଼ି ଏମ୍ ଏସ ଓ, ପ୍ରଶିକ୍ଷଣ ଦେଇଥିଲେ । ରାଜ୍ୟ ସଂସାଧାନ ର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନିଶାଙ୍କ ସମସ୍ତ ଙ୍କୁ ଉଦବୋଧନ ଦେବା ସହ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ।

# ବାଲେଶ୍ୱର ଜିଲ୍ଲାରେ 'ଆୟୁଷ୍ମାନ ଭବଃ' ଅଭିଯାନର ଶୁଭ ଉଦ୍‌ଘାଟନ

ବାଲେଶ୍ୱର, ୧୩/୦୯ (ନି.ପ୍ର): ମହାମହିମ ରାଷ୍ଟ୍ରପତି ମାନନୀୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଆଜି ସମଗ୍ର ଦେଶରେ 'ଆୟୁଷ୍ମାନ ଭ୍ଵଃ' ଅଭିଯାନର ଶୁଭ ଉଦ୍ଘାଟନ ହୋଇଯାଇଛି ଓ ମାନବ ସମାଜର ସୁସ୍ଥ ଓ ଆରୋଗ୍ୟ କାମନା କରି ଏହି ଅଭିଯାନ ଆଗାମୀ ସେପଟ୍ଟେମ୍ବର ୧୭ ରୁ ଅକ୍ଟୋବର ୦୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଚାଲିବ ଓ ବାଲେଶ୍ୱର ଜିଲ୍ଲାରେ ଆଜି ଏହି ଅଭିଯାନଟି ଭର୍ଚୁଆଲ୍ ମୋଡ୍ ରେ ମାନ୍ୟବର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଲୋକସଭା ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ ହୋଇଯାଇଛି ଓ ଏହି ଅଭିଯାନ ଅନ୍ତର୍ଗତ ସମସ୍ତ ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ଯଥା ଆୟୁଷ୍ମାନ ସଭା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସାପ୍ତାହିକ ସ୍ୱାସ୍ଥ୍ୟ ମେଳା ଏବଂ ଆରୋଗ୍ୟ କେନ୍ଦ୍ରରେ ସାପ୍ତାହିକ ମେଳା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସୁବିଧାମାନ ସର୍ବଶେଷ ସ୍ତରରେ ଜନସାଧାରଣଙ୍କ ପାଖରେ ଉପଲବ୍ଧ କରାଇବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଓ ଅଣସଂକ୍ରାମକ ରୋଗର ପ୍ରତିକାର ଏବଂ ଚିକିତ୍ସା, ଯକ୍ଷ୍ମା ରୋଗର ନିରାକରଣ, ସ୍ୱେଚ୍ଛାକୃତ ରକ୍ତଦାନ, ଅଙ୍ଗଦାନ ଏବଂ ସିକଲସେଲ ରୋଗର ପରୀକ୍ଷଣ ଓ ଚିକିତ୍ସା ଭଳି ସ୍ୱାସ୍ଥ୍ୟଭିତ୍ତିକ ବିଷୟ ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ଓ ଏହି ପକ୍ଷପାଳନ ଅବସରରେ ସ୍ୱଚ୍ଛତା ଉପରେ ଅନେକ କାର୍ଯ୍ୟକ୍ରମ କରାଯିବ । ପ୍ରକାଶ ଥାଉ କି, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ଦୁଲାଲ ସେନ ଜଗତଦେଓ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମୃତ୍ୟୁଞ୍ଜୟ ମିଶ୍ର, ଭାରପ୍ରାପ୍ତ ଏଲ.ଏମ.ଓ. ଡ. ଲମ୍ବୋଦର ବଳ ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଏହି ଅବସରରେ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମକୁ ସୂଚାରୁ ଭାବେ କରାଇବା ସହିତ ଅଭିଯାନକୁ ସଫଳ କରାଇବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ମାନ୍ୟବର ସାଂସଦ ଶ୍ରୀ ଷଡ଼ଙ୍ଗୀ ଅନୁରୋଧ କରିଥିଲେ ।




# ସମୂହ ଛୁଟିରେ ଗଲେ ପ୍ରାଥମିକ ଶିକ୍ଷକ: ଦାବି ପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇବା ଚେତାବନୀ

ନୀଳଗିରି , ୧୩/୦୯ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ଆନୁକୁଲ୍ୟରେ ସମଗ୍ର ରାଜ୍ୟରେ ୫୬ହଜାର ବିଦ୍ୟାଳୟର ଶିକ୍ଷକ ମାନେ ତାଲା ପକାଇ ସମୂହ ଛୁଟିରେ ଯାଇଛନ୍ତି। ଫଳରେ ପ୍ରାଥମିକ ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏନେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଏବଂ ଏନଏସି ଅଧିନରେ ଥିବା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନେ ଗତ ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ କାଜୁଆଲ ଲିଭ୍ ରେ ଯାଇ ବିଇଓ ଅଫିସ୍ ସମ୍ମୁଖରେ ପ୍ରତିବାଦ ସ୍ୱରୂପ ଦାବୀ ପୂରଣ ପାଇଁ ଧାରଣାରେ ବସିଥିଲେ। ମାତ୍ର ସରକାର ଏ ଦିଗରେ କୌଣସି ଆଗ୍ରହ ଦେଖାଇ ନଥିବା ଉପଲବ୍ଧି କରି ବୁଧବାର ପ୍ରତ୍ୟେକ ବିଦ୍ୟାଳୟରେ ତାଲା ପକାଇବା ସହ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ପାଇଁ ଶିକ୍ଷକ ମାନେ ବାଧହୋଇ ସମୂହ ଛୁଟିରେ ଯାଇଥିବା କହିଛନ୍ତି ଶିକ୍ଷକ ନେତା ବିଜୟ କୁମାର ଦାସ। ଶିକ୍ଷକ ମାନଙ୍କ ପ୍ରମୁଖ ଦାବୀ ମଧ୍ୟରେ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଛଅ ବର୍ଷର ଠିକାସମୟକୁ ମୂଳ ଚାକିରୀରେ ଗଣନା, ୬ଟି ନୋସନାଲ ଏନକ୍ରିମେଣ୍ଟ ପ୍ରଦାନକୁ ସରକାର ଲାଗୁ କରିବା ପାଇଁ ଧାରଣା ଦିଆଯାଇଛି ।କୋମଳମତି ଶିଶୁଙ୍କର ଭବିଷ୍ୟତ ପାଇଁ ତୁରନ୍ତ ଶିକ୍ଷକ ମାନଙ୍କ ନ୍ୟାର୍ଯ୍ୟ ଦାବୀ ପ୍ରତି ଦୃଷ୍ଟି ଦେବା ପାଇଁ ସରକାର ଆଗ୍ରହ ପ୍ରକାଶ କରିବା ଦରକାର ବୋଲି ଅନ୍ୟତମ ଶିକ୍ଷକ ନେତା ଅଭୟ ଦାସ ମତ ରଖିଛନ୍ତି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଭିଭାବକ ସମେତ ଛାତ୍ରଛାତ୍ରୀ ମାନେ ଶିକ୍ଷକ ମାନଙ୍କ ସହିତ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବା ସହିତ ସରକାରଙ୍କୁ ଅଚଳ କରିବେ ବୋଲି ଧାରଣାରତ ଶିକ୍ଷକ/ଶିକ୍ଷୟତ୍ରୀ ମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନକୁ ଅଭୟ ଦାସ, ବିଜୟ ଦାସ, ରମେନ୍ଦ୍ର ଜେନା, ସୁବ୍ରତ ବିଶ୍ୱାଳ, ମହେଶ୍ୱର ଚୌଧୁରୀ, ରମେଶ ପଲେଇ, ଦୀପକ ଦାସ, ବିଶ୍ୱଜିତ୍ ବେହେରା ପ୍ରମୁଖ ବହୁ ଶିକ୍ଷକ ନେତା ପରିଚାଳନା କରିଥିବା ବେଳେ ନୀଳଗିରି ବ୍ଲକ ଓ ଏନଏସି ର ଶହଶହ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦାନ କରି ଧାରଣାରେ ସାମିଲ ଥିଲେ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo